
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୦୩ ଜୁଲାଇ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 04 JULY 2023
Vol.No. 35 ■ No. 174 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ମୋଦିଙ୍କ ଲୋକପ୍ରିୟତା ଆକର୍ଷିତ କଲା: ଅଜିତ୍

### ଆଉ ଥରେ ଦଳ ଠିଆ କରିଦେବି: ଶରଦ



ନୂଆଦିଲ୍ଲୀ,୨/୦୭ : ଦେଶ ବାହାରେ ବି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଶଂସା। ଦେଶ ଭିତରେ ବି ତାଙ୍କରି ପ୍ରଶଂସା। ତାଙ୍କ ନେତୃତ୍ୱାଧୀନ ସରକାର ଗତ ୯ ବର୍ଷ ହେବ ସଫଳତାର ସହ ଦେଶର ବିକାଶକୁ ଆଗକୁ ନେଉଛି। ଏହାକୁ ବିଶ୍ୱାସକୁ ନେବା ପରେ ବିଜେପି ଓ ଶିବସେନା ସରକାର ସହ ହାତ ମିଳାଇଥିବା କହିଛନ୍ତି ମହାରାଷ୍ଟ୍ର ନୂଆ ଉପମୁଖ୍ୟମନ୍ତ୍ରୀ ତଥା ଏନ୍‌ସିପି ନେତା ଅଜିତ୍ ପାୱାର। ଏଥିସହ ସେ ଏନ୍‌ସିପିରେ ରହିବେ, ଏହି ଦଳରୁ ଆଗକୁ ନିର୍ବାଚନ ଲଢ଼ିବେ ଓ ଏହି ଦଳର ଚିହ୍ନ ବ୍ୟବହାର ମଧ୍ୟ କରିବେ ବୋଲି ମଧ୍ୟ ଅଜିତ୍ କହିଛନ୍ତି। ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପରେ ଅଜିତ ପାୱାର ସାମ୍ବାଦିକଙ୍କୁ କହିଛନ୍ତି, ଗତ ପ୍ରାୟ ଅଢ଼େଇ ବର୍ଷ ହେବ ମହାରାଷ୍ଟ୍ରର କିପରି ବିକାଶ କାମ କରିହେବ ସେ ନେଇ ଅଲୋଚନା କରିଥିଲୁ। ତେଣୁ ଏଭଳି ନିର୍ଣ୍ଣୟ ନେଲୁ। ଅନେକ ଲୋକ ଆମକୁ ସମାଲୋଚନା କରିବେ। ହେଲେ ଏସବୁ ନଦେଖି ରାଜ୍ୟ ବିକାଶ ନିମନ୍ତେ ଲକ୍ଷ୍ୟ କରି କାମ କରିବୁ। ଆମର ଅଧିକାଂଶ ବିଧାୟକ ଏହି ନିଷ୍ପତ୍ତିରେ ସନ୍ତୁଷ୍ଟ ଅଛନ୍ତି। ଆମେ ଏନ୍‌ସିପି ଦଳ ସହ ମହାରାଷ୍ଟ୍ର ସରକାରକୁ ସମର୍ଥନ କରିଛୁ। ଆମେ ସମସ୍ତେ ଏନ୍‌ସିପିରୁ ମଧ୍ୟ ନିର୍ବାଚନ ଲଢ଼ିବୁ। ସେହିପରି ସେ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପରେ ଅଧିକାଂଶ ଏନ୍‌ସିପି ବିଧାୟକ ଓ ପୂରା ଦଳ ତାଙ୍କ ସହ ଥିବା ଶ୍ରୀ ପାୱାର କହିଛନ୍ତି। ମନ୍ତ୍ରୀମଣ୍ଡଳରେ ପ୍ରାୟ ୮ ଜଣଙ୍କୁ ସାମିଲ କରାଯିବାକୁ ଥିବା ବେଳେ ଆହୁରି ଅନେକଙ୍କୁ ମନ୍ତ୍ରୀ ମଣ୍ଡଳରେ ସ୍ଥାନ ମିଳିବ। କିଛି ବିଧାୟକ ଏଠାରେ ଥିବା ବେଳେ କିଛି ବିଦେଶରେ ଅଛନ୍ତି। ସେ ଆଜି ମନ୍ତ୍ରୀ ପଦର ଶପଥ ନେଇଥିବା ବେଳେ ପରେ କାହାକୁ କେଉଁ ବିଭାଗ ମନ୍ତ୍ରୀ ପଦ ମିଳିବ ରାଷ୍ଟ୍ରୀୟସ୍ତରରେ ଅଲୋଚନା କରାଯାଇ ପଦକ୍ଷେପ ନିଆଯିବ। ଆଗାମୀ ନିର୍ବାଚନରେ ମେଣ୍ଟ ଦଳଙ୍କ ସହ ଅଲୋଚନା କରି ନିର୍ବାଚନ ଲଢ଼ା ଯିବ। ଆମେ ଯଦି ସରକାର କରିବାକୁ ଶିବସେନା ସହ ରହିପାରିବୁ ତେବେ ବିଜେପି ସହ କାହିଁକି ନୁହେଁ। ଆମେ ରାକାମ୍ପା ବିଧାୟକ ଦଳ ଭାବେ ସିନ୍ଧେ ସରକାରକୁ ସମର୍ଥନ ଦେଇଛୁ। ତେଣୁ ଗତକାଲି ଠାରୁ ବିରୋଧୀ ଦଳ ନେତା ପଦରୁ ଇସ୍ତଫା ଦେଇଥିଲି ବୋଲି ଅଜିତ୍ କହିଛନ୍ତି। ସେପଟେ ଅଜିତ୍‌ଙ୍କ ଏହି ମାଷ୍ଟର ଷ୍ଟ୍ରୋକ ଓ ବିଦ୍ରୋହ ପରେ ଦଳ ଭାଙ୍ଗି ଯିବା ନେଇ ଏନ୍‌ସିପି ନେତା ଶରଦ ପାୱାର ପ୍ରତିକ୍ରିୟା ରଖିଛନ୍ତି। ସେ ବିଜେପି ଉପରେ ବର୍ଷିବା ସହ କହିଛନ୍ତି, ସେ ଦଳକୁ ପୁଣି ଠିଆ କରିଦେବେ। ଅଜିତ୍ କରୁଥିବା ଦାବିର ସତ୍ୟାସତ୍ୟ ଖୁବ୍ ?ଶୀଘ୍ର ସମସ୍ତଙ୍କ ସାମ୍ନାକୁ ଆସିବ। ବିଦ୍ରୋହ ଘଟଣା ଜାଣିବା ପରେ ବିଭିନ୍ନ ଦଳର ନେତା ଫୋନ୍ କରି ତାଙ୍କ ସହ କଥା ହୋଇଛନ୍ତି। ମମତା ବାନାର୍ଜୀ ଓ କଂଗ୍ରେସର ନେତାମାନେ ମଧ୍ୟ ଫୋନ୍ କରିଥିଲେ। ଆସନ୍ତା ୬ ତାରିଖରେ ଦଳୀୟ ବୈଠକ ହେବାର ଥିଲା ଓ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ହେବାର ଥିଲା। ଏଥିସହ କିଛି ଅଦଳବଦଳ ମଧ୍ୟ ହୋଇଥାଆନ୍ତା।

## ରତ୍ନଭଣ୍ଡାର ରାଜ୍ୟ ସରକାରଙ୍କ ସମ୍ପତି ନୁହେଁ : ବିଜୟ ମହାପାତ୍ର

### ରତ୍ନଭଣ୍ଡାର ଖୋଲିବାରେ ବାଧା କେଉଁଠି ?



ଭୁବନେଶ୍ୱର, ୦୨/୦୭ (ନି.ପ୍ର): ରତ୍ନ ଭଣ୍ଡାର ସମ୍ପର୍କରେ ରାଜ୍ୟ ସରକାରଙ୍କ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ଦେଇଥିବା ବକ୍ତବ୍ୟ ପରେ ବରିଷ୍ଠ ବିଜେପି ନେତା ବିଜୟ ମହାପାତ୍ର ରାଜ୍ୟ ସରକାରଙ୍କୁ ଘେରିଛନ୍ତି । ରତ୍ନଭଣ୍ଡାର ଖୋଲିବାରେ ବାଧା କେଉଁଠି ବୋଲି ସେ ପ୍ରଶ୍ନ କରିଛନ୍ତି । ଶ୍ରୀ ମହାପାତ୍ର କହିଛନ୍ତି ଯେ ରାଜ୍ୟ ସରକାର ରତ୍ନଭଣ୍ଡାରର ମାର୍ଫତଦାର, ଏହା ରାଜ୍ୟ ସରକାରଙ୍କ ସମ୍ପତି ନୁହେଁ। ରତ୍ନଭଣ୍ଡାରରେ ମହାପ୍ରଭୁଙ୍କ ସମ୍ପତି ଅଛି। ତେଣୁ ରତ୍ନଭଣ୍ଡାର ଖୋଲିବାରେ ଅସୁବିଧା କେଉଁଠି ରହୁଛି? ସେ କହିଛନ୍ତି ଯେ ମନ୍ତ୍ରୀ କହୁଛନ୍ତି ରତ୍ନଭଣ୍ଡାର ଚାବି ହଜିଛି କି ନାହିଁ ଜାଣି ନାହାନ୍ତି। ରାଜ୍ୟବାସୀ କିନ୍ତୁ ଜାଣିଛନ୍ତି ପ୍ରଥମେ ଚାବି ହଜିଥିଲା । ପରେ ନକଲି ଚାବି ମିଳିଛି । ରାଜ୍ୟ ସରକାର କମିଶନ ବି ଗଠନ କରିଛନ୍ତି। ହେଲେ ମନ୍ତ୍ରୀ କେମିତି ଏଭଳି କହିଲେ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି । ସେ କହିଛନ୍ତି ଯେ ପ୍ରଥମେ କୁହାଗଲା ଯେ ଚାବି ମିଳିଲାନି।

## ସାରା ଦେଶକୁ ଛୁଇଁଲା ମୌସୁମୀ ବାୟୁ: ୧୩ ରାଜ୍ୟରେ ପ୍ରବଳ ବର୍ଷା ନେଇ ଆଲର୍ଟ



ଭୁବନେଶ୍ୱର , ୦୨/୦୭ (ନି.ପ୍ର): ସମ୍ପୂର୍ଣ୍ଣ ଦେଶକୁ ଛୁଇଁଲା ମୌସୁମୀ ବାୟୁ । ଆଜି ସାରା ଦେଶ କୁ ଅଗ୍ରସର ହୋଇଛି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ । ସ୍ୱାଭାବିକ ତାରିଖ ୮ ଜୁଲାଇ ପରିବର୍ତ୍ତେ ୬ ଦିନ ଆଗରୁ ସାରା ଦେଶକୁ ଅଗ୍ରସର ହୋଇଛି ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ । ଆସନ୍ତା ୨୪ ଘଣ୍ଟାରେ ୧୩ ରାଜ୍ୟରେ ପ୍ରବଳ ବର୍ଷା ନେଇ ଆଲର୍ଟ ଜାରି କରିଛି ଭାରତୀୟ ପାଣିପାଗ ବିଭାଗ । ଗତ ୩୦ ଘଣ୍ଟା ଧରି ଗୁଜରାଟରେ ପ୍ରବଳ ବର୍ଷା ଜାରି ରହିଛି । ୧୦ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ବର୍ଷା ଯୋଗୁ ବନ୍ୟା ସ୍ଥିତି ଉପୁଜିଛି । ରିଲିଫ ଏବଂ ଉଦ୍ଧାର କାର୍ଯ୍ୟରେ ଝଉଜର ଏବଂ ଏୟାରଫୋର୍ସକୁ ନିୟୋଜିତ କରାଯାଇଛି । ହିମାଚଳରେ ପ୍ରବଳ ବର୍ଷା ଏବଂ ଭୂସ୍ଖଳନ ଫଳରେ ସପ୍ତାହେ ଭିତରେ ୨ଜଣଙ୍କ ମୃତ୍ୟୁ ହେଲାଣି । ସେପଟେ ଉତ୍ତରାଖଣ୍ଡରେ ପ୍ରବଳ ବର୍ଷା ଯୋଗୁ ଗତ ୧୩ଘଣ୍ଟା ଧରି ବଦ୍ରିନାଥ ଜାତୀୟ ରାଜପଥ ବନ୍ଦ କରି ଦିଆଯାଇଛି ।

## ଟିଏମସି କର୍ମୀଙ୍କୁ ଗୁଳି କରି ହତ୍ୟା

କୋଲକାତା, ୦୨/୦୭ (ନି.ପ୍ର): ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି ଚଳାଇଥିବା ପଶ୍ଚିମବଙ୍ଗରେ ରାଜନୀତିକ ହିଂସା ବଢ଼ିବାରେ ଲାଗିଛି। ଏହିକ୍ରମରେ ଦକ୍ଷିଣ ୨୪ ପ୍ରଗଣାରେ କ୍ଷମତାସୀନ ଟିଏମସିର ଜଣେ କର୍ମୀଙ୍କୁ ଗୁଳି କରି ହତ୍ୟା କରାଯାଇଛି। ବାସନ୍ତୀ ନାମକ ଗୋଟିଏ ଗାଁ ନିକଟ ରାସ୍ତା କଡ଼ରୁ ଟିଏମସି କର୍ମୀଙ୍କ ମୃତଦେହ ମିଳିବା ପରେ ପ୍ରବଳ ଉତ୍ତେଜନା ଦେଖାଯାଇଛି। ପ୍ରାଣ ହରାଇଥିବା ଟିଏମସି କର୍ମୀ ଜଣଙ୍କ ହେଲେ ଜୈରୁଲ ମୋଲ୍ଲା। ଗୁଳି ମାଡ଼ ଯୋଗୁ ସେ ରାସ୍ତା କଡ଼ରେ ପଡ଼ି ରହିଥିଲେ। ସେଠାରୁ ତାଙ୍କୁ ତୁରନ୍ତ ହସ୍ପିଟାଲ ନିଆ ଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ପରିବାର ଲୋକ କହିଛନ୍ତି ଯେ ଜୈରୁଲ ଯୁବ ତୃଣମୂଳ କଂଗ୍ରେସର ସଦସ୍ୟ ଥିଲେ। ତାଙ୍କୁ ନିୟମିତ ଧମକଚମକ ମିଳିବାରେ ଲାଗିଥିଲା। ସେ ରାଜନୀତିକ ଦଳ ସହ ସାମିଲ ହେବାରୁ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ଜୈରୁଲଙ୍କ ପୁଅ କହିଛନ୍ତି, "ମୋ ବାପାଙ୍କର ବହୁତ ଶତ୍ରୁ ଥିଲେ। ତାଙ୍କର ରାଜନୀତିକତା ଶତ୍ରୁତା ଥିଲା। ଗୋଟିଏ ରାଜନୀତିକ ଦଳର ଗୋଷ୍ଠୀ ତାଙ୍କୁ ନିୟମିତ ଧମକଚମକ ଦେଉଥିଲେ। ବିଭିନ୍ନ ନମ୍ବରରୁ ତାଙ୍କ ପାଖକୁ ଧମକପୂର୍ଣ୍ଣ ଫୋନ କଲ ମଧ୍ୟ ଆସୁଥିଲା। ମୋ ବାପା ଟିଏମସି ଯୁବ ବାହିନୀର ସଦସ୍ୟ ଥିଲେ।"

## ଦୁଇ ଟ୍ରକ୍ ମଝିରେ ଚାପି ହୋଇ ଦମ୍ପତିଙ୍କ ମୃତ୍ୟୁ

ଅନୁଗୋଳ, ୦୨/୦୭ (ନି.ପ୍ର): ଦୁଇ ଟ୍ରକ୍ ମଝିରେ ଚାପି ହୋଇ ଦମ୍ପତିଙ୍କ ମୃତ୍ୟୁ ହୋଇଛି। ଆଜି ଅପରାହ୍ନରେ ଏପରି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଅନୁଗୋଳ ଦେଇ ଯାଇଥିବା ୫୫ ନମ୍ବର ଜାତୀୟ ରାଜପଥରେ ଘଟିଛି। ଦୁର୍ଘଟଣା ପରେ କିଛି ସମୟ ପରେ ଜାତୀୟ ରାଜପଥରେ ଉତ୍ତେଜନା ପ୍ରକାଶ ପାଇଥିଲା। ବୁଝାସୁଝା ପରେ ପରିସ୍ଥିତି ଶାନ୍ତ ପଡ଼ିଛି। ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଛି। ବନ୍ତଳା ଥାନା ଗୁଡ଼ଙ୍ଗ ଗାଁର ଅକ୍ଷୟ ବେହେରା ଓ ତାଙ୍କ ସ୍ତ୍ରୀ ମମତା ବେହେରା ଏକ ବାଇକ୍‌ରେ ୫୫ନଂ ଜାତୀୟ ରାଜପଥ ଦେଇ ଅନୁଗୋଳ ଅଭିମୁଖେ ଯାଉଥିଲେ। ଦୁଇ ଟ୍ରକ୍ ମଝିରେ ସେମାନେ ଧୀରେ ଧୀରେ ଯାଉଥିଲେ। ତେବେ ହଠାତ୍ ପଛ ଟ୍ରକ୍‌ଟି ଦ୍ରୁତ ଗତିରେ ସେମାନଙ୍କ ବାଇକକୁ ଧକ୍କା ଦେଇ ଆଗ ଟ୍ରକ୍‌ରେ ପିଟି ହୋଇଯାଇଥିଲା। ଯାହାଫଳରେ ଦୁଇ ଟ୍ରକ୍ ମଝିରେ ଦମ୍ପତି ଚାପି ହୋଇଯାଇଥିଲେ। ଘଟଣାସ୍ଥଳରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ସଦର ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲା। ଦୁର୍ଘଟଣା ଯୋଗୁ କିଛି ସମୟ ପାଇଁ ଗାଡ଼ି ଚଳାଚଳରେ ବ୍ୟାହତ ହୋଇଥିଲା। ଉତ୍ତେଜନା ମଧ୍ୟ ପ୍ରକାଶ ପାଇଥିଲା। ସଦର ଥାନା ପୁଲିସ୍ ଦୁର୍ଘଟଣା ସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ସେପଟେ ଦୁର୍ଘଟଣା ପରେ ଦୁଇ ଟ୍ରକ୍ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ପୁଲିସ ଦୁଇ ଟ୍ରକ୍‌କୁ ଜବତ କରିଥିବା ବେଳେ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି।

## ମଣିପୁର ହିଂସା: ୬୦ଦିନ ପରେ ଖୋଲିଲା ଜାତୀୟ ରାଜପଥ: ବିଷ୍ଣୁପୁରରେ ୩ ଜଣଙ୍କୁ ହତ୍ୟା



ମଣିପୁର,୨/୦୭ : ମଣିପୁର ହିଂସାକୁ ୬୦ ଦିନ ପୂରିଛି। ହେଲେ ଏହାକୁ ନିୟନ୍ତ୍ରଣ କରିବାରେ ସରକାରଙ୍କ ସବୁ ପ୍ରୟାଶ ଫେଲ ମାରିଛି। ଆଜି ଗୋଟିଏ ପଟେ ଭଲ ଖବର ମିଳିଥିବା ବେଳେ ଅନ୍ୟପଟେ ଦୁଃଖଦ ଖବର ଆସିଛି। ଅପରେସନ ସସ୍‌ପେନସନ ଅନ୍ତର୍ଗତ ମଣିପୁରର ଦୁଇ ଉଗ୍ରବାଦୀ ସଂଗଠନ ରବିବାର ଦୀର୍ଘ ୨ ମାସ ଧରି କବ୍‌ଜା କରି ରଖିଥିବା ଜାତୀୟ ରାଜପଥ-୨କୁ ଖାଲି କରିଦେଇଛନ୍ତି। ଏହି ରାଜପଥର କୁକି ସମୁଦାୟ କବ୍‌ଜା କରି ରଖିଥିଲା। ଫଳରେ ଯାତାୟତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ଏନେଇ ୟୁନାଇଟେଡ୍ ପିପୁଲ ଫ୍ରଣ୍ଟ(ୟୁପିଏଫ୍) ଏବଂ କୁକି ନ୍ୟାସନାଲ ଅର୍ଗନାଇଜେସନ (କେଏନ୍‌ଓ) ଏକ ମିଳିତ ବୟାନ ଜାରି ମଧ୍ୟ କରିଛନ୍ତି। ଏହି ଦୁଇ ସଂଗଠନ କହିଛନ୍ତି ଯେ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଶାନ୍ତି ଓ ସଦ୍‌ଭାବ ରଖିବା ନିମନ୍ତେ ଆହ୍ୱାନ ଦେବା ପରେ ଏହାକୁ କାର୍ଯ୍ୟକାରୀ କରିବାକୁ ରାଜପଥ ଅବରୋଧ ହଟାଇ ଦିଆଯାଇଛି। ହେଲେ କୁକି ନାଗରିକ ସମାଜ ସମୂହ କମିଟି ଅନ୍ ଟ୍ରାଇବାଲ ୟୁନିଟ୍ ଏନ୍‌ଏଚ୍-୨କୁ ଅବରୋଧ କରିବାକୁ କରିଥିବା ଘୋଷଣା ନେଇ ଏବେ କୌଣସି ନିଷ୍ପତ୍ତି ହୋଇନି। ସେପଟେ ବିଷ୍ଣୁପୁର ଜିଲ୍ଲା ଅନ୍ତର୍ଗତ ଖୋଜୁମନ୍ତବୀ ଗ୍ରାମରେ ଘଟିଥିବା ହିଂସାରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ଖବର ମିଳିଛି। ଯେତେବେଳେ କି ୫ ଜଣ ଆହତ ହୋଇଛନ୍ତି। ସେମାନଙ୍କ ଭିତରେ ଅନେକ ଅବସ୍ଥା ଗୁରୁତର ରହିଛି। ଶନିବାର ରାତିରେ ଏହି ଘଟଣା ଘଟିଥିବା ବେଳେ ପୁଲିସ ରବିବାର ଏନେଇ ସୂଚନା ଦେଇଛି। ଉଗ୍ରବାଦୀମାନେ ଲୋକଙ୍କ ଘର ଜାଳିଦେଇଥିବା ମଧ୍ୟ ସୂଚନା ମିଳିଛି। ଏହି ଗୁଳିମାଡ଼ ଓ ହିଂସା ଘଟଣା ଜାଣିବା ପରେ ମୁଖ୍ୟମନ୍ତ୍ରୀ ଏନ୍ ବୀରେନ୍ ଘଟଣାସ୍ଥଳକୁ ଯାଇ ସ୍ଥିତି ଯାଞ୍ଚ କରିଛନ୍ତି।

## ପରିବାର ଉଜାଡ଼ିଦେଲା ଫାଇନାନ୍ସ କମ୍ପାନୀ

### ଟ୍ରେନ୍ ଆଗକୁ ଡେଇଁ ପଡ଼ିଲେ ଯୁବକ



ପୁରୀ, ୦୨/୦୭ (ନି.ପ୍ର): ଫାଇନାନ୍ସ କମ୍ପାନୀଙ୍କ ଦାଦାଗିରି ସୀମା ଟପିଲାଣି। ତାଙ୍କ ନିର୍ଯାତନା ସହି ନ ପାରି ଜୀବନ ହାରୁଛନ୍ତି ନିରୀହ ଲୋକେ। କିଏ ରଶି ଲଗାଇ ଝୁଲି ପଡୁଛି ତ କିଏ ଟ୍ରେନ୍ ଆଗକୁ ଡେଇଁ ପଡୁଛି। ଫଳରେ ଛାରଖାର ହୋଇଯାଉଛି ବହୁ ପରିବାର । ଆଜି ଭୋରୁ ପୁରୀଜିଲ୍ଲା କଣାସ ଥାନା ଅନ୍ତର୍ଗତ ଅଁଳାଯୋଡି ଗ୍ରାମର ଏକ ବୃଦ୍ଧ ଦମ୍ପତି ଫାଇନାନ୍ସ କମ୍ପାନୀ କର୍ମଚାରୀଙ୍କ ମାନସିକ ନିର୍ଯାତନାରେ ଅତିଷ୍ଠ ହୋଇ ଝୁଲି ପଡ଼ିଥିବା ବେଳେ ବଲାଙ୍ଗିର ଜିଲ୍ଲା ପୁଇଁତଲା ଥାନା ଅଞ୍ଚଳରେ ବି ସମାନ ଘଟଣା ଦେଖିବାକୁ ମିଳିଛି। ଓଡ଼ିଆପାଲି ଗାଁର ତାରାକାନ୍ତ ସାହୁ ନାମକ ଜଣେ ଡ୍ରାଇଭର ଫାଇନାନ୍ସ କମ୍ପାନୀର ଯାତନା ସହି ନ ପାରି ଟ୍ରେନ୍ ଆଗକୁ ଡେଇଁ ପଡ଼ିଛନ୍ତି। ଫଳରେ ରୋଜଗାରିଆ ପୁଅକୁ ହରାଇ ପରିବାର ଲୋକେ ଭାଙ୍ଗି ପଡ଼ିଛନ୍ତି। କରୋନା କାଳରେ ତାରାକାନ୍ତ ଏକ ଟାଟା ଏସି ଗାଡ଼ି କିଣିବାକୁ ଏକ ଘରୋଇ ଫାଇନାନ୍ସ କମ୍ପାନୀଠୁ ୬୦ ହଜାର ଟଙ୍କା ଲୋନ୍ ଆଣିଥିଲେ। ଗତ ବର୍ଷଠୁ ସେ ସବୁ ଲୋନ୍ ଶୁଝି ଦେଇଥିଲେ। ଏହାସତ୍ତ୍ୱେ କମ୍ପାନୀ କର୍ମଚାରୀ ତାଙ୍କୁ ଫୋନ୍ କରି ଆହୁରି ଟଙ୍କା ଶୁଝିବାକୁ କହୁଥିଲେ। ଫଳରେ ସେ ସବୁବେଳେ ମାନସିକ ଅବସାଦରେ ରହୁଥିବା କହିଛନ୍ତି ପରିବାର ଲୋକେ । ଗତକାଲି ସକାଳେ ସେ କାମରେ ବଲାଙ୍ଗିର ଯାଉଛି କହି ଘରୁ ବାହାରି ଯାଇଥିଲେ। ମାତ୍ର ରାତି ଯାଉ ଆଉ ନ ଫେରିବାକୁ ପରିବାର ଲୋକେ ତାଙ୍କୁ ଖୋଜିଥିଲେ। ଶେଷରେ ଆଜି ସକାଳୁ ଏକ

▶▶ପୃଷ୍ଠା ୭

## ହାତୀ ଦାନ୍ତ ପାଇଁ ହୋଇଥିଲା ଡିଲ୍: ମାଡ଼ି ବସିଲା ବନ ବିଭାଗ



ମୟୂରଭଞ୍ଜ, ୦୨/୦୭ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଶିମିଳିପାଳରେ ଶିକାରୀଙ୍କ ପାଦୁର୍ଭାବ ଦିନକୁ ଦିନ ବଢ଼ିବାରେ ଲାଗିଛି। ପ୍ରାୟ ମାସେରୁ ଊର୍ଦ୍ଧ୍ୱ ସମୟ ହେବ ବନ କର୍ମଚାରୀ ଶିମିଳିପାଳରେ ପାଟ୍ରୋଲିଂ ବନ୍ଦ କରି ଦେଇଥିବା ବେଳେ ତାହା ଶିକାରୀଙ୍କୁ ଖୁବ୍ ସୁହାଉଛି। ଶିମିଳିପାଳ ପାଦଦେଶରେ ଥିବା ଯଶିପୁରର ଜାମୁକେଶ୍ୱର ଗାଁରୁ ଆଜି ୪ଟି ହାତୀ ଦାନ୍ତ ଜବତ ହୋଇଛି। ଏହି ଘଟଣାରେ ୫ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ହାତୀଦାନ୍ତ ଚୋରାଚାଲାଣ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିବା ପରେ ଆଜି ଭୋରରୁ ଏହି ଚଢ଼ାଉ ହୋଇଥିଲା। ଉତ୍ତର ଶିମିଳିପାଳ ଡେପୁଟି ଡାଇରେକ୍ଟର ଦକ୍ଷିଣ ଡିଭିଜନଙ୍କ ନେତୃତ୍ୱରେ ଶିମିଳିପାଳ ଦକ୍ଷିଣ, ସିମିଳିପାଳ ଉତ୍ତର ଏବଂ ରାଇରଙ୍ଗପୁର ଡିଭିଜନର ଇଉଉ, ରେଞ୍ଜ ଅଫିସର ଓ ବନ କର୍ମଚାରୀଙ୍କୁ ନେଇ ଏହି ଚଢ଼ାଉ ହୋଇଥିଲା। ଚଢ଼ାଉ ସମୟରେ ଜଣେ ବ୍ୟକ୍ତିଙ୍କ ଘରୁ ୪ଟି ହାତୀ ଦାନ୍ତ ଜବତ କରାଯାଇଥିବା ବେଳେ ଏଥିରେ ସମ୍ପୃକ୍ତି ଅଭିଯୋଗରେ ୫ ଜଣଙ୍କୁ ବାନ୍ଧିଛି ବନ ବିଭାଗ ।

▶▶ପୃଷ୍ଠା ୭

## ମାଗଣା ଯୋଜନା ନେଇ ବିଜେପି-କଂଗ୍ରେସ ଲଢ଼େଇ: ସତର୍କ କରାଇଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୨/୦୭ : ତଥାକଥିତ ମାଗଣା ଯୋଜନାକୁ ନେଇ ଲୋକଙ୍କୁ ସତର୍କ କରାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସେ ବିରୋଧୀଙ୍କୁ ମଧ୍ୟ ସମାଲୋଚନା କରିବାକୁ ପଛାଇ ନାହାନ୍ତି। ମଧ୍ୟପ୍ରଦେଶରେ ଗୋଟିଏ ନୂଆ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଉଦଘାଟନା କରିବା ବେଳେ ପ୍ରଧାନମନ୍ତ୍ରୀ ମୋଦି ବିରୋଧୀ ଘୋଷଣା କରୁଥିବା ମାଗଣା ଯୋଜନାକୁ ଟାର୍ଗେଟ କରିଛନ୍ତି। ମାଗଣା ପାଣି, ବିଜୁଳି ଓ ତୀର୍ଥ ଯାତ୍ରା ଯୋଜନା ଘୋଷଣା କରି କଂଗ୍ରେସ କର୍ଣ୍ଣାଟକାରେ ବିଜେପିକୁ କ୍ଷମତାଚ୍ୟୁତ କରିଥିଲା। ଆଗକୁ ମଧ୍ୟ ପ୍ରଦେଶ ନିର୍ବାଚନ ଥିବା ବେଳେ କଂଗ୍ରେସ ଏଠାରେ କର୍ଣ୍ଣାଟକା ମଡେଲ ଉପସ୍ଥାପନ କରିବାକୁ ଯୋଜନା କରିଛି। ମଧ୍ୟପ୍ରଦେଶରେ ଏବେ ବିଜେପି ଓ କଂଗ୍ରେସ ମାଗଣା ଯୋଜନାକୁ ନେଇ ମୁହାଁମୁହିଁ ହୋଇଛନ୍ତି। ବିଜେପି ପକ୍ଷରୁ ବରିଷ୍ଠ ନାଗରିକଙ୍କ ପାଇଁ ମାଗଣା ତୀର୍ଥ ଯାତ୍ରା, ମହିଳାଙ୍କୁ ମାସିକ ୧ ହଜାର ଟଙ୍କାର ଭତ୍ତା ଓ ଚାଷୀଙ୍କୁ ବର୍ଷକୁ ୬ ହଜାର ଟଙ୍କା ଦେବାକୁ ଘୋଷଣା କରାଯାଇଛି। କଂଗ୍ରେସ ମଧ୍ୟ ସେମିତି କିଛି ଘୋଷଣା କରିଛି। ଦୁଇ ଦଳ ମାଗଣା

▶▶ପୃଷ୍ଠା ୭

# ଜାତୀୟ ଡାକ୍ତର ଦିବସ ଓ ବନ ମହୋତ୍ସବ ସପ୍ତାହ ଅବସରରେ ସବୁଜ ଭାରତ ତରଫରୁ ବୃକ୍ଷରୋପଣ

ଭୁବନେଶ୍ୱର, ୦୨/୦୭ (ନି.ପ୍ର): ଜାତୀୟ ଡାକ୍ତର ଦିବସ ଓ ବନମହୋତ୍ସବ ସପ୍ତାହ ପାଳନ ଅବସରରେ ଓଡ଼ିଶାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ 'ସବୁଜ ଭାରତ' ତରଫରୁ ଭୁବନେଶ୍ୱରସ୍ଥିତ ଅଭିନ୍ନଚନ୍ଦ୍ର ହୋମିଓପାଥି କଲେଜ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସବୁଜ ଭାରତର ସଭାପତି ସତ୍ୟବ୍ରତ ଜେନାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭଣ୍ଡାରୀପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ସମ୍ମାନିତ ଅତିଥି ରୂପେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ୩୫ ନମ୍ବର ୱାର୍ଡ଼ର କର୍ପୋରେଟର ରଞ୍ଜୁଲତା ରାୟ, ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ପରାମର୍ଶଦାତା ଦୁର୍ଗା ସାମନ୍ତରାୟ, ଇଂ ଲଳିତ ମୋହନ ପଟ୍ଟନାୟକ, ସମାଜସେବୀ ମଧୁସୂଦନ ଦାସ ଏବଂ ହୋମିଓପାଥି କଲେଜର ପ୍ରିନ୍ସପାଲ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି, ପୂର୍ବତନ ପ୍ରିନ୍ସପାଲ ପ୍ରଫେସର ସୁଧୀର କୁମାର ଦାସ, ଡ. ନିର୍ମଳ ମହାପାତ୍ର, ଡ. କେ.ସି ସାହୁ, ପ୍ରଫେସର ଜି.ବି ପାଣିଗ୍ରାହୀ, ପ୍ରଫେସର ଅକ୍ଷୟ କୁମାର ମିଶ୍ର, ଡ. ପ୍ରଭାତ କୁମାର ପଟ୍ଟନାୟକ ଏବଂ କଲେଜର ସମସ୍ତ ଶିକ୍ଷକ କର୍ମଚାରୀ, ଛାତ୍ର, ପ୍ରମୁଖ ଯୋଗ ଦେଇଥିଲେ। ସାମ୍ପ୍ରତିକ ସମୟରେ ବିକାଶ ନାମରେ ଯେଉଁଭଳି ଭାବରେ ଗଛକଟା ଚାଲିଛି ତାହା ଜୀବଜଗତକୁ ବିନାଶ ମୁହଁକୁ ଠେଲିଦେଉଛି। ଗଛଲତାର ଅଭାବ ଯୋଗୁ ଦିନକୁ ଦିନ ଅସହ୍ୟ ଗ୍ରୀଷ୍ମପ୍ରବାହର ସମ୍ମୁଖୀନ ହେବାକୁ ପଡୁଛି, ଏହାଦ୍ୱାରା ଅଂଶୁଘାତ ଜନିତ ମୃତ୍ୟୁ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ବୃକ୍ଷ ଛେଦନ ଫଳରେ ଉଭୟ ଜୀବଜଗତ ଓ ପ୍ରାଣୀଜଗତ ଆଜି ବିପନ୍ନ ଅବସ୍ଥାରେ। ବ୍ୟାପକ ବୃକ୍ଷରୋପଣ ହିଁ ଉତ୍ତପ୍ତ ପୃଥିବୀକୁ ଶୀତଳ କରିବା ସହିତ ଜଳବାୟୁ ପରିବର୍ତ୍ତନ, ପରିବେଶ ସୁରକ୍ଷା ସହ ଜୀବଜଗତ ଓ ପ୍ରାଣଜଗତକୁ ସୁରକ୍ଷିତ ରଖିବାରେ ସହାୟକ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସେହିପରି ବୃକ୍ଷ ଓ ମନୁଷ୍ୟ ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ ଭଳି। ବୃକ୍ଷ ବିନା ମଣିଷ ବଂଚିବା ଅସମ୍ଭବ। ଉତ୍ତାପ ବୃଦ୍ଧି ଓ ପରିବେଶ ପ୍ରଦୂଷଣ ଜୀବଜଗତକୁ ବିପନ୍ନ କରିଦେଇଛି। ଫଳରେ ସାଧାରଣ ଜନତା ନୂଆ ନୂଆ ରୋଗର ଶିକାର ହେଉଛନ୍ତି। ଏସବୁକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ଗୋଟିଏ ଗଛ ଲଗାଇ ତାର ଯତ୍ନ ନେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ସତ୍ୟବ୍ରତ ଜେନାଙ୍କ ଜନ୍ମଦିନ ଏବଂ ଜାତୀୟ ଡାକ୍ତର ଦିବସ ପାଳନ ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୩୫ ଜଣ ଡାକ୍ତରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମନୋଜ କୁମାର ଦାସ, ମନୋଜ କୁମାର ନାୟକ, ପ୍ରିୟଙ୍କା ଦାସ, ଅଳକା ମହାନ୍ତି, ପାଲା ଗାୟକ ସୁରେନ୍ଦ୍ର ଛୋଟରାୟ ପ୍ରମୁଖ ଯୋଗଦେଇ ସବୁଜ ସୁନ୍ଦର ପୃଥିବୀ ଗଠନ ଉଦ୍ଦେଶ୍ୟରେ ବୃକ୍ଷରୋପଣ କରିଥିଲେ। ଶେଷରେ ଡ. ରାଜେନ୍ଦ୍ର କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ତ୍ରିପୁରା ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସଂସ୍କୃତି ନିର୍ଦ୍ଦେଶକ



ଭୁବନେଶ୍ୱର , ୦୨/୦୭ (ନି.ପ୍ର): ତ୍ରିପୁରାରେ ବାହୁଡ଼ାଯାତ୍ରା ଦିନ ଘଟିଥିବା ଅଘଟଣରେ ୭ ଜଣ ମୃତ୍ୟୁବରଣ କରିବା ସହ ବହୁ ଲୋକ ଆହତ ହୋଇଥିଲେ। ଏହା ପରେ ମୁଖ୍ୟନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସଂସ୍କୃତି ତଥା ଓଡ଼ିଶା ମୋ ପରିବାର ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାୟ ଘଟଣାର ଅନୁଧ୍ୟାନ କରିବା ପାଇଁ ତ୍ରିପୁରା ଯାଇଥିଲେ। ସେ ଅଗରତାଲାରେ ପହଞ୍ଚି ଜିବି ପନ୍ତ ସରକାରୀ ମେଡିକାଲ କଲେଜ୍‌କୁ ଯାଇ ଆହତମାନଙ୍କୁ ଭେଟିଥିଲେ। ମୃତାହତଙ୍କ ମଧ୍ୟରେ କୌଣସି ଓଡ଼ିଆ ବ୍ୟକ୍ତି ନଥିବା ଜଣାପଡ଼ିଥିଲା। ପରେ ଶ୍ରୀ ରାଉତରାୟ ତ୍ରିପୁରା ସଚିବାୟଳୟରେ ମୁଖ୍ୟମନ୍ତ୍ରୀ ମାନିକ୍ ଶାହ ଓ ଭାରପ୍ରାପ୍ତ ମୁଖ୍ୟ ଶାସନ ସଚିବ ପୁନିତ ଅଗ୍ରୱାଲଙ୍କୁ ଭେଟିଥିଲେ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ତତ୍‌କାଳ ଉଦ୍‌ବେଗ ପ୍ରକାଶ କରି ରାଜ୍ୟର ଅଧିକାରୀଙ୍କୁ ପଠାଇଥିବାରୁ ମୁଖ୍ୟମନ୍ତ୍ରୀ ଶ୍ରୀ ଶାହ କୃତଜ୍ଞତା ଜଣାଇଥିଲେ। ପରେ ଶ୍ରୀ ରାଉତରାୟ ସେଠାରେ ପ୍ରବାସୀ ଓଡ଼ିଆଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

# ଓଡ଼ିଶା ରାଜ୍ୟ ଗୃହନିର୍ମାଣ ସଂସ୍ଥାରେ କାଗଜଶୂନ୍ୟ ପରିଚାଳନା ବ୍ୟବସ୍ଥାର ଶୁଭାରମ୍ଭ

ଭୁବନେଶ୍ୱର, ୦୨/୦୭ (ନି.ପ୍ର): ଓଡ଼ିଶା ରାଜ୍ୟ ଗୃହନିର୍ମାଣ ସଂସ୍ଥାରେ ଅଫିସ୍ କାର୍ଯ୍ୟ ସମ୍ପାଦନ ପାଇଁ ପ୍ରଚଳିତ ଥିବା କାଗଜ ନଥିର ଉପଯୋଗ ବଦଳରେ, ବୈଷୟିକ କୌଶଳ ଆଧାରିତ "ଓସ୍ୱାସ୍"ର ଉପଯୋଗ କରାଯିବାକୁ ସ୍ଥିର କରାଯାଇଛି। ସଂସ୍ଥାର ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ ଆଜି ଅପରାହ୍ଣରେ, ଏହାର ମୁଖ୍ୟ ଦପ୍ତର 'ଗୃହ ନିର୍ମାଣ ଭବନ'ରେ "ଓସ୍ୱାସ୍" ଢାଂଚା, ସଂସ୍ଥାରେ ପ୍ରୟୋଗ ଉଦ୍ଦେଶ୍ୟରେ ଏହାର ଉଦ୍‌ଘାଟନ କରିଥିଲେ। ଶ୍ରୀ ସିଂଦେଓ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ ଯେ, ରାଜ୍ୟ ସରକାରଙ୍କର '୫-ଟି' ସୂତ୍ର ଆଧାରରେ, ସଂସ୍ଥା ପରିଚାଳନା ପାଇଁ ଅତ୍ୟାଧୁନିକ ଡିଜିଟାଲ ବୈଷୟିକ ଜ୍ଞାନକୌଶଳର ଉପଯୋଗ ହେବା ଦ୍ୱାରା ସମସ୍ତ ହିତାଧିକାରୀମାନେ ତ୍ୱରିତ ସେବା ପାଇପାରିବେ। ଅଗାମୀ ଦିନରେ ସଂସ୍ଥାର କର୍ମଚାରୀମାନଙ୍କର ଉତର ଦାୟିତ୍ୱ ବଢିବ। ଏହି ଉଦ୍‌ଘାଟନୀ ଉତ୍ସବର ଅନ୍ୟତମ ଅତିଥି ଭାବେ ସଂସ୍ଥାର ପରିଚାଳନା ନିର୍ଦ୍ଦେଶିକା ସାଗରିକା ପଟ୍ଟନାୟକ, ଆଇ.ଆର.ପି.ଏସ୍ ଉପସ୍ଥିତ ଥିଲେ। ସଂସ୍ଥାର ମୁଖ୍ୟ ଯନ୍ତ୍ରୀ ଲୋକନାଥ ମହାପାତ୍ର, ବିତ ଉପଦେଷ୍ଟା ପୁଷ୍ପାଞ୍ଜଳୀ ତ୍ରିପାଠୀଙ୍କ ସହ ଅନ୍ୟ ବରିଷ୍ଠ ପଦାଧିକାରୀ ଓ 'ଓସ୍ୱାସ୍'ର ରାଜ୍ୟ ସଂଯୋଜକ ରାକେଶ କୁମାର ସାହୁଙ୍କ ସମେତ ସଂସ୍ଥାର କର୍ମଚାରୀମାନେ ଏହି ଉଦ୍‌ଘାଟନ ବୈଠକରେ ସାମିଲ୍ ହୋଇଥିଲେ।

# ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ଡେଙ୍ଗୁ ଆକ୍ରାନ୍ତ: ୧୨ ଜିଲ୍ଲାରେ ଏ ଯାଏ ଚିହ୍ନଟ ହୋଇନାହାନ୍ତି ଆକ୍ରାନ୍ତ



ଭୁବନେଶ୍ୱର , ୦୨/୦୭ (ନି.ପ୍ର): ରାଜ୍ୟରେ ଧୀରେ ଧୀରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି। ବର୍ତ୍ତମାନସୁଦ୍ଧା ରାଜ୍ୟରେ ୧୭୫ଜଣ ଡେଙ୍ଗୁ ରୋଗୀଙ୍କୁ ଚିହ୍ନଟ କରାଯାଇଥିବା ବେଳେ ତହିଁରୁ ଅଧାରୁ ଅଧିକ ହେଉଛନ୍ତି ଖୋର୍ଦ୍ଧା ଜିଲ୍ଲାର। ଗତ କିଛିବର୍ଷ ହେବ ଭୁବନେଶ୍ୱର ସମେତ ରାଜ୍ୟରେ ଡେଙ୍ଗୁ ଲୋକଙ୍କୁ କଲବଲ କରୁଛି। ଏବେ ବର୍ଷା ଋତୁ ଆରମ୍ଭ ହୋଇଯାଇଥିବା ବେଳେ ଆଗକୁ ଆକ୍ରାନ୍ତଙ୍କ ସଂଖ୍ୟା ଆହୁରି ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି। ପ୍ରତିବର୍ଷ ଜୁଲାଇରୁ ସେପଟ୍ଟେମ୍ବର ମାସରେ ଡେଙ୍ଗୁର ପ୍ରଭାବ ଅଧିକ ରହିଥାଏ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ଅନୁସାରେ ରାଜ୍ୟରେ ୧୧,୪୪୬ ନମୁନା ପରୀକ୍ଷା ହୋଇଛି। ଏଥିରେ ୧୮୫ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। କେବଳ ଖୋର୍ଦ୍ଧା ଜିଲ୍ଲାରୁ ୯୬ ରୋଗୀ ଚିହ୍ନଟ ହୋଇଥିବା ବେଳେ ଏଥିରେ ଭୁବନେଶ୍ୱରରୁ ୩୬ଜଣ ରୋଗୀ ରହିଛନ୍ତି। ଏହାବାଦ୍ ଯାଜପୁର ୧୨, କଟକ ୧୧, ବାଲେଶ୍ୱର ଓ ପୁରୀରୁ ୧୦ ଲେଖାଏ ଚିହ୍ନଟ ହୋଇଛନ୍ତି। ରାଜ୍ୟର ୧୨ଟି ଜିଲ୍ଲାରେ ଏ ଯାଏ ବି ଜଣେ ହେଲେ ଆକ୍ରାନ୍ତ ଚିହ୍ନଟ ହୋଇନାହାନ୍ତି। ତେବେ ଗତବର୍ଷ ଏହି ସମୟରେ ଖୋର୍ଦ୍ଧା ଜିଲ୍ଲାରେ ୮୨ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଭୁବନେଶ୍ୱରର ନୂଆପଲ୍ଲୀ, ସହିଦନଗର, ଭୀମଟାଙ୍ଗୀ ଆଦି ଅଞ୍ଚଳରୁ ଅଧିକାଂଶ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଛି। ଡେଙ୍ଗୁର ମୁକାବିଲା ପାଇଁ ସବୁ ଜିଲ୍ଲାକୁ ଏସଓପି ଜାରି କରାଯାଇଛି। ଏହାସହ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ କେନ୍ଦ୍ର ସରକାରଙ୍କୁ ରାଜ୍ୟରେ ଡେଙ୍ଗୁ ପ୍ରସ୍ତୁତି ନେଇ ଅବଗତ କରାଇଛନ୍ତି। ଡେଙ୍ଗୁ ସଂକ୍ରମଣକୁ ଦୃଷ୍ଟିରେ ରଖି କ୍ୟାପିଟାଲ ହସ୍ପିଟାଲରେ ସ୍ୱତନ୍ତ୍ର ୱାର୍ଡ ଖୋଲାଯାଇଛି। ଭୁବନେଶ୍ୱରରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ମୁକାବିଲା ପାଇଁ ପରିମଳ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଉଛି। ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା.ନିରଞ୍ଜନ ମିଶ୍ର କହିଛନ୍ତି, ଗତବର୍ଷ ତୁଳନାରେ ଚଳିତବର୍ଷ ଦୁଇଗୁଣା ଲୋକଙ୍କ ଡେଙ୍ଗୁ ପରୀକ୍ଷା କରାଯାଇଛି। ୪୦ଟି ସେଣ୍ଟିନେଲ ସାଇଟ୍‌ରେ ଏଲିଶା ପଦ୍ଧତିରେ ପରୀକ୍ଷା କରାଯାଉଛି। ପର୍ଯ୍ୟାପ୍ତ ପରିମାରଣ ଶଯ୍ୟା ଓ ଔଷଧ ସଂରକ୍ଷିତ ରଖିବା ପାଇଁ ଜିଲ୍ଲା ପ୍ରଶାସନ ଓ ମେଡିକାଲ କଲେଜଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ରକ୍ତ ଓ ପ୍ଲାଟିଲେଟ ମହଜୁଦ ରଖିବାକୁ ରକ୍ତ ଭଣ୍ଡରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଲୋକମାନେ ସଚେତନ ରହିବାର ଆବଶ୍ୟକତା ରହିଛି ବୋଲି ଡା.ମିଶ୍ର ପରାମର୍ଶ ଦେଇଛନ୍ତି।

# ରାଜଧାନୀରେ ଡେଙ୍ଗୁ ସ୍ଥିତି ଜଟିଳ: ସତର୍କ ରହିବାକୁ ପରାମର୍ଶ ଦେଲା ବିଏମସି

ଭୁବନେଶ୍ୱର, ୦୨/୦୭ (ନି.ପ୍ର): ରାଜଧାନୀରେ ଦିନକୁ ଦିନ ଡେଙ୍ଗୁ ସ୍ଥିତି ଜଟିଳ ହେଉଛି। ରାଜଧାନୀର ଆଇଆରସି ଭିଲେଜ, ସାଲିଆ ସାହି ଏବଂ ଓଲଡ ଟାଉନ ଚଳିତବର୍ଷର ନୂଆ ହଟସ୍ପଷ୍ଟ ପାଲଟିଛି। ଏନେଇ ବିଏମସି ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏନେଇ ଭୁବନେଶ୍ୱର ମେୟର୍ ସୁଲୋଚନା ଦାସ କହିଛନ୍ତି, ରାଜଧାନୀର ବିଭିନ୍ନ ସ୍ଥାନରେ ସଫେଇ କାର୍ଯ୍ୟକ୍ରମ ଜାରି ରହିଛି। ଆଜି ଏଜି ଛକ ଆଖପାଖ ଅଞ୍ଚଳରେ ବିଏମସି ଟିମ ସଫେଇ କରିଛି। ରାଜଧାନୀରେ କିଛି କିଛି ସ୍ଥାନରେ ଡେଙ୍ଗୁ ବ୍ୟାପିଥିବା ଖବର ଅଛି। ସାଲିଆ ସାହି, ଓଲଡ ଟାଉନ, ଆଇଆରସି ଭିଲେଜ ହଟସ୍ପଟ୍ ପାଲଟିଛି। ଉକ୍ତ ଅଞ୍ଚଳରେ ଡେଙ୍ଗୁ କିପରି ଅଧିକ ନ ବ୍ୟାପିବ ସେନେଇ ଫଗିଂ କରାଯାଉଛି। ସମ୍ବେଦନଶୀଳ ଅଞ୍ଚଳରେ ସଫେଇକୁ ତ୍ୱରାନ୍ୱିତ କରାଯାଉଛି। ସମୂହ ସଫେଇ ମାଧ୍ୟମରେ ଏହାକୁ ପ୍ରତିହତ କରାଯାଇପାରିବ। ମଶା ଔଷଧ, ବ୍ଲିଚିଂ ପକାଯାଉଛି। ଗତବର୍ଷ ଭୁବନେଶ୍ୱରର ଅଧିକ ସ୍ଥାନରେ ଡେଙ୍ଗୁ ବ୍ୟାପିଥିଲା। କିନ୍ତୁ ଏବର୍ଷ ସେପରି ସ୍ଥିତି ନାହିଁ। ବିଏମସି ୨୦ଟି ଫଗିଂ ମେସିନ ମଗାଇଛି । ଏବେ ଭୁବନେଶ୍ୱରରେ ଦୁଇଟି ସ୍ଥାନରେ ଡେଙ୍ଗୁ ରକ୍ତ ପରୀକ୍ଷା କରାଯାଉଛି। ଏହା ବ୍ୟତୀତ ୨୨ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରୀକ୍ଷା ପାଇଁ ଲୋକେ ରକ୍ତ ଦେଇପାରିବେ। ଏଣେ ମହାନଗର ଅତିରିକ୍ତ କମିସନର ସୂର୍ଯ୍ୟବଂଶୀ ମୟୁର ବିକାଶ କହିଛନ୍ତି, ରାଜଧାନୀ ବାସିନ୍ଦାଙ୍କୁ ସତର୍କ ହେବାକୁ ହେବ। ନିଜ ଅଞ୍ଚଳ ସଫା କରିବାକୁ ପଡ଼ିବ। ଫଗିଂ ବିଭିନ୍ନ ସ୍ଥାନରେ ଚାଲିଛି। ନୂଆ ମେସିନ ଆସିବା ପରେ ଦିନ ହିସାବରେ ଟାର୍ଗେଟେଡ ଫଗିଂ କରାଯିବ। ସମ୍ବେଦନଶୀଳ ସ୍ଥାନରେ ପ୍ରାଥମିକତା ଭାବେ ଫଗିଂ କରାଯିବାକୁ ଯୋଜନା ରହିଛି।

# ଦାଦନ ଯନ୍ତ୍ରଣା: ୨ ହାତ ହରାଇ ଫେରିଲେ ଯୁବକ



ବାଲିଗୁଡ଼ା : ରୋଜଗାର ପାଇଁ ଘରେ କାହାକୁ ନକହି ଦାଦନ ଖଟିବାକୁ ଯାଇଥିଲେ ଅଙ୍ଗଦ। ଗଲାବେଳେ ୮ ହଜାର ଅଗ୍ରିମ ମିଳିଥିବା ବେଳେ ସେଠାକୁ ଗଲାପରେ ଆହୁରି ଅଧିକ ଟଙ୍କା ମିଳିବ ବୋଲି ପ୍ରଲୋଭନ ଦେଇଥିଲା ଦଲାଲ୍। ପରିବାର ଲୋକଙ୍କୁ କିଛି ନକହି ଦଲାଲ କଥାରେ ପଡ଼ି ଚାଲିଯାଇଥିଲେ ଗୁଜରାଟ। ହେଲେ ଏବେ ଦୁଇ ହାତ କଟା ଅବସ୍ଥାରେ ଘରକୁ ଫେରିଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଏନ୍‌ଏସିର ୨ ନମ୍ବର ୱାର୍ଡ଼ ଡହଲପଡ଼ି ସାହିର ଅଙ୍ଗଦ ମଳିକ (୨୨)ଙ୍କ କ୍ଷେତ୍ରରେ। ଗତ ଏପ୍ରିଲ ୨୭ରେ ଅଙ୍ଗଦ ଗ୍ରାମର ରବି ସାହାଣି ନାମକ ଯୁବକଙ୍କ ପ୍ରଲୋଭନରେ ପଡ଼ି ଗୁଜରାଟ ପଳାଇଥିଲେ ବୋଲି କହିଛନ୍ତି। ହେଲେ ଦୁଇ ହାତ ହରାଇ ପଙ୍ଗୁ ହୋଇ ଫେରିବେ, ଏ କଥା ଜାଣି ନଥିଲେ। ଅଙ୍ଗଦ ଗୁଜରାଟର କଚ୍ଛ ଜିଲ୍ଲା ଭୁଜ୍ ତାଲୁକା ପାଲାରାସ୍ଥିତ ଏକ ସେବାଶ୍ରମରେ ଚିକିତ୍ସାଧୀନ ଅବସ୍ଥାରେ ଥିବା ବେଳେ ପରିବାର ଲୋକେ ସେଠାରୁ ଯାଇ ତାଙ୍କୁ ଆଣିଛନ୍ତି। ଅଙ୍ଗଦ ବିବାହିତ ଓ ତାଙ୍କର ଝିଅଟିଏ ଅଛି। ଏଭଳି ଅବସ୍ଥାରେ ସେ କିଭଳି ପରିବାର ଚଳାଇବେ ସେହି ଚିନ୍ତାରେ ପଡ଼ିଛନ୍ତି। ଅଙ୍ଗଦ କାହାକୁ ନକହି ପଳାଇବା ପରେ ଘରଲୋକେ ଖୋଜାଖୋଜି କରିଥିଲେ। ହେଲେ କିଛି ସନ୍ଧାନ ନପାଇ ଦୁଇଦିନ ପରେ ବାଲିଗୁଡ଼ା ଥାନାରେ ଅଙ୍ଗଦ ଗ୍ରାମର ରବି ସାହାଣୀ ସହିତ କୁଆଡ଼େ ପଳାଇଥିବା ନେଇ ନିଖୋଜ ଏତଲା ଦେଇଥିଲେ। ପୁଲିସ ଏହି ମାମଲାରେ ଖୋଜାଖୋଜି ଚଳାଇଥିବା ବେଳେ ଗତ ଜୁନ ୨୨ ତାରିଖରେ ଗୁଜରାଟ କଚ୍ଛ ଜିଲ୍ଲା ଭୁଜ୍ ତାଲୁକା ପାଲାରାର ସ୍ୱେଚ୍ଛାସେବୀ ଋତୁବେନ୍ ବର୍ମା ଦୁର୍ଘଟଣାର ଶିକାର ହୋଇ ଅଙ୍ଗଦ ଚିକିତ୍ସିତ ହେଉଥିବା ସେ ବାଲିଗୁଡ଼ା ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ଠାରୁ ସୂଚନା ପାଇ ଅଙ୍ଗଦଙ୍କ ଭାଇ ରତ୍ନାକର ମଳିକ ଓ ଭିଣୋଇ ରଂଜିତ ମଳିକ ସେଠାକୁ ଯାଇ ତାଙ୍କୁ ଘରକୁ ଆଣିଥିବା ଜଣାପଡ଼ିଛି। ଅଙ୍ଗଦଙ୍କ କହିବା ପ୍ରକାରେ, ସେ ଟ୍ରେନ୍‌ରୁ ଓହ୍ଲାଇବା ପରେ ତାହା କେଉଁ ଜାଗା ଜାଣିନଥିଲେ। ତାଙ୍କୁ ସାଙ୍ଗରେ ନେଇଥିବା ରବି ପାଖରୁ ଆସୁଛି କହି ପଳାଇ ଯାଇଥିବା ବେଳେ ଆଉ ଫେରି ନଥିଲେ। ଏତିକି ବେଳେ କିଛି ଯୁବକ ଆସି ତାଙ୍କୁ ମାଡ଼ ମାରି ଅଚେତ କରି ଦେଇଥିଲେ ଓ ସେ ଚେତା ଫେରିବା ବେଳକୁ ସେବାଶ୍ରମ ଶଯ୍ୟାରେ ଚିକିତ୍ସିତ ହେଉଥିବା ଓ ତାଙ୍କ ଦୁଇହାତ ନଥିବା ଜାଣିବାକୁ ପାଇଥିଲେ। ସେବାଶ୍ରମର କର୍ମଚାରୀଙ୍କୁ ଘର ଠିକଣା କହିବା ପରେ ପରିବାର ଲୋକେ ପହଞ୍ଚି ଫେରାଇ ଆଣିଥିବା ସେ କହିଛନ୍ତି। ଏ ବାବଦରେ ଅଧିକ ତଦନ୍ତ କରାଯାଉଛି ବୋଲି ବାଲିଗୁଡ଼ା ଥାନାଧିକାରୀ ବାବାଶଙ୍କର ସରାଫ କହିଛନ୍ତି।

## ଜାତିଆଣ ଆକ୍ଷେପକାରୀଙ୍କୁ ଗିରଫ ଦାବି

ବଲାଙ୍ଗୀର, ୦୨/୦୭ (ନି.ପ୍ର): ସାମାଜିକ ଗଣମାଧ୍ୟମରେ ଦଳିତ ସମାଜକୁ ନେଇ ଜାତିଆଣ ଆକ୍ଷେପ କରିଥିବା ତଥା ଅଶାଳୀନ ମନ୍ତବ୍ୟ ଦେଇଥିବା ପ୍ରଦୀପ କୁମାର ପରୁଆ ନାମକ ଜଣେ ଯୁବକଙ୍କୁ ଗିରଫ କରିବା ଦାବିରେ ଜିଲ୍ଲାର ଦଳିତ ସଂଗଠନମାନଙ୍କୁ ତରଫରୁ ବଲାଙ୍ଗୀର ଆଦର୍ଶ ଥାନାରେ ଏତଲା ଦିଆଯାଇଛି । ଜିଲ୍ଲା ଦଳିତ ସମାଜ ( ଯୁବ ଶାଖା) ଓ ପଶ୍ଚିମ ଓଡିଶା ଲକ୍ଷେଘର ଗଣ୍ଡା ସମାଜ ତରଫରୁ ଥାନା ଘେରାଉ କରାଯିବା ସହ ବିଭିନ୍ନ ପ୍ରକାର ନାରାବାଜୀ କରାଯାଇଥିଲା । ଉଭୟ ସଂଗଠନ ତରଫରୁ ପୃଥକ ପୃଥକ ଭାବରେ ଦୁଇଟି ଏତଲା ଥାନାରେ ଦିଆଯାଇଛି । ଏତଲାରେ ଦର୍ଶାଯାଇଛି ଯେ , ପ୍ରଦୀପ ବିଭିନ୍ନ ସମୟରେ ଭିନ୍ନ ?ଭିନ୍ନ ଦଳିତ ବ୍ୟକ୍ତିଙ୍କୁ ଫୋନ କରି ଗଣ୍ଡା ସମାଜକୁ ନିପାତ କରିଦେବି ବୋଲି ଧମକ ଦେଉଛନ୍ତି । ଗଣ୍ଡାମାନେ ମୋର କିଛି କରି ପାରିବେ ନାହିଁ । ଏଭଳି କି ଗୁଣ୍ଡା ନେଇ ଗଣ୍ଡାମାନଙ୍କ ଘରେ ପଶିବା ସହିତ ମହିଳାମାନଙ୍କୁ ଅତ୍ୟାଚାର କରିବି ଓ ପୁରୁଷମାନଙ୍କୁ ହତ୍ୟା କରିବି ବୋଲି ମଧ୍ୟ ଧମକ ଦେଉଛନ୍ତି । ପ୍ରଦୀପଙ୍କ ଏଭଳି ଆଚରଣ ଦଳିତ ସମାଜକୁ ବ୍ୟଥିତ କରିଛି । ସମାଜରେ ଜାତିଆଣ ବିଭେଦ ସୃଷ୍ଟି କରି ବିଷମଂଜି ବୁଣୁଥିବା ପ୍ରଦୀପଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦଳିତ ସମାଜ ତରଫରୁ ଦାବି କରାଯାଇଛି । ପ୍ରଦୀପଙ୍କୁ ଯଦି ଅତିଶୀଘ୍ର ଗିରଫ କରାନଯାଏ ତା ହେଲେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଦଳିତ ସମାଜ ତରଫରୁ ଚେତାବନୀ ଦିଆଯାଇଛି । ଏତଲା ସମୟରେ ପ୍ରମାଣିକ ତଥ୍ୟ ଭାବରେ ଅଡିଓ ରେକର୍ଡିଂ ଓ ପେସବୁକ ପୋଷ୍ଟର ନକଲ ପୋଲିସକୁ ପ୍ରଦାନ କରାଯାଇଛି ବୋଲି ଦଳିତ ସମାଜ ତରଫରୁ କୁହାଯାଇଛି ।

# ନିର୍ବାଚନ ଆସିଲେ ସରକାର ଶୀତଳ ଭଣ୍ଡାର କଥା କହନ୍ତି: କଂଗ୍ରେସ

ଭୁବନେଶ୍ୱର, ୦୨/୦୭ (ନି.ପ୍ର): ଏବେ ରାଜ୍ୟରେ ପରିବା ଦର ଆକାଶ ଛୁଆଁ। ସାଧାରଣ ଜନତା ପରିବା କିଣିବାକୁ ସାହାସ କରୁନାହାନ୍ତି। ଏତିକିବେଳେ ସରକାର ନିଘୋଡ଼ ନିଦରେ ଶୋଇଛନ୍ତି ଏବଂ ମୁନାଫାଖୋର ବେପାରୀଙ୍କ ସହିତ ମିଶି ସାଧାରଣ ଜନତାଙ୍କ ଅସୁବିଧା ବେଳେ ପନିପରିବାର କଳାବଜାରୀ କରି ଫାଇଦା ଉଠାଉଛନ୍ତି । କେବଳ ନିର୍ବାଚନ ଆସିଲେ ସରକାର ଶୀତଳଭଣ୍ଡାର କଥା କହନ୍ତି । ପ୍ରତି ବ୍ଲକରେ ଶୀତଳ ଭଣ୍ଡାର କରିବେ ବୋଲି ପ୍ରାୟ ୧୦ବର୍ଷ ହେବ କହିଆସୁଛନ୍ତି ହେଲେ ନିର୍ବାଚନ ସରିଲେ ଶୀତଳ ଭଣ୍ଡାର ଫାଇଲଟି ଶୀତଳ ଭଣ୍ଡାରକୁ ଚାଲିଯାଏ ବୋଲି କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର ସରକାରଙ୍କୁ ସିଧାସଳଖ ଟାର୍ଗେଟ କରିଛନ୍ତି। ଯଦି ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନ ନିଅନ୍ତି କଂଗ୍ରେସ ଆନ୍ଦୋଳନକୁ ଯିବ ବୋଲି ଶ୍ରୀ ମିଶ୍ର ଚେତାବନୀ ଦେଇଛନ୍ତି।

# କପିଳାସ ଜଙ୍ଗଲରେ ହେବ ଫ୍ଲାଏଓଭର

ଭୁବନେଶ୍ୱର , ୦୨/୦୭ (ନି.ପ୍ର): କ୍ୟାପିଟାଲ ରିଜିଅନ୍ ରିଂ-ରୋଡ୍‌କୁ ନେଇ ଲାଗି ରହିଥିବା କଳ୍ପନା ଜଳ୍ପନାର ଅନ୍ତ ଘଟିଛି। ହାତୀ ଚଲାପଥକୁ ନେଇ କପିଳାସ ସଂରକ୍ଷିତ ଜଙ୍ଗଲରେ ହେବାକୁ ଥିବା ରାସ୍ତା ନିର୍ମାଣ ପାଇଁ ନୂଆ ଯୋଜନା ହୋଇଛି। ଏହି ଅଞ୍ଚଳରେ ରାସ୍ତା ନକରି ଗ୍ରେଡ୍ ସେପାରେଟର ଷ୍ଟ୍ରକ୍ଚର ହେବ। ଅର୍ଥାତ୍ ରାସ୍ତା କରା ନଯାଇ ଜଙ୍ଗଲ ଉପରେ ଫ୍ଲାଏଓଭର ହେବ। ଯେମିତି ହାତୀଙ୍କ ମୁକ୍ତ ବିଚରଣରେ ବାଧା ହେବନାହିଁ, ସେଭଳି ୬.୭୮ କିଲୋମିଟର ପର୍ଯ୍ୟନ୍ତ ଏହି ଷ୍ଟ୍ରକ୍ଚର ତିଆରି ହେବ। ଏଥିପାଇଁ ଅତିରିକ୍ତ ୫୦୦ କୋଟି ଖର୍ଚ୍ଚ ହେବ। ଏହି ଅତିରିକ୍ତ ପରିମାଣକୁ କେନ୍ଦ୍ର ସରକାର ଅନୁମୋଦନ କରିଛନ୍ତି। ଜଙ୍ଗଲ ବିଭାଗ ମଧ୍ୟ ଏହି ନିର୍ମାଣ ପାଇଁ ଅନୁମତି ଦେଇଛି। ଅନ୍ୟ କୌଣସି ଜାଗାରେ ଆଉ ବାଧା ନଥିବା ବିଭାଗ ପକ୍ଷରୁ କୁହାଯାଇଛି। ଏଣୁ ଏହି ରିଂ-ରୋଡ୍ ନେଇ ବାଟ ଫିଟିଛି। ପ୍ରଥମେ ଏହି ସଂରକ୍ଷିତ ଜଙ୍ଗଲରେ ରାସ୍ତା କରିବା ନେଇ ଯୋଜନା ହୋଇଥିଲା। ଏନ୍‌ଏଚ୍‌ଏଆଇ ସମେତ ଜଙ୍ଗଲ ବିଭାଗ ଅଧିକାରୀ କ୍ଷେତ୍ର ପରିଦର୍ଶନ କରିବା ପରେ ଏହା ହାତୀ ଚଲାପଥ ବୋଲି ଜଣାପଡ଼ିଥିଲା। ଏଣୁ ରାସ୍ତା ନିର୍ମାଣ ବାତିଲ ହୋଇଥିଲା। ବିଚାରବିମର୍ଶ ପରେ ଫ୍ଲାଏଓଭର ନିର୍ମାଣ ପାଇଁ ଯୋଜନା ହୋଇଥିଲା। ଯୋଜନା ସହ ଅଟକଳ ପ୍ରସ୍ତୁତ ହୋଇ କେନ୍ଦ୍ର ସରକାରଙ୍କ ଅନୁମୋଦନ ନିମନ୍ତେ ପଠାଯାଇଥିଲା। ଏହି ଫ୍ଲାଏଓଭର ଉଚ୍ଚତା ୭ ମିଟର ହେବ। ଏଣୁ ହାତୀଙ୍କ ଚଳପ୍ରଚଳରେ କୌଣସି ସମସ୍ୟା ହେବ ନାହିଁ ବୋଲି କୁହାଯାଉଛି। ପୂର୍ବରୁ ଏହି ପ୍ରକଳ୍ପର ବଜେଟ୍ ୧୧୦୦ କୋଟି ଟଙ୍କା ରହିଥିବା ବେଳେ ଏବେ ୧୬୦୦ କୋଟିରେ ପହଞ୍ଚିଛି। ଏହାକୁ କେନ୍ଦ୍ର ସରକାର ମଞ୍ଜୁରି ପ୍ରଦାନ କରିଛନ୍ତି। ପୂର୍ବରୁ ଟେଣ୍ଡର ସରିଛି। ପ୍ରକଳ୍ପ ସାରିବାକୁ ଅବଧି ୩୦ ମାସ ବା ଅଢ଼େଇ ବର୍ଷ ରହିଛି। ଜାତୀୟ ରାଜପଥ-୧୬ ସହ ସମାନ୍ତରାଳ ଭାବରେ ନିର୍ମାଣ ହେବାକୁ ଥିବା ଏହି ରାସ୍ତା ସାରା ଓଡ଼ିଶା ପାଇଁ ବରଦାନ ହେବ। ଏବେ ଖୋର୍ଦ୍ଧା ଟାଙ୍ଗୀରୁ କଟକ ଜିଲ୍ଲାର ଟାଙ୍ଗୀ ପର୍ଯ୍ୟନ୍ତ ଏନ୍‌ଏଚ୍-୧୬ରେ ଗଲେ ୪ ଘଣ୍ଟା ୨୦ ମିନିଟ୍ ଲାଗୁଥିବା ବେଳେ ରିଂ ରୋଡ୍‌ରେ ଏହା ଦେଢ଼ଘଣ୍ଟା ଲାଗିବ। ଏଣୁ ଏହି ରିଂ ରୋଡ୍ ଉପରେ ସମସ୍ତଙ୍କର ନଜର ରହିଛି। ୨୦୧୫ରୁ ଏହାର ପରିକଳ୍ପନା କରାଯାଇଥିଲେ ମଧ୍ୟ ପଦ୍ମ ଘୁଞ୍ଚିଘୁଞ୍ଚି ଯାଉଥିବା ଭଳି ପରିସ୍ଥିତି ହୋଇଥିଲା। ଏବେ କପିଳାସ ସଂରକ୍ଷିତ ଜଙ୍ଗଲ ଦେଇ ଯିବାକୁ ଥିବା ରାସ୍ତା ସମସ୍ୟା ଦୂର ହେବା ପରେ ପ୍ରକଳ୍ପ ସଫଳତାର ଆଶା ସୃଷ୍ଟି ହୋଇଛି। ଏହି ରାସ୍ତା ନିର୍ମାଣ ଖୋର୍ଦ୍ଧା, ଭୁବନେଶ୍ୱର, କଟକ, ଆଠଗଡ଼ ଓ ଚେ ?ଦ୍ୱାରରେ ଟ୍ରାଫିକ୍ ସମସ୍ୟା ଦୂର ହେବ। ମହାନଦୀ ଓ ମନ୍ଦାକିନୀ ନଦୀ ଉପରେ ଦୁଇଟି ପୋଲ ନିର୍ମାଣ ହେବାକୁ ଏଥିରେ ଯୋଜନା ଥିବାରୁ ମହାନଦୀ ପୁରୁଣା ପୋଲ ଉପରେ ଚାପ ପଡ଼ିବ ନାହିଁ। ଜମି ଅଧିଗ୍ରହଣ ନେଇ ରହିଥିବା ସମସ୍ୟା ସମାଧାନ ହୋଇଛି। ଏବେ ବିସ୍ଥାପିତଙ୍କୁ କ୍ଷତିପୂରଣ ବଣ୍ଟା ଯାଉଛି। ପ୍ରାୟ ୧୧୦ କିମିର ଏହି ରିଂ-ରୋଡ୍ ପାଇଁ ଅନେକ ପୂର୍ବରୁ ଡିପିଆର ପ୍ରସ୍ତୁତ ହୋଇଥିଲା। ଏହାକୁ ତିନିଭାଗ କରାଯାଇ ଟେଣ୍ଡର ପ୍ରକ୍ରିୟା ସରିଥିଲା। କିନ୍ତୁ ବିଭିନ୍ନ ପର୍ଯ୍ୟାୟରେ ପୂର୍ବରୁ ବାରମ୍ବାର ଏହି ରିଂ-ରୋଡ୍‌ର ନକ୍ସା ବଦଳିଥିଲା।

## ଝୋଲାପଡା ଜଙ୍ଗଲରେ ଏକ ମାଓ କ୍ୟାମ୍ପ ଠାବ: ବିପୁଳ ମାଓ ସାମଗ୍ରୀ ଜବତ

ନୂଆପଡ଼ା, ୦୨/୦୭ (ନି.ପ୍ର) : ନୂଆପଡ଼ା ଜିଲ୍ଲା ସିନାପାଲି ର ଝୋଲାପଡା ଜଙ୍ଗଲ ରେ କୁମ୍ବି ଅପରେସନ ବେଳେ ମାଓ କ୍ୟାମ୍ପ ଠାବ ହୋଇଥିବା ସହ ବିପୁଳ ମାଓ ସାମଗ୍ରୀ ଜବତ ହୋଇଅଛି। ମାଓ କ୍ୟାମ୍ପରେ ବିପୁଳ ମାତ୍ରାରେ ସାମଗ୍ରି କୁ ଜବତ କରିଛନ୍ତ୍। ୨୭ ତାରିଖ ଦିନ ବୋଡେନ ବ୍ଲକ ର ପାଟଦରା ଜଙ୍ଗଲ କୁ ମାଓବାଦୀ ମାନେ ବହୁ ସଂଖ୍ୟା ରେ ଆସିଥିବା ନୂଆପଡା ପୋଲିସ କୁ ବିଶେଷ ସୁତ୍ର ରୁ ଖବର ଆସିଥିଲା। ନୂଆପଡା ଏସପି ଙ୍କ ନେତୃତ୍ୱରେ ସିଆରପିଏଫ, ଡିଭିଏଫ ଓ ଏସଓଜି ଜବାନ ମାନେ ମିଳିତ ଭାବରେ ବୋଡେନ ବ୍ଲକ ର ପାଟଦରା ଓ ସିନାପାଲି ର ନଙ୍ଗଲବୋଡ ଜଙ୍ଗଲ ରେ କୁମ୍ବି ଅପରେସନ କରିଥିଲେ। ଗତ ୨୯ ତାରିଖ ଦିନ ଜବାନ ମାନେ ସିନାପାଲି ର ଝୋଲାପଡା ଜଙ୍ଗଲ ରେ କୁମ୍ବି ଅପରେସନ ସମୟ ରେ ମାଓବାଦୀ ଜବାନ ମାନଙ୍କୁ ଦେଖି ଛତ୍ର ଭଙ୍ଗ ଦେଇ, ଫେରାର ହୋଇଯାଇଥିଲେ, । ସେଠାରେ ଥିବା ମାଓ କେମ୍ପ ରୁ ୧ ହେଣ୍ଡ ଗ୍ରେନେଡ, ଗୋଟିଏ ରେଡିଓ, ୨ ଟି ବେଟେରି, ମାଓ ପୋଷାକ, ଲିଟରେଚପ ବହି, ଔଷଧ ପତ୍ର ସହ ବହୁ ସାମଗ୍ରି କୁ ଜବତ କରିଛନ୍ତି। କୁମ୍ବି ଅପରେସନ କୁ ଛତିସଗଡ ସିମାନ୍ତ ରେ ବ୍ୟାପକ କରିଥିବା ନୂଆପଡା ଏସପି ରଘବେନ୍ଦ୍ର ରେଡ୍ଡୀ ସାମ୍ବାଦିକ ସମ୍ମିଳନୀ ରେ ସୁଚନା ଦେଇଛନ୍ତି।

# ସବୁଠୁ ପ୍ରିୟ ସୁନା

**ସୁନା ମଣିଷର ସବୁଠାରୁ ପ୍ରିୟ ଧାତୁ। ଇତିହାସରେ ଏଥିପାଇଁ ବହୁ ଯୁଦ୍ଧ ଲାଗିଥିବାର ନଜିର ରହିଛି। ସୁନା ନାରୀର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ। ସୁନାରେ ଲକ୍ଷ୍ମୀ ବାସ କରିଥାନ୍ତି ବୋଲି କୁହାଯାଏ। ଏହା ଏକ ପବିତ୍ର ଧାତୁ। ସୁନାକୁ ନେଇ କିଛି ରୋଚକ ତଥ୍ୟ।**



ସୁନା ଖଣିରୁ ତ ମିଳିଥାଏ, ଏହା ବାଦ୍ ଆହୁରି ମଧ୍ୟ କିଛି ସ୍ଥାନରୁ ମିଳିଥାଏ, ଯେମିତି ମଣିଷ ଶରୀର ଭିତରୁ। ଆମ ଶରୀରରେ ପାଖାପାଖି ୦.୨ ମିଲିଗ୍ରାମର ସୁନା ରହିଛି। ଏହାର ସବୁଠୁ ଅଧିକ ମାତ୍ରା ରହିଛି ରକ୍ତରେ। ସୁନାର ସୁବଠାରୁ ବଡ଼ ଭଣ୍ଡାର ସମୁଦ୍ରରେ ରହିଛି। ସମୁଦ୍ରରେ ୧୧୦ ଆରବ ଟନ ସୁନା ଲୁଚିକି ରହିଛି।



ଏହାକୁ ଉଦ୍ଧାର କରିବା ଯେହେତୁ ବ୍ୟୟ ବହୁଳ ତ ଏହି ପ୍ରୋଜେକ୍ଟ ଉପରେ କାମ କରାଯାଉନି। ଡଗ୍ଲାସ ଫିର ଏବଂ ହନିସଫଲ୍ ଭଳି ବୃକ୍ଷ ସୁନାକୁ ମାଟିରୁ ଟାଣିଆଣିଥାଏ। ହେଲେ ଏହି ଗଛକୁ ଲଗାଇବା ଏବଂ ତା'ଣ ଦେଖାରେଖା କରିବାରେ ଯେତେ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥାଏ ସେହି ତୁଳନାରେ ସୁନାର ମୂଲ୍ୟ କମ୍ ହୋଇଥାଏ। ଗାଈର ମୂତ୍ରରେ ମଧ୍ୟ ସୁନା ରହିଛି। ୧୫୦୦ ମସିହା ପରେ ସାରା ବିଶ୍ୱରେ ହୋଇଥିବା ଖୋଦେଇରୁ କେବଳ ଏକ ଲକ୍ଷ ଟନ ସୁନା ବାହାର କରାଯାଇ ପାରିଛି। ଏଥିମଧ୍ୟରୁ ପାଖାପାଖି ୪୦ ପ୍ରତିଶତ ସୁନା କେବଳ ଦକ୍ଷିଣ ଆଫ୍ରିକାର ଖଣିରୁ ମିଳିଛି। ମାଟିତଳେ ସୁନାର ମାତ୍ରା କମ, ତେଣୁ ଏହାକୁ ଖୋଜାଖୋଜିରେ ବହୁ ସମୟ ବହୁ ପରିଶ୍ରମ କରିବାକୁ ପଡ଼ିଥାଏ। ସାରା ବିଶ୍ୱରେ ଗୋଲ୍ଡ ମାଇନିଂରେ ପାଖାପାଖି ୫ଲକ୍ଷ ଲୋକ କାମ କରୁଛନ୍ତି। ମାତ୍ର ବର୍ଷକୁ କେବଳ ୨,୫୦୦ ଟନ୍ ସୁନା ବାହାରିପାରୁଛି। ଭୁଗର୍ଭ ଶାସ୍ତ୍ରୀଙ୍କ ମତରେ ଯାହା ସୁନା ରହିଛି ତାହା ଆଉ ମାତ୍ର ୨୦ ବର୍ଷଯିବ। ଏହାପରେ ସୁନା ଖୋଜିବା କଷ୍ଟକର ହୋଇପଡ଼ିବ। ଗୋଟିଏ ଗ୍ରାମ ସୁନାକୁ ପିଟିପିଟି ଏତେ ପତଳା କରାଯାଇପାରେ ଯେ ଏଥିରେ ଗୋଟିଏ ବର୍ଗମିଟର ଏରିଆକୁ ଢଙ୍କା ଯାଇପାରେ। ସୁନା ଷ୍ଟେବଲ ମେଟାଲ ଏବଂ ଏହା ରୂପା ଭଳି କେମିକାଲ୍ସ ରିଆକ୍ସନ କରେନାହିଁ।

# ରାତିରେ ବେଶୀ ନଶୋଇଲେ ପିଲାଙ୍କୁ ଡାଇବେଟିସ୍ ଆଶଙ୍କା



ଯେଉଁ ପିଲାମାନେ ରାତିରେ ଅଧିକ ପରିମାଣରେ ଶୋଉ ନାହାନ୍ତି, ସେମାନଙ୍କ ଠାରେ ଡାଇବେଟିସ-୨ ଆଶଙ୍କା ବିକଶିତ ହେବାର ଆଶଙ୍କା ରହିଛି ବୋଲିଏକ ରିସର୍ଚ୍ଚରୁ ଜଣାପଡ଼ିଛି। ୟୁନିଭର୍ସିଟି ଅଫ ଲଣ୍ଡନର ଗବେଷକମାନେ ପ୍ରାୟ ୯ରୁ ୧୦ବର୍ଷର ବୟସର ୪୫୨୫ ପିଲାଙ୍କର ଶରୀରର ମାପ, ରକ୍ତ ନମୁନା ତଥା ପ୍ରଶ୍ନୋତ୍ତର ମାଧ୍ୟମରେ ତଥ୍ୟ ସଂଗ୍ରହ କରି ଗବେଷଣା କରିଥିଫଲେ। ଜଣାପଡ଼ିଥିଲା, ୟୁକେରେ ଯେଉଁ ପିଲାମାନେ ଅଧିକ ଶୁଅନ୍ତି, ସେମାନଙ୍କର ଓଜନ ଓ ଚର୍ବି କମ୍ ଥାଏ। ନିଦ୍ରାର ପରିମାଣ ଇନସୁଲିନ, ଇନସୁଲିନ ପ୍ରତିରୋଧ ଓ ରକ୍ତର ଶର୍କରା ବ୍ୟତିକ୍ରମ ସହିତ ଜଡ଼ିତ। ୧୦ବର୍ଷର ପିଲା ୧୦ ଘଣ୍ଟା ଶୋଇବାକୁ ଇଂଲଣ୍ଡର ନ୍ୟାସନାଲ ହେଲଥ ମିଶନ ପରାମର୍ଶ ଦେଇଛି। ଏହି ରିସର୍ଚ୍ଚରୁ ଅଧିକ ନିଦ୍ରା କମ ବୟସରୁ ମେଦ ବୃଦ୍ଧି ଓ ଟାଇପ୨ ଡାଇବେଟିସ ଆଶଙ୍କାକୁ କମାଇବାରେ ସାହାଯ୍ୟ କରିବ ବୋଲି ଜଣାପଡ଼ିଛି। ପେଡ଼ିଆଟ୍ରିକ ଜର୍ଣ୍ଣାଲରେ ଏହି ରିସର୍ଚ୍ଚ ପ୍ରକାଶିତ ହୋଇଛି।

# ସାପ ସାଜିଲା ଅର୍ଦ୍ଧାଙ୍ଗିନୀ

ସାପ ହିଂସ୍ର ପ୍ରଜାତିର ହୋଇଥିବା ଫଳରେ ସାପର ନାଁ ଶୁଣିବା ମାତ୍ରକେ ଭୟରେ ଲୋକଙ୍କ ମନରେ ଛନକା ପଶେ। ସାଧାରଣ ଲୋକ ସାପ ପାଖକୁ ଯିବା ତ ଦୂରର କଥା ତା ନାଁ ଦେଖିବା କ୍ଷଣେ ଭୟରେ ଦେହ ଶୀତେଇ ଉଠେ । କିନ୍ତୁ ଆଜି ଆମେ ଏପରି ଏକ ଯୁବକଙ୍କ ବିଷୟରେ କହିବୁ, ଯିଏ ସାପ ସହ କେବଳ ରହି ନାହିଁ ବଂର ଏକ ନିଆରା ସଂପର୍କ ମଧ ସ୍ଥାପନ କରିଛନ୍ତି। ସିଙ୍ଗାପୁରରେ ରହୁଥିବା ଜନୈକ ଯୁବକ ୧୦ଫୁଟ ଲମ୍ବ ବିଶିଷ୍ଟ କୋବ୍ରା ସାପ ସହ ବିବାହ କରି ଚର୍ଚ୍ଚାର ପରିସର ଭୁକ୍ତି ହୋଇଛନ୍ତି । ସ୍ଥାନୀୟ ଲୋକଙ୍କ କହିବା ମୁତାବକ ଉଭୟ ମିଶି ଖାଇଥାନ୍ତି, ଟିଭି ଦେଖିଥାନ୍ତି, ସାଥିରେ ପିକନିକ୍ ମଧ ଯାଇଥାନ୍ତି । କ୍ଷଣକ ପାଇଁ ଉଭୟ ଉଭୟଙ୍କ ଠାରୁ ଅଲଗା ହୋଇନଥାନ୍ତି । ଯୁବକ ଜଣକ ଏହି ସାପକୁ ପୂର୍ଣ୍ଣ ରୂପେ ନିଜ ସ୍ତ୍ରୀର ମାନ୍ୟତା ଦେଇଛନ୍ତି । ସୂଚନାଯୋଗ୍ୟ, ଯୁବକ ଜଣକ କୋବ୍ରା ସାପଟିକୁ ବିବାହ କରିବା ପଛରେ ଏକ କାରଣ ମଧ ରହିଛି । ଖବର ଅନୁଯାୟୀ, ୫ବର୍ଷ ପୂର୍ବେ ଯୁବକଙ୍କ ପ୍ରେମିକା ମୃତ୍ୟୁବରଣ କରିଥିଲା । ନିଜ ପ୍ରେମିକାକୁ ବହୁତ୍ ଭଲ ପାଉଥିବା ଯୋଗୁଁ ଯୁବକ ଜଣକ ଝିଅଟିର ଅପେକ୍ଷାରେ ଦିନ କାଟୁଥିଲେ । କିନ୍ତୁ ଯୁବକ ଜଣକ ଅନୁଭବ କଲେ, ତାଙ୍କ ପ୍ରେମିକା ଏକ କୋବ୍ରା ସାପ ରୂପେ ନେଇ ତାଙ୍କ ଚଜୀବନକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଏହା ଜାଣିବାପରେ ଯୁବକ ଜଣକ ସାପଟିକୁ ବିବାହ କରିଥିଲେ । ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି, କୋବ୍ରା ସାପ ବି ଧରା ହୋଇଥିଲେ ସୁଦ୍ଧା ଯୁବକଙ୍କୁ କୌଣସି କ୍ଷତି ପହଞ୍ଚାଇ ନଥାଏ ।

# ଜଷ୍ଟ୍ ୱାନ୍ ମିନିଟ୍

- ପାଉଁଜିର ଶବ୍ଦରେ ଘରେ ନକାରାତ୍ମକ ଶକ୍ତିର ପ୍ରଭାବ କମ୍ ହୋଇଥାଏ ଏବଂ ସକାରାତ୍ମକ ଶକ୍ତିକୁ ଅଧିକ ଶକ୍ତି ମିଳିଥାଏ। ଘରେ ସକାରାତ୍ମକ ବାତାବରଣ ସୃଷ୍ଟି ହେବା ସହିତ ପବିତ୍ରତା ବଢ଼ିଯାଇଥାଏ।
- ମାନ୍ୟତା ରହିଛି ଯେଉଁ ଘରେ ପାଉଁଜି ଶବ୍ଦ ସଦାବେଳେ ଶୁଭିଥାଏ ସେହି ଘରେ ଦେବୀ ଦେବତାଙ୍କ ବିଶେଷ କୃପା ରହିଥାଏ। ଏହି କାରଣରୁ ମହିଳାମାନେ ପାଉଁଜି ପିନ୍ଧିବା ଅନିବାର୍ଯ୍ୟ।
- ସୁନା କିମ୍ବା ରୂପାରେ ତିଆରି ପାଉଁଜିରୁ ଲାଭ ମିଳିଥାଏ। ପାଉଁଜି ସଦାବେଳେ ପାଦରେ ଘସିହୋଇଥାଏ, ଏହି କାରଣରୁ ପାଦର ହାଡକୁ ସୁନା ଏବଂ ରୂପାର ତତ୍ତ୍ୱରୁ ମଜବୁତି ମିଳିଥାଏ।

# ଗର୍ଭାବସ୍ଥାରେ ଥାଇରଏଡ୍ ସମସ୍ୟା



ସାରା ପୃଥିବୀରେ ପ୍ରାୟ ୩୦୦ ନିୟୁତ ବ୍ୟକ୍ତି ଥାଇରଏଡ୍ ହରମୋନ୍ ଜନିତ ରୋଗ ଭୋଗିଥାନ୍ତି । ଏଥିରେ ପୁରୁଷ ମାନଙ୍କ ଅପେକ୍ଷା ମହିଳା ମାନେ ପ୍ରାୟ ୮ଗୁଣ ଅଧିକା ଆକ୍ରାନ୍ତ ହୋଇଥାନ୍ତି । ଥାଇରଏଡ୍ ହରମୋନ୍ କମିଗଲେ ଡାଏଟିଂ କଲେ ମଧ ମହିଳାମାନଙ୍କର ଓଜନ ବଢ଼ିଯାଏ, ଥକା ଲାଗେ, କେଶ ଝଡ଼ିଯାଏ ଏବଂ ହାତ ଓ ପାଦର ନଖ ଭାଙ୍ଗିଯାଏ, ଚମ ଶୁଖିଲା ହୋଇ କୁଣ୍ଢେଇ ହୁଏ, ମୁହଁ ଫୁଲିଯାଇ ଶୋଥା ଦିଶେ, କୋଷ୍ଠ କାଠିନ୍ୟ ହୋଇ ମାଂସପେଶୀ ଦରଜ ହୁଏ ଆଦି । ଗର୍ଭାବସ୍ଥାରେ ଥାଇରଏଡ୍ ହରମୋନ୍ର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପ୍ରଥମ ୩ ମାସରେ ଥାଇରେଏଡ୍ ହରମୋନର ପ୍ରଭାବ ଯୋଗୁଁ ଶିଶୁର ମସ୍ତିଷ୍କ ଓ ସ୍ନାୟୁର ବିକାଶ ଘଟିଥାଏ । ଗର୍ଭାବସ୍ଥାର ପ୍ରଥମ ୩ମାସରେ ଆଇଓଡିନ୍ କମ୍ ଥିଲେ ଶିଶୁର ସ୍ନାୟୁ ଓ ମସ୍ତିଷ୍କ ବିକଶିତ ହୋଇନଥାଏ । ତେଣୁ ଶିଶୁର 'କ୍ରେଟିନିଜିମ୍' ହୋଇଥାଏ । ଏବଂ ଚିକିତ୍ସା କଲେ ମଧ ଏହା ଭଲ ହୁଏ ନାହିଁ । ଫଳରେ ଶିଶୁଟି ବାମନ ହୋଇ ରହିଯାଏ।

ଗର୍ଭାବସ୍ଥାର ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ କ୍ରେଟିନିଜିମ୍ ହେଲେ ଅଳ୍ପ କେତେକାଂଶରେ ଭଲ ହୋଇଥାଏ ।

ଗର୍ଭାବସ୍ଥାରେ ଥାଇରଏଡ୍ ସମସ୍ୟା ଦେଖାଦେଲେ ବାରମ୍ବାର ଗର୍ଭନଷ୍ଟ , ଉଚ୍ଚ ରକ୍ତଚାପ, ପ୍ରସବ ସମୟରେ ଶିଶୁ ଶ୍ୱାସରୁଦ୍ଧ ହେବା, ଅପରିପକ୍ୱ ଶିଶୁ ପ୍ରସବ,ଅଳ୍ପ ଓଜନର ଶିଶୁ, ପ୍ରସବ ପରେ ପ୍ରଚୁର କ୍ଷୀର ବାହାରିଥାଏ, ହୃଦରୋଗ ଭଳି ସମସ୍ୟା ଦେଖାଦିଏ ।

ଚିକିତ୍ସା

ଗର୍ଭାବସ୍ଥାରେ ଥାଇରେଡ୍ ହରମୋନ୍ ପରୀକ୍ଷା କରିବା ଜରୁରି । ଏଥିରେ ସବୁ ବେଳେ ଅନ୍ତସ୍ରାବି ରୋଗ ବିଶେଷଜ୍ଞ ଙ୍କର ପରାମର୍ଶ ନେବା ଉଚିତ୍ । ଏହାଛଡ଼ା ଗର୍ଭାବସ୍ଥାାର ପ୍ରତ୍ୟେକ ମାସରେ ଚେକଅପ୍ କରି ହସ୍ପିଟାଲ ବା ପ୍ରସୂତି ବିଶେଷଜ୍ଞଙ୍କୁ ପରାମର୍ଶ କରନ୍ତୁ । କ୍ୟାଲସିୟମ୍ ଏବଂ ଭିଟାମିନ୍ ଡି ସପ୍ଲିମେଣ୍ଟ ଥିଲେ ବି କୋବି ଜାତୀୟ ପରିବା ଠାରୁ ଦୂରେଇ ରୁହନ୍ତୁ ।

## ମସ୍ତିଷ୍କ ବିକାଶର ନୂଆ ଉତ୍ସ

ବୈଜ୍ଞାନିକମାନେ ମସ୍ତିଷ୍କ ବିକାଶର ଏକ ଉତ୍ସ ଆବିଷ୍କାର କରିଛନ୍ତି। ସ୍ନାର୍ୟବିକ ପ୍ରଣାଳୀ ନିର୍ମାଣରେ ଏହା ଗୁରୁତ୍ୱପୂର୍ଣ୍ଣ ବୋଲି ସେମାନେ କହିଛନ୍ତି। ବୈଜ୍ଞାନିକମାନେ ଅଣ ସ୍ନାୟବିକ କୋଷଗୁଡ଼ିକର ସଂକଳନ 'ଗ୍ଲିୟା' ଚିହ୍ନଟ କରିଛନ୍ତି, ଯାହା ଦୀର୍ଘ ସମୟରୁ ପରୋକ୍ଷ କାର୍ଯ୍ୟରତ କୋଷିକା ଭାବେ ପରିଚିତ ଥିଲା। ପ୍ରକୃତରେ ଏହି ଗ୍ଲିୟା ମସ୍ତିଷ୍କରେ ସ୍ନାୟୁକୋଷ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ମସ୍ତିଷ୍କ ବିକାଶରେ ଗ୍ଲିଆ ଭଳି ଅଣ ସ୍ନାର୍ୟବିକ କୋଷଗୁଡ଼ିକର ଅବଦାନକୁ ତର୍ଜମା କରିବାପାଇଁ ଅଧ୍ୟୟନର ଫଳାଫଳ ନୂଆ ଦିଗ ବୋଲି ଗବେଷଣାର ମୁଖ୍ୟ ଲେଖକ ଆମେରିକାର ନ୍ୟୁୟର୍କ ୟୁନିଭର୍ସିଟିରେ ଭିଲାଇୱାନ ଫର୍ଣ୍ଣାଡେସ୍ କହିଛନ୍ତି। ମସ୍ତିଷ୍କ ବିକାଶଷରେ ଗ୍ଲିୟାର ଅବଦାନକୁ ବୈଜ୍ଞାନିକମାନେ ଏପର୍ଯ୍ୟନ୍ତ ଅଣଦେଖା କରି ଆସଉଥିଲେ। କିନ୍ତୁ ଗ୍ଲିୟାକୁ ବାଦଦେଲେ ମସ୍ତିଷ୍କ ବିକାଶରେ ସମୟ, ପରିଚୟ ଓ ସ୍ନାୟୁକୋଷ ଜନ୍ମର ସମନ୍ୱୟ ସମବନ୍ଧରେ ବୁଝିବା ଅସମ୍ଭବ ବୋଲି ଫର୍ଣ୍ଣାସେ କହିଛନ୍ତି। ସ୍ନାୟୁ କୋଷ କିମ୍ବା ନ୍ୟୁରେନ୍ସ ଓ ଗ୍ଲିୟା, ଏହି ଦୁଇଟି ବ୍ୟାପକ କୋଷିକା ପ୍ରକାରରେ ମସ୍ତିଷ୍କ ଗଠିତ ହୋଇଛି।

# ବେଲର ଉପକାରିତା



ତୁଳସୀ ଗଛ ଭଳି ବେଲ ଗଛ ମଧ ଏକ ପବିତ୍ର ଗଛ । ବେଲ ଗଛ ଏକ ବଡ଼ ଗଛ ଓ ଏହା ଭାରତର ସର୍ବତ୍ର ଦେଖିବାକୁ ମିଳିଥାଏ । ବହୁ ଉପକାରୀ ଏହି ଗଛ ବାଡ଼ି ବଗିଚାରେ ଲଗା ଯାଉଥିଲେ ମଧ ବଣରେ ବି ଏହା ଉପଲବ୍ଧ ହୋଇଥାଏ । ଏହି ଗଛରେ ଅନେକ ଔଷଧୀୟ ଗୁଣ ଭରପୁର ରହିଛି । ଏହାର ପତ୍ର, ଫୁଲ ଓ ଚେରରେ ବୀଜାଣୟ ପ୍ରତିରୋଧକ ଶକ୍ତି ରହିଥିବାରୁ ନାନା ପ୍ରକାର ସୁଫଳ ସେଥିରୁ ମିଳୁଛି । ଯଥା- ବେଲ ପତ୍ରକୁ ଚୋବାଇ ଖାଇଲେ କ୍ଷୁଧା ବୃଦ୍ଧି ଘଟିଥାଏ।

ବେଲପତ୍ର ରସ ସହ ଗୋଲମରିଚ ମିଶାଇ ଖାଇଲେ ପେଟର ନାନାଦି ଗୋଳମାଳ ଦୂର ହୋଇଥାଏ। କାମଳ ଓ ଜଣ୍ଡିସ୍ ରୋଗ ହୋଇଥିଲେ, ବେଲପତ୍ର ସହ ଗୋଲମରିଚ ମିଶାଇ ଖାଇଲେ ଉପକାର ମିଳିଥାଏ । ନାଳରକ୍ତ ଝାଡ଼ା ହେଉଥିଲେ କଞ୍ଚାବେଲକୁ ନିଆଁରେ ପୋଡ଼ି ଖାଇଲେ ସୁଫଳ ମିଳିବା ସହିତ ପେଟରୋଗରୁ ଉପଶମ ମିଳିଥାଏ । ଖରାଦିନେ ବେଲ ପଣା ପିଇଲେ ପେଟ ଥଣ୍ଡା ରହିଥାଏ ।

# ଜାପାନୀଙ୍କ ଖୁସିର ସକାଳ

ଜାପାନର ସଂଖ୍ୟାଧିକ ଲୋକେ ଦୀର୍ଘାୟୁ । ଏହା ପଛର ପ୍ରମୁଖ କାରଣ ହେଲା ସେମାନଙ୍କ ଜୀବନଶୈଳୀ । ଆଜି ପର୍ଯ୍ୟନ୍ତ ସେମାନେ ପୁରାତନ ପଦ୍ଧତିକୁ ଆପଣେଇ ଆଗେଇବାରେ ଲାଗିଛନ୍ତି। ସ୍ଥାନୀୟ ଜାପାନୀ ଲେଖକ 'ଆୱେକନିଙ୍ଗ ଇୟାର ଇକିଗେଇ' ଏକ ପୁସ୍ତକ ଲେଖିଛନ୍ତି । ଜାପାନୀ ଭାଷାରେ ଇକିଗୋଇର ଅର୍ଥ ହେଉଛି ଜୀବନରେ ନିଜର ଲକ୍ଷ୍ୟ । ଜାପାନ ଲୋକେ ସକାଳୁ ଉଠିବା ପରେ କ'ଣ କରନ୍ତି । ଯେଉଁ କାରଣରୁ ପୁରା ଦିନ ସେମାନଙ୍କର ହସଖୁସିରେ ଅତିବାହିତ ହୋଇଥାଏ ।

ସକାଳୁ ଶଯ୍ୟା ତ୍ୟାଗ ପରେ ସେମାନେ ନିଜ ମନ ପସନ୍ଦର କାମ ହିଁ କରନ୍ତି । ଏ ସମ୍ପର୍କରେ ୯୧ ବର୍ଷୀୟା ଜିନ୍ ତୁ କହିଛନ୍ତି,



ଘରର ଅନ୍ୟ ସଦସ୍ୟଙ୍କୁ ସେମାନଙ୍କ ସହ ତାଳ ଦେଇ ଚାଲିବା ପାଇଁ ବାଧ କରାଯାଏ ନାହିଁ । ବରଂ ସମସ୍ତଙ୍କୁ ଯଥା ସ୍ୱାଧୀନତା ମିଳିଥାଏ । ସେଠାରେ ବୟସ୍କ ଲୋକେ ମଧ ନିଜ କାମ ନିଜେ କରିବାକୁ ପ୍ରାଧାନ୍ୟ ଦେଇଥାନ୍ତି । ଯେଉଁଥିପାଇଁ ସେମାନେ କର୍ମତତ୍ପର ରହିଥାନ୍ତି । ସେମାନଙ୍କର ଅନ୍ୟ ପ୍ରିୟ କାମ ହେଉଛି ସକାଳ ଜଳଖିଆକୁ ମନଭରି ଖାଇବା । ବିଶେଷଜ୍ଞଙ୍କ ମତରେ ବିଶ୍ୱର ଯେ କୌଣସି ପ୍ରାନ୍ତରେ ଥାଆନ୍ତୁ ନା କାହିଁକି, ନିଜ ମନପସନ୍ଦର ଜଳଖିଆ ମିଳିଗଲେ, ମସ୍ତିଷ୍କରୁ ଡୋପାମାଇନ୍ ନାମକ ତତ୍ତ୍ୱ ବାହାରିଥାଏ। ଏହା ହିଁ ପୂରାଦିନ ଅମାକୁ ଖୁସି ଓ ଚଳଚଞ୍ଚଳ ରଖେ । ଏଭଳି ଆଦୌ ନୁହେଁ ଯେ ଜାପାନୀ ଲୋକେ ସକାଳୁ ଉଠିବା ମାତ୍ରେ ବ୍ୟାୟାମ କିମ୍ବା ଯୋଗାଭ୍ୟାସ କରନ୍ତି । ବରଂ ଅଧିକାଂଶ ଜାପାନ ବାସିନ୍ଦା ସକାଳବେଳା ସ୍ଥାନୀୟ ଜାପାନୀ ସତରଞ୍ଚ ଖେଳିବାକୁ ପସନ୍ଦ କରୁଥିବାର ଦେଖାଯାଇଛି । ଏସବୁ ମନପସନ୍ଦର କାମ କଲେ ତାଙ୍କ ଦିନଟି ସ୍ୱାଭାବିକ ଠାରୁ ଅଧିକ ଭଲ ଭାବେ ଅତିବାହିତ ହୋଇଥାଏ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ବିବାଦ ଓ କଂଗ୍ରେସ...

କଂଗ୍ରେସ ୨୦୧୮ର ଶୀତ ଋତୁରେ ଯେଉଁ ତିନିଗୋଟି ନିର୍ବାଚନୀ ବିଜୟ ହାସଲ କରିଥିଲା, ସେଥି ମଧ୍ୟରୁ ଛତିଶଗଡ଼ ସର୍ବାଧିକ ଉଲ୍ଲେଖନୀୟ ବୋଲି ଦୃଢ଼ତାର ସହିତ କୁହାଯାଇପାରେ। ୨୦୧୩ ମାଓବାଦୀଙ୍କ ଭୟାବହ ଆକ୍ରମଣରେ ଦଳ ରାଜ୍ୟର ପ୍ରାୟ ସବୁ ଛାମୁଆ ନେତାଙ୍କୁ ହରାଇ ସାରିବା ପରେ ଏହି ନିର୍ବାଚନରେ ବିଜେପିକୁ ଦୀର୍ଘ ୧୫ ବର୍ଷର ଶାସନରୁ ହଟାଇ ପାରିଥିଲା। ପରନ୍ତୁ, ମୁଖ୍ୟମନ୍ତ୍ରୀ ପଦ ପାଇଁ ଭୂପେଶ ସିଂହ ବାଘେଲ ଏବଂ ଟିଏସ୍ ସିଂହଦେଓଙ୍କ ମଧ୍ୟରେ ଲଢ଼େଇ ଦଳର ବିଜୟ ଉଲ୍ଲାସକୁ ମ୍ଳାନ କରି ଦେଇଥିଲା । ଏଇ ଲଢ଼େଇରେ ଭୂପେଶ ସିଂହ ବାଘେଲ ବିଜୟୀ ହୋଇ ମୁଖ୍ୟମନ୍ତ୍ରୀ ହେଲେ ସତ, କିନ୍ତୁ ଦୁଇ ଆଞ୍ଚଳିକ ନେତାଙ୍କ ମଧ୍ୟରେ ସଂଘର୍ଷ କୁହୁଳି କୁହୁଳି ୨୦୨୧ ସେପ୍ଟେମ୍ବରରେ ଦାଣ୍ଡରେ ପଡ଼ି ହାଟରେ ଗଡ଼ିଲା, ଯେତେବେଳେ ଉଭୟ ନେତା ସେମାନଙ୍କ ସମର୍ଥକମାନଙ୍କ ସହିତ ଦିଲ୍ଲୀରେ ହାଇକମାଣ୍ଡଙ୍କ ସାମ୍ନାରେ ଶକ୍ତି ପ୍ରଦର୍ଶନ କରିବାକୁ ଧାଡ଼ି ଲଗାଇଲେ । ଏମିତିକି ଶ୍ରୀଯୁକ୍ତ ସିଂହଦେଓଙ୍କ ସମର୍ଥକମାନେ ମୁଖ୍ୟମନ୍ତ୍ରୀ ପଦ ପାଳି କରି ଦିଆଯିବା ନେଇ ଦଳର ନେତୃମଣ୍ଡଳୀ ପ୍ରତିଶ୍ରୁତି ଦେଇଥିବାର ଗୁଜବ ଉଠାଇଲେ । କିନ୍ତୁ ଶ୍ରୀଯୁକ୍ତ ବାଘେଲ ମୁଖ୍ୟମନ୍ତ୍ରୀ ହୋଇ ରହିଲେ ଏବଂ ଶ୍ରୀଯୁକ୍ତ ସିଂହଦେଓ ପଛଘୁଞ୍ଚା ଦେବାକୁ ବାଧ୍ୟ ହେଲେ। ନିକଟରେ ଏ ଦୁଇ ନେତାଙ୍କ ଭିତରେ ଥିବା ବିବାଦର ପରିସମାପ୍ତି ଘଟାଯାଇଛି କଂଗ୍ରେସର ଛାମୁଆ ନେତାଙ୍କ ଦ୍ୱାରା ; ଶ୍ରୀଯୁକ୍ତ ବାଘେଲଙ୍କ ମନ୍ତ୍ରୀମଣ୍ଡଳରେ ସ୍ୱାସ୍ଥ୍ୟମନ୍ତ୍ରୀ ଥିବା ଶ୍ରୀଯୁକ୍ତ ସିଂହଦେଓଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯାଇଛି । ସଙ୍ଗେ ସଙ୍ଗେ ରାଜ୍ୟ କଂଗ୍ରେସର ସବୁ ସଦସ୍ୟଙ୍କୁ ସ୍ପଷ୍ଟ ବାର୍ତ୍ତାଟିଏ ପ୍ରଦାନ କରାଯାଇଛି ଯେ ଆଗାମୀ ବିଧାନସଭା ନିର୍ବାଚନ ପର୍ଯ୍ୟନ୍ତ ମଧ୍ୟ ଶ୍ରୀଯୁକ୍ତ ବାଘେଲ ମୁଖ୍ୟମନ୍ତ୍ରୀ ଭାବରେ କାର୍ଯ୍ୟ କରିବେ, କିନ୍ତୁ ଦଳ ସବୁ ନେତା ମିଳିମିଶି ଗୁରୁତ୍ୱପୂର୍ଣ୍ଣ ନିର୍ବାଚନୀ ଲଢ଼େଇରେ ବିଜୟୀ ହେବା ନିମନ୍ତେ କାମ କରିବା ଦେଖିବାକୁ ଚାହିଁବ । ମନେହୁଏ ନିକଟରେ ଶେଷ ହୋଇଥିବା କର୍ଣ୍ଣାଟକ ନିର୍ବାଚନ କଂଗ୍ରେସ ଦଳ ଉପରେ ଏକ ଗଭୀର ପ୍ରଭାବ ପକାଇଛି । ତାହା ଦଳର ନେତୃବୃନ୍ଦଙ୍କ ନିକଟରେ ପ୍ରମାଣିତ କରି ଦେଇଛି ଯେ ପ୍ରତ୍ୟେକ ନିର୍ବାଚନ ହେଉଛି ଏକ ନୂଆ ଲଢ଼େଇ, ଯେଉଁଥିରେ ଯେ କୌଣସି ପ୍ରକାରର ସଞ୍ଚାଳନ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇପାରେ। ତେଣୁ ଯେଉଁମାନେ ଉପର ସ୍ତରରେ ରହିଛନ୍ତି, ସେମାନେ ସୁନିଶ୍ଚିତ କରାଇବାର ଆବଶ୍ୟକତା ରହିଛି କି ଦଳର ସବୁ ସଦସ୍ୟ ଏକଜୁଟ ହୋଇ କାର୍ଯ୍ୟ କରୁଛନ୍ତି ଏବଂ ନିଜକୁ ଲଢ଼େଇ ପାଇଁ ପ୍ରସ୍ତୁତ-ୟୁନିଟ୍ ଭାବରେ ସାବ୍ୟସ୍ତ କରୁଛନ୍ତି । ପୁଣି ଛତିଶଗଡ଼ କ୍ଷେତ୍ରରେ ଏହା ଦଳର ପ୍ରମୁଖ ନେତ୍ରୀ ତଥା ପୂର୍ବତନ ମୁଖ୍ୟ ସୋନିଆ ଗାନ୍ଧୀଙ୍କୁ ଦୁଇ ନେତାଙ୍କ ମଧ୍ୟରେ ବୁଝାମଣା କରିବା ସହିତ ଆଗାମୀ ଦିନରେ ସବୁକିଛି ସୁରୁଖୁରୁରେ କରିବା ନିମନ୍ତେ କାର୍ଯ୍ୟରେ ଉପଯୋଗ କରି ପାରିଛି । ପୁନଶ୍ଚ, ମଲ୍ଲିକାର୍ଜୁନ ଖାଡ଼ଙ୍କ ଅଧୀନରେ କଂଗ୍ରେସ ନେତୃତ୍ୱ ରାଜ୍ୟମାନଙ୍କରେ ତୃଣମୂଳ ସ୍ତରର ବିକାଶକୁ ଭଲ ଭାବରେ ଧରି ପାରୁଥିବା ଏବଂ ସେଥ ?ରେ ପରିବର୍ତ୍ତନ ଆଣିବାରେ ସକ୍ଷମ ହେଉଥିବା ଏକ ଉତ୍ତମ ପରିବର୍ତ୍ତନକୁ ଦର୍ଶାଉଛି ବୋଲି କୁହାଯାଇପାରେ । ପଞ୍ଜାବ କଥାକୁ ନିଆଯାଉ । ଏହି ରାଜ୍ୟରେ ସେ ସମୟର କଂଗ୍ରେସ ନେତୃତ୍ୱ ଭଲ ପରିସ୍ଥିତିକୁ ମଧ୍ୟ ବିଗାଡ଼ି ଦେଇଥିଲେ; କ୍ୟାପଟେନ୍ ଅମରିନ୍ଦର ସିଂହଙ୍କ ନେତୃତ୍ୱରେ ସୁରୁଖୁରୁରେ କାମ କରି ଚାଲିଥିବା ସରକାର ଭୁଶୁଡ଼ି ପଡ଼ିଥିଲା ଏବଂ ପରବର୍ତ୍ତୀ ସମୟରେ ନିର୍ବାଚନରେ ପୋଛି ହୋଇ ଯାଇଥିଲା । ମଧ୍ୟପ୍ରଦେଶ ଏବଂ ତେଲେଙ୍ଗାନାରେ ମଧ ଏହା ସପକ୍ଷରେ ହାୱା ବୁହାଇବାକୁ ଦଳ ଉଦ୍ୟମ କରୁଛି ଏବଂ ବିଜୟୀ ହେବାର ଆଶା ପୋଷଣ କରୁଛି । ଛତିଶଗଡ଼ରେ କିନ୍ତୁ ଶ୍ରୀଯୁକ୍ତ ସିଂହଦେଓଙ୍କର ଦଳ ପ୍ରତି ଆନୁଗତ୍ୟ ଏବଂ ଦଳ ଉପରେ ଦୃଢ଼ ଆସ୍ଥା ତାଙ୍କ ପାଇଁ ଏବଂ ଦଳ ପାଇଁ ଲାଭଦାୟକ ହେବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଅପର ପକ୍ଷରେ ରାଜସ୍ଥାନରେ ଗତ ନିର୍ବାଚନରେ ବିଜୟ ଲାଭ କରିବା ପାଇଁ ସଚିନ୍ ପାଇଲଟ୍ କରିଥିବା ଉଦ୍ୟମକୁ ଏହା ଅଣଦେଖା କରିଛି । ତେବେ ସମ୍ପ୍ରତି ମନେହୁଏ ଏହା ରାଜସ୍ଥାନରେ ବିବାଦର ଏକ ସ୍ଥାୟୀ ସମାଧାନ ମଧ୍ୟ କରି ପାରିବ, ଯଦି ଦଳ ବାର୍ତ୍ତାଟିଏ ପ୍ରେରଣ କରିବାକୁ ଉପାୟ ପାଇଯାଏ ଯେ- ମୁଖ୍ୟମନ୍ତ୍ରୀ ନୁହନ୍ତି, ଦଳ ପ୍ରତି ଆନୁଗତ୍ୟ ହିଁ ଯଥେଷ୍ଟ ମୂଲ୍ୟ ରଖେ । ସମ୍ପ୍ରତି ବିରୋଧୀ ଦଳମାନେ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଏକ ମେଣ୍ଟ କରି ଜାତୀୟ ସ୍ତରରେ ବିଜେପି ବିରୋଧରେ ଲଢ଼ିବାକୁ ପ୍ରସ୍ତୁତ ହେଉଥିବା ସମସ୍ତଙ୍କୁ ଜଣା । କଂଗ୍ରେସ ପାଇଁ ସୁଯୋଗ ରହିଛି ନିଜକୁ ନିଜର ଦୀର୍ଘଦିନର ମିତ୍ର ଦଳମାନଙ୍କ ସହିତ ମେଣ୍ଟ ବଜାୟ ରଖିବା ସହିତ ନିଜ ବଳରେ ବିଜୟୀ ହେବାର ସାମର୍ଥ୍ୟ ବହନ କରୁଥିବା ପ୍ରମାଣିତ କରି ବିରୋଧୀମାନଙ୍କ ମେଣ୍ଟର ଏକ କେନ୍ଦ୍ରବିନ୍ଦୁ ହେବା ପାଇଁ । ନିଜକୁ ଉପସ୍ଥାପିତ କରିବା ନିମନ୍ତେ । କହିବା ବାହୁଲ୍ୟ, ଛତିଶଗଡ଼ ଭଳି ଦଳ ଯଦି ଜାତୀୟ ସ୍ତରରେ ସମସ୍ତ ହିତଧାରକଙ୍କୁ ସମ୍ମାନ ପ୍ରଦର୍ଶନ କରିବା ସଙ୍ଗେ ସଙ୍ଗେ ସେମାନଙ୍କର ଉପଯୁକ୍ତ ମୂଲ୍ୟ ପ୍ରଦାନ କରିବା ଭଳି କୌଶଳର ଆଶ୍ରା ନିଏ, ତା'ହେଲେ ଦଳକୁ ବିରୋଧୀଙ୍କ ମେଣ୍ଟର ନେତୃତ୍ୱ ମଧ୍ୟ ମିଳିପାରେ।

## ପୂର୍ଣ୍ଣତାର ଗନ୍ତାଘର - ଗୁରୁ

### ଇ.ସଚ୍ଚିଦାନନ୍ଦ ନନ୍ଦ



ଭାରତ ବର୍ଷରେ ତଥା ସମଗ୍ର ପୃଥିବୀର ଗୁରୁପୂଜା ଚଳି ଆସିଛି କାହିଁ କେଉଁ ପୁରା କାଳରୁ । ଭାରତୀୟ ପୁରାଣ ଶାସ୍ତ୍ର, କିମ୍ବଦନ୍ତୀ ତଥା ଲୋକ କଥାରୁ ଏହାର ପ୍ରମାଣ ଯଥେଷ୍ଟ ପରିମାଣରେ ମିଳେ । ଭାରତ ବାହାରେ ମଧ ଏହାର ପ୍ରଚଳନ ଅଛି । ଯାପାନର ସିଣ୍ଟୋ, ଚୀନର ତାଓ କନ୍‌ଫୁସିଅସ୍, ପାରସ୍ୟର ଜେରାଥୁଷ୍ଟ୍ର, ଯୀଶୁଖ୍ରୀଷ୍ଟ ଗୁରୁ ଭାବେ ଗ୍ରହଣ କରିଥିବା ଜନ ପ୍ରଭୃତି ପୃଥିବୀର ବିଖ୍ୟାତ ଗୁରୁ ଶ୍ରେଣୀର । ସେହି ମାନଙ୍କୁ ଗୁରୁ ଆଖ୍ୟା ଦିଆଯାଏ ଯେଉଁମାନେ ଜୀବନରେ ଈଶ୍ୱରଙ୍କ ସହ ନିଜକୁ ଯୋଗଯୁକ୍ତ କରିପାରିଛନ୍ତି ଏବଂ ତା ଫଳରେ ପାଇଥିବା ଜ୍ଞାନକୁ ସମାଜ ଉପକାରରେ ବ୍ୟବହାର କରିଥାନ୍ତି । ସମାଜର ଏଭଳି ଏକ ମହାନ ଉପକାର ସାଧନ କରିଥିବା ଗୁରୁ ବ୍ୟାସଦେବଙ୍କ ଉଦ୍ଦେଶ୍ୟରେ ଗୁରୁ ପୂର୍ଣ୍ଣମୀ ପାଳିତ ହୋଇଆସୁଛି । ବ୍ୟାସଦେବ ବେଦଗୁଡ଼ିକୁ ସଂକଳିତ କରି ଭାରତୀୟ ସମାଜର ମହାନ୍ ଉପକାର କରିଯାଇଛନ୍ତି । ପରବର୍ତ୍ତୀ ସମୟରେ ଏହା ଅନେକ ଆଗ୍ରହୀ ବିଦେଶୀ ଗବେଷକ ମାନଙ୍କ ଉପକାରରେ ମଧ ଲାଗିଛି । ଯେଉଁମାନେ ଏହାଦ୍ୱାରା ଉପକୃତ ହେବାକୁ ଇଚ୍ଛା କରିଛନ୍ତି ବା ଉପକୃତ ହୋଇଛନ୍ତି ସେମାନେ ହିଁ ଜାଣନ୍ତି ସମାଜ ପ୍ରତି ବ୍ୟାସଦେବଙ୍କ ଅବଦାନ କେଉଁସ୍ତରର ।

ସାଧାରଣତଃ ଯାହା କୁହାଯାଇଥାଏ ଗୁରୁ ଅଜ୍ଞାନ ଦୂର କରି ଜ୍ଞାନ ପ୍ରଦାନ କରିଥାନ୍ତି । ସେ ଜ୍ଞାନ ବୈଦିକ ଜ୍ଞାନ । ବେଦ ଶବ୍ଦର ଅର୍ଥ ଜ୍ଞାନ । ଜ୍ଞାନପ୍ରାପ୍ତ ହୋଇ ମାନବ ଯାହାକରେ ତାହା ତାର ମାନବ ଜନ୍ମକୁ ସାର୍ଥକ କରେ । ଅଜ୍ଞାନର ସହ କରାଯାଉଥିବା କର୍ମ ଅନ୍ୟକୁ ତଥା ନିଜକୁ ପୀଡ଼ା ଦିଏ । ଯାହାର ଅନ୍ୟ ଅର୍ଥ ପାପ । ତାହାର ଫଳ ସମସ୍ତଙ୍କୁ ଜଣା । ଗୁରୁ ଅନ୍ଧକାରରୁ ଆଲୋକକୁ ନେଇଥାନ୍ତି । ଏଠାରେ ଅନ୍ଧକାର ଅର୍ଥ ଅଜ୍ଞାନ ଓ ଆଲୋକ ଅର୍ଥ ଜ୍ଞାନାଲୋକ । ଗୁରୁ ଏତେ ବଡ଼ ଉପକାର ସାଧନ କରନ୍ତି ବୋଲି ଗୁରୁଙ୍କ ପ୍ରତି କୃତଜ୍ଞ ହୋଇ କେତେକ ଶ୍ଳୋକରେ ଗୁରୁ ମହିମା ବର୍ଣ୍ଣିତ ହୋଇଛି । ସେଥିରୁ କେତୋଟି - 'ଏକମପ୍ୟକ୍ଷରଂ ଯସ୍ତୁ ଗୁରୁଃ ଶିଷ୍ୟେ ନିବେଦୟେତ୍, ପୃଥିବ୍ୟାଂ ନାସ୍ତି ତଦ୍ଦ୍ରବ୍ୟଂ ଯଦ୍ଦତ୍ତ୍ୱା ଯଉସ୍ତାଦନୃଣୀ ଭବେତ୍ ।' ଅର୍ଥ ''ଗୁରୁ ଶିଷ୍ୟକୁ ଯେଉଁ ଗୋଟିଏ ଅକ୍ଷର ଶିକ୍ଷା ଦିଅନ୍ତି ତା ବଦଳରେ ସାରା ପୃଥିବୀରେ ଏପରି କୌଣସି ପଦାର୍ଥ ନାହିଁ ଯାହା ଦେଇ ଶିଷ୍ୟ ଋଣମୁକ୍ତ ହୋଇପାରିବ ।'' 'ଯଜ୍ଞ ବ୍ରତ ତପୋଦାନଂ ଜପ ତୀର୍ଥାନ୍ତୁ ସେବନଂ, ଗୁରୁ ତତ୍ତ୍ୱ ମବିଜ୍ଞାୟ ନିଷ୍ଫଳଂ ନାତ୍ର ସଂଶୟଃ ।' ଅର୍ଥାତ୍ ''ଗୁରୁ ତତ୍ତ୍ୱ ଅବଗତ ନହୋଇ ଯଜ୍ଞ, ବ୍ରତ, ତପ, ଦାନ, ଜପ ତୀର୍ଥ ପ୍ରଭୃତି ସମସ୍ତ କର୍ମ ନିଷ୍ଫଳ ପରିଗଣିତ ହୁଏ ।'' 'ଗୁରୁରିତ୍ୟକ୍ଷରଂ ଯସ୍ୟ ଜିହ୍ୱାଗ୍ରେ ଦେବିତିଷ୍ଠତ, ତସ୍ୟ କିଂ ବିଦ୍ୟତେ ମୋହ ବେଦପାଠେ ଶ୍ରମୋ ବୃଥା ।' ଅର୍ଥାତ୍ ହେ ଦେବି, ଯାହାର ଜିହ୍ୱାଗ୍ରରେ ଗୁରୁ ଅକ୍ଷର ଦ୍ୱୟ ବିଦ୍ୟମାନ ଥାଏ, ତାହା ଠାରେ କୌଣସି ପ୍ରକାର ଅଜ୍ଞାନତ ବା ମୋହ ରହି ନପାରେ । ଅନ୍ୟତ୍ର କୁହାଯାଇଛି, 'ଦେବାନାଞ୍ଚ ଗୁରୁଣାଞ୍ଚ ଭେଦୋଜ୍ଞାନାଦିନା କୃତଃ, ପାତୟେନ୍ନରକେ ତୀବ୍ରେ ଗୁରୁଭେଦ କରଂ ନରଂ ।' ଅର୍ଥ - ''ଯେଉଁ ବ୍ୟକ୍ତି ଅଜ୍ଞାନ ବନ୍ଧନ ଯୋଗୁଁ ଦେବତା ଓ ଗୁରୁ ମଧ୍ୟରେ ପ୍ରଭେଦ ଦେଖନ୍ତି, ସେମାନଙ୍କୁ ଭୀଷଣ ନର୍କରେ ପଡ଼ିବାକୁ ହୁଏ ।'' ଏଇଥି ପାଇଁ କୁହାଯାଇଥାଏ ଗୁରୁ ସାକ୍ଷାତ ପରମବ୍ରହ୍ମ । ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ ଗୁରୁଦେବ ମହେଶ୍ୱର । ଏହି ଶ୍ଳୋକଟିର ଅନ୍ୟଏକ ଅନ୍ତରାର୍ଥ ଅଛି । ପିତାମାତା ମଧ ଗୁରୁ ପଦବାଚ୍ୟ । ପିତାମାତା ସନ୍ତାନକୁ ସୃଷ୍ଟି କରନ୍ତି ବ୍ରହ୍ମା ସଦୃଶ, ପିତାମାତା ସନ୍ତାନକୁ ଲାଳନ ପାଳନ କରନ୍ତି ବିଷ୍ଣୁ ସଦୃଶ ଓ ସନ୍ତାନ ଠାରେ କୌଣସି କୌଣସି ଦୁରାଭ୍ୟାସ ବା ଦୁରାରୋଗ୍ୟ ଲକ୍ଷଣ ଦେଖିଲେ ତାହାକୁ ବିନାଶ କରିବା ପାଇଁ ମହେଶ୍ୱରଙ୍କ ଭୂମିକା ଗ୍ରହଣ କରନ୍ତି । ସେ ଦୃଷ୍ଟିରୁ ପିତାମାତା ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ତଥା ସାକ୍ଷାତ ପରଂବ୍ରହ୍ମ କହିଲେ କିଛି ଅତ୍ୟୁକ୍ତି ହେବନାହିଁ ।

ପିତାମାତାଙ୍କ ତୁଳନାରେ କିନ୍ତୁ ଗୁରୁଙ୍କର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ ଗୋଟିଏ ଦୃଷ୍ଟିରୁ । ଶାସ୍ତ୍ରରେ କୁହାଯାଉଛି - 'ଶରୀରଦ ପିତାଦେବୀ ଜ୍ଞାନଦୋ ଗୁରୁରେବଚ, ଗୁରୋର୍ଗୁରୁ ତରୋନାସ୍ତି ସଂସାରେ ଦୁଃଖ ସାଗରେ ।' ଅର୍ଥ - ପିତାମାତା ଆମର ଦେହଦାତା ଅଟନ୍ତି, ଗୁରୁ ଜ୍ଞାନ ଦାତା ଅଟନ୍ତି, ଏ ଦୁଃଖପୂର୍ଣ୍ଣ ସଂସାରରେ ଗୁରୁଙ୍କ ଠାରୁ ଗୁରୁତ୍ୱପୂର୍ଣ୍ଣ ଆଉକିଛି ନାହିଁ । 'ଜନ୍ମ ହେତୃ ହି ପିତରୌ ପୂଜନୀୟୌ ପ୍ରଯତ୍ନତଃ, ଗୁରୁ ବିଶେଷତଃ ପୂଜ୍ୟୋ ଧର୍ମାଧର୍ମ ପ୍ରଦର୍ଶକଃ ।' ଅର୍ଥ - ପିତା ଆମ ଜନ୍ମର ହେତୁ ହୋଇଥିବାରୁ ସର୍ବଦୌ ପୂଜନୀୟ, ଗୁରୁ ବିଶେଷ ଭାବେ ପୂଜ୍ୟ କାରଣ ସେ ଧର୍ମ ଓ ଅଧର୍ମ କ'ଣ ତାହାର ପ୍ରଦର୍ଶନ କରାଇଦେଇଥାନ୍ତି । ପରିଶେଷରେ କଥିତ ଅଛି 'ଯାବଦାୟୁ ସ୍ୱୟୋ ବନ୍ଧ୍ୟା ବେଦାନ୍ତୋ ଗୁରୁରୀଶ୍ୱରଃ, ମାନସା କର୍ମଣାବାଚା ଶ୍ରୁତେରେବୈଷ ନିଶ୍ଚୟଃ ।' ଅର୍ଥ - ''ଯେ ପର୍ଯ୍ୟନ୍ତ ଆୟୁ ବିଦ୍ୟମାନ ଥିବ ସେ ପର୍ଯ୍ୟନ୍ତ ବେଦାନ୍ତ, ଗୁରୁ ଓ ଈଶ୍ୱର ତ୍ରୟଙ୍କର ବନ୍ଦନା କାୟମନୋବାକ୍ୟରେ କରଣୀୟ ।'' ଏହା ଶ୍ରୁତିର ସିଦ୍ଧାନ୍ତ । ପ୍ରକୃତରେ ଆମେ ଜୀବନ ଯାପନ କରୁଥିବା ଏହି ସଂସାରରେ ଏଭଳି ପରିସ୍ଥିତିମାନ ଉପୁଜିବ ସେ ସମୟରେ କ'ଣ କର୍ତ୍ତବ୍ୟ ଓ କ'ଣ କରଣୀୟ ତାହା ନିର୍ଣ୍ଣୟ କରିବା ସାଧାରଣ ମଣିଷ ପକ୍ଷେ କଷ୍ଟକର ହୋଇପଡ଼େ । ଫଳରେ ମଣିଷ କିଛି ଗୋଟାଏ କରିବସେ ଯାହାର ପରିଣାମ ଦୁଃସହ ହୋଇଯାଏ । ଆଧ୍ୟାତ୍ମିକ କ୍ଷେତ୍ରରେ ତ ଅବସ୍ଥା ଆହୁରି ଜଟିଳ ହୋଇପଡ଼େ । ତେଣୁ ପ୍ରତ୍ୟେକଙ୍କ ପାଇଁ ଗୁରୁ ନିତ୍ୟାନ୍ତ ଆବଶ୍ୟକ । ସେ ବ୍ୟକ୍ତି ଆକାରରେ ହୁଅନ୍ତୁ, ଗ୍ରନ୍ଥ ଆକାରରେ ହୁଅନ୍ତୁ ବା ଅଲୌକିକ ବାଣୀ ଆକାରରେ ହୁଅନ୍ତୁ । ଭଗବାନଙ୍କ ଅବତାର ମାନେ ମଧ ମାନବ ଶରୀର ଧରି ଆସିବା ସମୟରେ ପାର୍ଥିବ ଗୁରୁ ଗ୍ରହଣ କରିବା କଥା ଆମ୍ଭ ମାନଙ୍କୁ ଅଜ୍ଞେ ବହୁତେ ଜଣା । ଗୁରୁ ଲାଭ କରିବା ପାଇଁ ବ୍ୟାକୁଳ ପ୍ରାର୍ଥନା ହିଁ ଗୁରୁଙ୍କୁ ଆଣି ପହଞ୍ଚାଇ ଦେଇଥାଏ । କେବଳ ଗୁରୁଙ୍କ ଆଜ୍ଞା ପାଳନ ହିଁ ମଣିଷକୁ ପୂର୍ଣ୍ଣତା ଦେଇଥାଇପାରେ ।

+ଅଲିଶା ବଜାର, କଟକ,
ଦୂରଭାଷ : ୯୩୩୭୨୪୨୯୫୫

## ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ, ମହେଶ୍ୱର

### ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ଆଜି ଆଷାଢ଼ ମାସ ପୂର୍ଣ୍ଣିମା ତିଥି । ଏହି ତିଥିକୁ ଗୁରୁ ପୂର୍ଣ୍ଣିମା ରୂପେ ପାଳନ କରାଯାଏ । ହିନ୍ଦୁ ଧର୍ମରେ ଏହି ପୂର୍ଣ୍ଣିମାର ବିଶେଷ ମହତ୍ତ୍ୱ ରହିଛି, କାରଣ ଗୁରୁ ହିଁ ଭଗବାନଙ୍କର ସାକାର ମୂର୍ତ୍ତି ଓ ସେ ଅଖଣ୍ଡ। ଗୁରୁ ହିଁ ଶିଷ୍ୟଙ୍କୁ ନବଜୀବନ ପ୍ରଦାନ କରିଥାନ୍ତି । ସେମାନଙ୍କୁ ଅଜ୍ଞାନ ଓ ଅନ୍ଧକାରରୁ ମୁକ୍ତ କରାଇ ଜ୍ଞାନର ଆଲୋକ ପ୍ରଦାନ କରିଥାନ୍ତି । ଗୁରୁ ଶବ୍ଦଟି ହିଁ ଗୁରୁଙ୍କ ମହିମା ବର୍ଣ୍ଣନା କରିଥାଏ । 'ଗୁ'ର ଅର୍ଥ ଅନ୍ଧକାର ଏବଂ 'ରୁ'ର ଅର୍ଥ ପ୍ରକାଶ ହୋଇଥାଏ । ଏଥିପାଇଁ ଗୁରୁର ଅର୍ଥ ଅନ୍ଧକାରରୁ ପ୍ରକାଶକୁ ନେଇଯିବା । ତେଣୁ ଗୁରୁ ହିଁ ଶିଷ୍ୟଙ୍କ ଜୀବନରେ ସଫଳତାର ଉଚିତ ମାର୍ଗଦର୍ଶନ କରାଇଥାନ୍ତି । ପୁରାଣ ଅନୁସାରେ ଏହି ଦିନ ଭଗବାନ ବିଷ୍ଣୁଙ୍କ ଅବତାର ଗୁରୁ ବେଦବ୍ୟାସଜୀଙ୍କ ଜନ୍ମ ହୋଇଥିଲା । ସେ ମହାଭାରତ ଆଦି ଅନେକ ମହାନ ଗ୍ରନ୍ଥ ରଚନା କରିଥିଲେ । କୌରବ, ପାଣ୍ଡବ ଆଦି ସମସ୍ତେ ବେଦବ୍ୟାସଙ୍କୁ ହିଁ ଗୁରୁ ବୋଲି ମାନନ୍ତି । ଏଥିପାଇଁ ଆଷାଢ଼ ମାସ ପୂର୍ଣ୍ଣିମାକୁ ଗୁରୁ ପୂର୍ଣ୍ଣିମା ବା ବ୍ୟାସ ପୂର୍ଣ୍ଣିମା କୁହାଯାଏ । ଧର୍ମ ଗ୍ରନ୍ଥ ଅନୁସାରେ ଏହି ଦିନ ଯେଉଁ ବ୍ୟକ୍ତି ଗୁରୁଙ୍କ ଆଶୀର୍ବାଦ ପ୍ରାପ୍ତ କରିଥାଏ ତାର ଜୀବନ ସଫଳ ହୋଇଯାଇଥାଏ । ଏହି ଦିନ ଗୁରୁଙ୍କୁ ପୂଜା କରି ତାଙ୍କୁ ସମ୍ମାନ କରିବା ପରମ୍ପରା ପ୍ରଚଳିତ ରହିଛି । ଗୁରୁ ହିଁ ଶିଷ୍ୟମାନଙ୍କ ଭବିଷ୍ୟତ ଗଢ଼ିଥାନ୍ତି ଏବଂ ସେମାନଙ୍କୁ ଜୀବନର ସବୁଠାରୁ କଠିନ ପରିସ୍ଥିତିର ମୁକାବିଲା କରିବା ପାଇଁ ବାଟ ମଧ ଦେଖାଇଥାନ୍ତି । ମହର୍ଷି ବେଦବ୍ୟାସ ପୁରାଣରେ ଗୁରୁ ପୂର୍ଣ୍ଣିମା ବିଷୟରେ ଲେଖିଛନ୍ତି - 'ମମ ଜନ୍ମଦିନେ ସମ୍ୟକ୍ ପୂଜନୀୟଃ ପ୍ରୟତ୍ନତଃ, ଆଷାଢ଼ ଶୁକ୍ଳ ପକ୍ଷେଷୁ ପୂର୍ଣ୍ଣିମାଂ ଗୁରୌ ତଥା, ପୂଜନୀୟୋ ବିଶେଷଣ ବସ୍ତ୍ରାଭରଣଧେନୁଭିଃ, କୃତେ ଦ୍ୱୟା ବିପ୍ର ମତ୍ସ୍ୱରୂପସ୍ୟ ଦର୍ଶନମ୍' ଅର୍ଥାତ୍ - ଆଷାଢ଼ ଶୁକ୍ଳ ପୂର୍ଣ୍ଣିମା ମୋର ଜନ୍ମ ଦିବସ ଅଟେ । ଏହାକୁ ଗୁରୁ ପୂର୍ଣ୍ଣିମା କୁହାଯାଏ । ଏହି ଦିନ ପୂରା ଶ୍ରଦ୍ଧାର ସହ ଗୁରୁଙ୍କୁ ସୁନ୍ଦର ବସ୍ତ୍ର, ଆଭୂଷଣ, ଫଳ ପୁଷ୍ପ, ରତ୍ନ ଓ ସ୍ୱର୍ଣ୍ଣ ମୁଦ୍ରା ଆଦି ସମର୍ପିତ କରି ତାଙ୍କର ପୂଜା କରିବା ଉଚିତ । ଏମିତି କରିବା ଦ୍ୱାରା ଗୁରୁଦେବଙ୍କ ମଧ୍ୟରେ ମୋର ହିଁ ସ୍ୱରୂପ ଦର୍ଶନ ହେବ । ଏହି ପ୍ରସଙ୍ଗରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଗୁରୁ ଶବ୍ଦର ବ୍ୟାଖ୍ୟା କରିବାକୁ ଯାଇ କହିଛନ୍ତି 'ବିପାକ ପଥରେ ହାତ ଧରି ଯିଏ ଚାଲିବା କୌଶଳ ଶିଖାଇ ଦିଅନ୍ତି, ତାଙ୍କୁ ହିଁ ଜାଣିବ ଗୁରୁବୋଲି ଅଭୟ ପଥରେ ସେ ହିଁ ନିଅନ୍ତି।' ଗୁରୁଙ୍କ ପାଖରେ ସୃଷ୍ଟିସ୍ଥିତି ଓ ପ୍ରଳୟର ସମସ୍ତ କୌଶଳ ଓ ଜ୍ୟୋତି ସନ୍ନିବେଶ ହୋଇ ରହିଛି। ଏହି ପ୍ରସଙ୍ଗରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି 'ଯୁଗପୁରୁଷ ଆର୍ବିଭାବେ ଦେବଶକ୍ତି ସିଦ୍ଧଶକ୍ତି, ଅତି ଦୈହିକସମାହାରେ ତାଙ୍କଠି ପୂରଣ ଅଭିବ୍ୟକ୍ତି, ଯେତେକ ତନ୍ତ୍ର ବ୍ରାହ୍ମୀ ମନ୍ତ୍ର, ସାର୍ଥକତାର ଲଭେ ଯନ୍ତ୍ର, ଯବକାଚରେ ସୂର୍ଯ୍ୟ ରଶ୍ମୀ ଯେଭଳି ସ୍ୱଭାବ ସଂହତି।' ପୁରାଣରେ ପୁଣି ବର୍ଣ୍ଣିତ ଅଛି 'ଗୁରୁବ୍ରହ୍ମା ଗୁରୁବିଷ୍ଣୁ ଗୁରୁଦେବୋ ମହେଶ୍ୱରଃ, ଗୁରୁଃ ସାକ୍ଷାତ୍ ପରଂ ବ୍ରହ୍ମ ତସ୍ମୈ ଶ୍ରୀଗୁରୁବେ ନମଃ ।' ଅର୍ଥାତ୍ - ଗୁରୁ ହିଁ ବ୍ରହ୍ମା, ଗୁରୁ ହିଁ ବିଷ୍ଣୁ ଏବଂ ଗୁରୁ ହିଁ ଭଗବାନ ଶଙ୍କର ଅଟନ୍ତି । ଗୁରୁ ହିଁ ସାକ୍ଷାତ ପରବ୍ରହ୍ମ ଅଟନ୍ତି । ଏହି ଗୁରୁଙ୍କ ମୁଁ ସହସ୍ରବାର ପ୍ରଣାମ କରୁଛି ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

## ଏହା ସତ୍ୟ କି ?

### ସୁବ୍ରତ କର



ଆରମ୍ଭ ହୋଇଥିବା ରଥଯାତ୍ରାର ଆଜି ଶେଷଦିନ କାରଣ ଆଜି ଚତୁର୍ଦ୍ଧା ମୂର୍ତ୍ତୀଙ୍କ ନୀଳାଦ୍ରି ବିଜେ । ପ୍ରାୟ ୧୨-୧୩ ଦିନ ହେବ ଆମର ଆରାଧ୍ୟ ଦେବତା, ଆମର ଗର୍ବ, ଆମର ଇତିହାସ ଆମକୁ ଓଡ଼ିଶା ବାହାରେ ପରିଚିତ କରାଇଥିବା ଆମର ଭାବର ଠାକୁର, କାଳିଆ ସାଆନ୍ତ ନିଜ ଜାଗାକୁ ଫେରିବେ । ଏହିଦିନ ଗୁଡ଼ିକରେ ଭକ୍ତମାନେ କାଳିଆ ସାଆନ୍ତଙ୍କୁ ଅତି ନିକଟରୁ ପାଇଁ, ସାମନା ସାମନି ହୋଇ ନିଜ ନିଜ ମନରେ ଥିବା ଆବେଗକୁ ଅତି ସହଜରେର ଓଗାଳି ପାରିଲେ ଏବଂ ସମସ୍ତେ ଆଶା କରିଥିବେ କାଳିଆ ସାଆନ୍ତ ସମସ୍ତ ପ୍ରକାରର ସମସ୍ୟାକୁ ସମାଧାନ କରିବା ପାଇଁ ଚେଷ୍ଟା କରିବେ, କାରଣ ପୁଣି ଏମିତି ଭେଟାଭେଟି ପାଇଁ ଏକବର୍ଷ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ ।

ଏବେ ଆସିବା ଏହି ସମୟ ମଧ୍ୟରେ ଘଟିଥିବା କେତେ ଗୁଡ଼ାଏ ଘଟଣା ଉପରେ ଦୃଷ୍ଟି ରଖିବା । ପ୍ରଥମ କଥା ହେଲା ଆମର କାଳିଆ ସାଆନ୍ତଙ୍କୁ ପିତଳ ଥାଳିରେ ଖାଇବାକୁ ଦିଆ ହୁଏ, ପିନ୍ଧନ୍ତି ପୁରୁଣା ପୋଷାକ ଏବଂ ଯେଉଁ ସୁନାରେ ସେମାନଙ୍କୁ ମଣ୍ଡିତ କରାହୁଏ ସେ ସବୁ ରାଜା କପିଳେନ୍ଦ୍ର ଦେବଙ୍କ ସମୟରେ ତିଆରି ହୋଇଥିଲା । ଏଇଠି ପ୍ରଶ୍ନ ସାଧାରଣ ଭକ୍ତଙ୍କ ଏହା କେତେଦୂର ସତ୍ୟ? ଯଦି ସତ୍ୟ ହୋଇଥାଏ ତେବେ ଏହାଠୁ ଦୁଃଖଦ ଘଟଣା ଆଉ କିଛି ହୋଇ ନପାରେ ଏବଂ ଏହା ପାଇଁ ଦାୟୀ କିଏ? ପ୍ରଥମ ସେବକ ପୁରୀର ରାଜା ସାହେବ ଅଛନ୍ତି, ଦୟିତା ପତିଠୁ ଆରମ୍ଭ କରି ଶହ ଶହ ସେବକମାନେ ଅଛନ୍ତି ଏବଂ ସବୁଠୁ ବଡ଼ କଥା ହେଲା ମନ୍ଦିରର ପ୍ରଶାସନ, ଜିଲ୍ଲା ପ୍ରଶାସନ ଏବଂ ସର୍ବୋପରରି ସରକାର ଅଛନ୍ତି, ଏମାନେ କରୁଛନ୍ତି କଣ? କାଳିଆ ମହାରାଜାଙ୍କ କଣ, ଟଙ୍କାର ନା ସମ୍ପତ୍ତିର ଅଭାବ ଅଛି ନା ଅନ୍ୟ କିଛି? ଶୁଣିବାକୁ ମିଳେ ତାଙ୍କର ରତ୍ନ ଭଣ୍ଡାରରେ ଗଚ୍ଛିତ ଥିବା ସୁନା ଏବଂ ଅନ୍ୟାନ୍ୟ ଜିନିଷ ଆକଳନର ବାହାରେ। ୧୯୭୮ ପରେ ଆଉ ରତ୍ନ ଭଣ୍ଡାର ଖୋଲି ହୋଇ ନାହିଁ ବା କଣ ସବୁ ଅଛି କେହି ଜାଣି ନାହାନ୍ତି ବୋଲି କହୁଛନ୍ତି । ମନେ ହେଉଛି ଏଥର ଜଣାପଡ଼ିବ କାରଣ ଏ ବିଷୟଟି ଏବେ ହାଇକୋର୍ଟର ବିଚାରାଧିନ । ଯଦି ରତ୍ନ ଭଣ୍ଡାର ଖୋଲା ଏବଂ ହୁଏତ ସବୁ ସମସ୍ୟାର ସମାଧାନ ନାଟିବ ଏବଂ ଏବେକାର ଅବସ୍ଥାର କାଳିଆ ମହାପ୍ରଭୁଙ୍କ ସୁଧାର ଆସିବ । ଆମେ ଜାଣିଛୁ କାଳିଆ ସାଆନ୍ତ ସୁଖରେ ଆନନ୍ଦରେ ରହିଲେ ନିଶ୍ଚିତ ଆମେ ଓଡ଼ିଶାବାସୀ ଆରାମରେ ଏବଂ ଖୁସୀରେ ରହି ପାରିବ ।

ଭକ୍ତମାନେ କାଳିଆ ସାଆନ୍ତଙ୍କୁ ଟିକିଏ ଦେଖିବା ପାଇଁ (ସାଧାରଣ ଦିନ ମାନଙ୍କରେ) ଲମ୍ବା ଧାଡ଼ିରେ ଛିଡ଼ା ହୋଇ ଖରାବର୍ଷାକୁ ବେଖାତିର କରନ୍ତି । କିଏ, କେଉଁ ଦୂର ଦୂରାନ୍ତର ଆସିଥାଆନ୍ତି କାଳିଆକୁ ନିଜର ଦୁଃଖ ଜଣାଇବା ପାଇଁ, କାରଣ କାଳିଆ ସମସ୍ତଙ୍କ କଥାକୁ ଅତି ଆପଣାର ହୋଇ ଶୁଣନ୍ତି ଏବଂ ସମାଧାନ ମଧ କରନ୍ତି । ସେବାୟତ ମାନେ ଏହି କେତେଦିନ ରଥ ଉପରେ ଚଢ଼ି ଜଗନ୍ନାଥଙ୍କୁ ବିଭିନ୍ନ ବେଶରେ ସଜାନ୍ତ ଏବଂ ଏହା ତାଙ୍କ କାମ । ପ୍ରଶ୍ନ ଉଠୁଛି ସେବାୟତଙ୍କ ସାନସାନ ପିଲାମାନେ (ଦେଢ଼ମାସରୁ ଦୁଇମାସ) କୋଳରେ ରହରି ଜଗନ୍ନାଥଙ୍କ ଦେହକୁ ବାରମ୍ବାର ଛୁଇଁବା ଏବଂ ଖେଳ ଖେଳିବା ଏହା ସାଧାରଣ ଭକ୍ତଙ୍କ ପସନ୍ଦ ଭିତରେ ଆସିଲା । ଏପରି ଘଟଣା ପରବର୍ତ୍ତୀ ବର୍ଷ ମାନଙ୍କରେ ନ ହେଲେ ଭଲ ହୁଅନ୍ତା ।




## ଚାରାଟିଏ ପୋତି ଦିଅ

### ଜଗଦୀଶ ସାହୁ

ଗଛଟିଏ ତୁମେ କାଟିବା ଆଗରୁ
ଥରୁଟେ ବିଚାର କର
କେତେ ଉପକାର କରେ ସେ ଆମର
ମନେ ଭାବି ଆପଣାର !

ନିଜ ଖାଦ୍ୟ ନିଜେ ପ୍ରସ୍ତୁତ କରେ ସେ
ମାଟି ତଳୁ ପାଣି ପିଏ
ଫୁଲ ଫଳ ତାର ମାନବ ହିତରେ
ସଦା ବ୍ୟବହାର ହୁଏ !

ଅମ୍ଳଜାନ ସିଏ ଦାନ କରିଥାଏ
ଜଗତ କଲ୍ୟାଣ ପାଇଁ
ତା ପାଇଁ ବରଷା ହୁଏ ଜଗତରେ
ଏ କଥାକି ଜଣା ନାହିଁ !

ନାନା ଜାତି ପକ୍ଷୀ ବସା ବାନ୍ଧି ଥାନ୍ତି
ଗଛକୁ ଭରଷା କରି
ଆମ ଏ ଧରଣୀ ସୁନ୍ଦର ଦିଶଇ
ସବୁଜିମା ଥିଲେ ପୁରି !

ବାଟର ବାଟୋଇ ଦେଖି ଗଛଛାଇ
ଗାମୁଛାଟି ପାରି ଦେଇ
ଥକ୍କା ପଣ ତାର ହୋଇଯାଏ ଦୂର
ଆନନ୍ଦରେ ପଡ଼େ ଶୋଇ !

ଗଛ ଉପକାର କାଳିଆ ଠାକୁର
ବୁଝି ହେଲା ଦାରୁ ଦିଅଁ
ଖୋଲା ଜାଗା ଦେଖି ବରଷା
ଦିନରେ
ଚାରାଟିଏ ପୋତିଦିଅ !

ସଂଜପଡା, ହିନ୍ଦୋଳ
ଢେଙ୍କାନାଳ,୭୫୯୧୨୮
ମୋ : ୯୦୭୮୧୮୫୬୧୬

## ମୌସୁମୀ ଆସିଛି...

### ରାମଚନ୍ଦ୍ର ବେହେରା

ମୌସୁମୀ ଆସିଛି ହରଷେ
ମାଟି ଗଲାଣି ଭିଜି
ଚାରୁ ତରୁଲତା ଗହଣେ
ଧରା ହେଲାଣି ସାଜି।

ଝିପି ଝିପି ବର୍ଷା ପରଶେ
ଦାଣ୍ଡେ ଚାଲୁଛି ପାଣି
କୁନା ତା' କାଗଜ ଡଂଗାକୁ
ହସି ଦିଏ ମେଲାଣି।

ଚାଷୀ ଭାଇ ତାର କ୍ଷେତରେ
ଦିଏ ବିହନ ବୁଣି
ଛତା ପଖିଆକୁ ହାଟରୁ
ଲୋକେ ନେଲେଣି କିଣି।

ଶୁଖିଥିବା ନଦୀ ପୋଖରୀ
ଧୀରେ ଗଲେଣି ପୂରି
ସାଧବ ବୋହୁ ତା ଚାଲିରେ
ଖୁସି ଦେଲାଣି ଭରି।

ପାଣି ବିନା ଜୀବଜଗତ
କେବେ ପାରେନି ବଂଚି
ସେଥିପାଇଁ ଆସେ ମୌସୁମୀ
ଦିଏ ବରଷା ଛିଂଚି।

ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ନୟନେ ଜଗତ ଦେଖିଲା

### ସୁହଂସ ଭୋଇ



ପ୍ରଭୁହେ ନୟନେ ଜଗତ ଦେଖିଲା
ଭକତଙ୍କ ହିତେ ରତ୍ନବେଦୀ ଛାଡି
ବଡ଼ଦାଣ୍ଡେ ପାଦ ପଡିଲା
ପ୍ରଭୁହେ ନୟନେ ଜଗତ ଦେଖିଲା

ଧନୀ ଧନହୀନ ଧରମ ବରନ
ସଭିଏଁ ସମାନ ଜାଣିଲା
ଉଚ୍ଚ ନୀଚ ସାନ ବଡ଼ ଭେଦଭାବ
ପାତର ଅନ୍ତର ନୋହିଲା
ଦେଖି ତୁ ଲୀଳା ଭକତ ଆଖିରୁ
ଲୁହ ଦୁଇ ଧାର ଝରିଲା
ପ୍ରଭୁହେ ନୟନେ ଜଗତ ଦେଖିଲା
ଜନନୀ ମାଉସୀ ଅମେଳ ନୁହନ୍ତି
ବୋଲି ଏହା ଜଣା ପଡିଲା

ଭଗିନୀ ସେନେହ ଭାଇର ପ୍ରଣୟ
ଭାରିଜାଠୁ ବଳି ପଡିଲା
ଦାସ ପରମେଶ ଏକ ସୂତ୍ରେ ବନ୍ଧା
ଯୁଗେ ଯୁଗେ କଥା ରହିଲା
ପ୍ରଭୁହେ ନୟନେ ଜଗତ ଦେଖିଲା

ପହଣ୍ଡି, ବରଗଡ଼

## ନୀଳନିର୍ବାଣ

### ବେଣୁଧର ସୂତାର

ନୀଳଜହ୍ନତୁମେ ମୋମନ ଆକାଶେ
ଭରିଦିଅ ସୁନା ସପନ ଆଶା
ନହୁଲୀ ମନମୋ ଚହଲାଇ ଦିଏ
ପ୍ରୀତି ସମ୍ମୋହିତ ପ୍ରଣୟ ଭାଷା
ପ୍ରେମ ପୀୟୂଷର ମାଦକ ନିଶା
ଜୋଛନା ମଦିରା କରେ ଆତ୍ମହରା
କୁଆଁରୀ ତନୁରେ ବଢାଏ ତୃଷା ।

ମୁହିଁ ଚାରୁହାସୀ ଲାସ୍ୟ ମଉକାଶି
ଚାରୁ କାଶଫୁଲ ମାଟି ମରତେ
ତୁମେ ଶରତର ସ୍ନିଗ୍ଧ ସମ୍ମୋହନ
ଅନୁପମ ସତ୍ତା ମହା ଜଗତେ
ପ୍ରୀତି ଆବେଗେ ମୁଁ ଝୁମେ ନିରତେ
ଇପ୍‌ସିତ ପ୍ରେମର ସ୍ୱପ୍ନ ସୁଧା ରସେ
ଆଶା ଅଭିସ୍ପାରେ ଯାମିନୀ ବିତେ ।

ଶିଶିର ସ୍ନାତା ମୋ ତନୁ ତନିମାରେ
ଲହଡି ମାରୁଛି ଭରା ଯୌବନ
ଇଚ୍ଛା ଆକାଶେ ମୋ
ଲହରିତ ଆଶା
ପାଇବାକୁ ପ୍ରୀତି ସୁଧା ଚୁମ୍ବନ
ତନୁତୀର୍ଥେ ମୋର ବଢେ ସ୍ପନ୍ଦନ
ଶୃଙ୍ଗାର ରଚେ ମୁଁ ତୁମପାଇଁ ପ୍ରିୟ
ତୁମେ ମୋ ସପନ ପୁନେଇଁ ଜହ୍ନ ।

ନାହିଁ ମଧୁ ଗନ୍ଧ ନଲୋଡେ ଅଳିନ୍ଦ
ରଚିବାକୁ ପ୍ରୀତି ପ୍ରଣୟ ରାସ
ମନେ ଅବସୋସ
ମେଣ୍ଟେନାହିଁ ଶୋଷ
ସ୍ୱପ୍ନ କୁମାର ମୋ ଆସ ଗୋ ଆସ
ରଚିବା ପ୍ରେମର ଅମିୟ ରାସ
ଅଭିସାରିକାର ରେଶମୀ ତନୁରେ
ବୋଳିଦେବଜ୍ୟୋତ୍ସ୍ନା ପ୍ରୀତିପୀୟୂଷ।

ଏବକ୍ଷ ତଳର ଅୟୁତ ବେଦନା
ବିଧୁରତା ପଣେ ବାଧୁଛି ପ୍ରାଣ
କମନୀୟ ରାସ ରସମୟ ଛନ୍ଦେ
ଲଭି ତୁମ ପ୍ରୀତି ନୀଳ ନିର୍ବାଣ
ରମଣ ରାସର ଏ ମଧୁକ୍ଷଣ
ପ୍ରୀତିସୁଧା ସ୍ୱର୍ଶେ ଭିଜି ଅବଶେଷେ
ଘେନିବି ଏଭବୁ ମହା ପ୍ରୟାଣ ।

କେଶଦୁରାପାଳ, କେନ୍ଦୁଝର
ମୋ:୯୧୭୮୫୬୮୨୪୬

# ନାରୀଟିଏ, ସ୍ତ୍ରୀଟିଏ



ପ୍ରଶାନ୍ତ ଚନ୍ଦନ



ଶୁଣିଲା ବେଳଠୁ ଉପମାକୁ ଜମା ଭଲ ଲାଗୁ ନ ଥିଲା ।

କାରଣ ସେ ବି ଯେ ଗୋଟିଏ । ତା'ର ବି ପୁଅ, ଝିଅ, ସ୍ୱାମୀ, ଶାଶୁ, ଦିଅର, ନଣନ୍ଦ ସମସ୍ତେ ଅଛନ୍ତି । ତେବେ ସେମାନେ ଏଠି ପୁଅ, ଝିଅ ସହ ଭଡାରେ ରହୁଛନ୍ତି । ଆଉ ଆଇଲା ଦିନୁ ତା'କୁ ଦେଖିଥିଲା ଉପମା ମାତ୍ର ଏବେ ଯେ ଦେଖିବାକୁ ବି ଇଛା ଲାଗୁନି... କାହିଁକି ନା ବୋଇଲେ ସମଗ୍ର ନାରୀ ଜାତିକୁ ବି ଅପମାନ ହେବାକୁ ହୁଏ ଏବଂ କଳଙ୍କିନୀ, ଅଲକ୍ଷଣୀ ଶବ୍ଦ ସହ ବି ପରିଚିତ ହେବାକୁ ହୁଏ ।

ତେବେ ଉପମା ଯେ ପାଠ ଖାଲି ପାଠ ପଢି ନ ଥିଲା । ସିଲେଇ ବି ଶିଖିଥିଲା । ଟାଇପ୍ ବି ଶିଖିଥିଲା । ଇଏ ଯେ ନା'ଟିକକ ଲେଖେ ବୋଇଲେ ତ, ତ, ଥ, ଥ ହୋଇଯାଏ ଯେ କ'ଣ କହିବ । ତା' ଛଡା ପିଲାମାନଙ୍କ ପ୍ୟାଣ୍ଟ, ସାର୍ଟ୍ ଆଇରନ୍ କରିବା ବି ଜାଣିନି । ନା ରୋଷେଇ ଗ୍ୟାସ୍ ଲଗାଇବା ବଡ ବିରକ୍ତ କର ନୁହେଁ ? ତେବେ ସେ ହୁଏନା ଓଲଟା ତା'ସ୍ୱାମୀକୁ କହି ଦେଉଥିବ

ତମେ ଆଣିଲା ବେଳକୁ ଏ ସବୁ ପଚାରିଥିଲ ?

ଆରେ ଏବେ ଶିଖିଲେ କ'ଣ ହେବନି ? ହୁଁ ତମେ ଯେ ଅଛ କ'ଣ ପାଇଁ ଗଲା ଭାବି ନ ଥିଲା ଉପମା ସେଦିନ । ତା' ମୋବାଇଲ୍ ରିଙ୍ଗ ହେବା ଦେଖି ଚମକି ପଡିଥିଲା ହେଲେ ତା'ସ୍ୱାମୀ କହିଥିଲା ଯାଅ ମୋବାଇଲ୍ ହେଲେ ଧରି ଆଣିବ ?

ନା ସେ ଆଣି ପାରିବନି... ପରିଶେଷକୁ ବାଧ ହୋଇ ସେ ଯାଇ ଆସିଲା ବେଳକୁ ରିଙ୍ଗ ସରି ଯାଇଥିଲା ମାନେ କିଏ କ'ଣ କହିବନି ଦେଖ ସେଠୁ ପାଟି କରି ଉଠିଥିଲା କହିଲି ପରା ତା'କୁ ସେତକ ବି ଆସେନି...

ହେ ଭଗବାନ ଭାବୁ, ଭାବୁ ତା'ସ୍ୱାମୀ କହି ଦେଇଥିଲା

କେଜାଣି କେମିତି ତା'ପାଲରେ ଯୋଗ ଥିଲା ନା ତ ସେ ଦୁମ୍ ଦୁମ୍ ହୋଇ ପଡି ରାଗି ଯାଇଥିଲା ପରେ ଆସିଥିଲା ସେ ଯୌତୁକର କଥା ଗୁଡିକ ଯେ କ'ଣ କହିବ ଉପମା ଆଶ୍ଚର୍ଯ୍ୟ ନୁହଁ ବରଂ ବିସ୍ମୟ ବି ହୋଇ ଯାଇଥିଲା । ମାତ୍ର ପାଖର ଅନ୍ୟ ଏକ ଭଡା ରହୁଥିବା ଜୈନିକର ସହଧର୍ମିଣୀ ସବୁ କହି ଦେଇଥିଲା ।

ବାସ୍ ତା'ର ପାଟି ସେଥିପାଇଁ ତ ସେ ତା'ର ମୋବାଇଲ୍ ଛୁଁଉନି ହଁ ଘରେ କାହିଁକି ଯେ ରହୁଛୁ ଯାଉନୁ ତୋ'ବାପ ଘରକୁ...

କାହିଁକି ଯିବି ତୁ'ଯାଉନୁ ତା'କୁ କ'ଣ ଆଣିଥିଲୁ ଇସ୍ କିନା ଆଖି ବୁଜି ଦେଇଥିଲା ଉପମା । ତା'ପରେ ତା'ଶାଶୁ ବଜାର କରି ଆସୁଥିଲା ତା'ପୁଅ କୋଉଠିକୁ ଯାଇଥିଲା କ'ଣ ଦୁହେଁ ଏକ ସାଙ୍ଗରେ ପହଞ୍ଚି ଯାଇଥିଲେ । ମାନେ କମ୍ ହେବ କ'ଣ ଦି'ଗୁଣା ବଢି ଯାଇଥିଲା !

ପରେ ସେ ପାଖ ଭଡା ଘରର ଅଧିକାରିଣୀ ଏକା ପୁଣି ଯୋଡିଥିଲା କ'ଣ କହୁଛନ୍ତି ନା ତୃତୀୟରେ ସେ ପୁରୁଷ ନୁହେଁ

ଅଛି ଗୋଟିଏ ରାଣ୍ଡି ବ୍ରାହ୍ମଣୀ ମାଇକିନିଆଟିଏ । ହଁ କହିପରେ ଘରର ପ୍ରକୃତ ଅଧିକାରୀ ବି କହିଥିଲା ତମ ମାନଙ୍କୁ କ'ଣ ଧ୍ୟାନ ହୋଇନି କି ତା'ସ୍ୱାମୀ ଅପେକ୍ଷା ସ୍ତ୍ରୀ କମ ବୟସ ହେବ ବୋଲି !

ନା ଯେ ସ୍ତ୍ରୀ ତ ଖାସ୍ ସୁନ୍ଦରି ବି ନୁହେଁ କହିଥିଲା ଉପମା । ଯାହା ତା'ସ୍ୱାମୀକୁ ଦେଖିଲେ ଲାଗୁଛି ଯେମିତି ନ ହେବା କଥା

ଓଲଟା ତା'ମା'କୁ ଦେଖୁନ ତା' ଯୌବନବସ୍ଥାରେ କ'ଣ ଖରାପ ଦେଖା ଯାଉଥିବ ମାତ୍ର କେମିତି ଯେ ବାହା ହୋଇ ପଡିଲା ?

ତା'ମା' କ'ଣ ଠିକ୍ କରି ଯାଇନି କି ଏହାକୁ ଲୁଚାଇ ଆଉ ଜଣକୁ ଦେଖାଇ ବାହା ସାହା କରି ଦେଇଛି କି ଯାହା ହେଉଛି ବି ଆଜି କାଲି...

ହେଉଛି ଯେ ହେଲେ ଆମର କ'ଣ ଯାଉଛି କି କହି ଚାଲି ଯାଇଥିଲା ଘରର ପ୍ରକୃତ ଅଧିକାରୀ ମାତ୍ର ଉପମା ନାହିଁ ଯେ ଏହା କ'ଣ ଜାଣିବା ବି କର୍ତ୍ତବ୍ୟ ନୁହେଁ କି ବୋଲି ସେ ଜୈନିକ ପାଖ

ଭଡା ଘରର ଅଧିକାରିଣୀକୁ ଦେଖିଥିଲା କହି, କହି । ସେ ବି ଚୁପ ହୋଇଯିବା ପରେ ବି କହିଥିଲା ଉପମା ଛାତଘର, ପାଣି ମୋଟର, ନଳକୂପ । ତା'ଛଡା ପୌରାଞ୍ଚଳର ପାନୀୟ ଜଳ ଯୋଜନାର ପାଇପ୍... ହଁ ଫ୍ରିଜ୍, ଟିଭି, ଗ୍ରାଇଣ୍ଡର ସବୁ ସୁବିଧା ଅଛି କହିଥିଲା ସେ ଜୈନିକ ଅଧିକାରିଣୀ ଦିନେ ସମସ୍ତେ ଠିକ୍ ଥିବା ବେଳେ ସେ ଯାଇଥିଲା ତାଙ୍କ ଘରକୁ ତ ଦେଖି ଆସିଛି ।

ଓହୋ ତ ତା'ପରେ ସେ ସ୍ତ୍ରୀ ଆଉ ଦୁଇଟି ଝିଅ ଓ ଗୋଟିଏ ପୁଅ ସହ ତାଙ୍କ ଘରର ଛାତ ଉପରକୁ ଆସି ଯାଇଥିଲା ଏବଂ କାଖେଇ ଥିବା ପୁଅକୁ ବି ଓହ୍ଲାଇ ଦେଇ କହିଥିଲା କ'ଣ, କ'ଣ ଖେଳ, ଖେଳ ନିକି, ଭାଣିଜି...

ଚମକିଲା ଉପମା । ପରେ, ପରେ ପୁଣି ଲକ୍ଷ୍ୟ କରି ଥିଲା ସେ । ତା'ଠୁ ଇଏ ସେତେ ସୁନ୍ଦରି ନୁହେଁ ବରଂ ଗୋଲ୍ ମୁହଁ ହେଲେ ଫର୍ଚ୍ଚା, ଫର୍ଚ୍ଚା ଦାନ୍ତ ସହ ଚେପଟା ନାକ ସହ ସାମାନ୍ୟ ଚିଲା ଆଖି । ମଧ୍ୟମ ବର୍ଣ୍ଣ ଗୋରା ।

ଗୋଡରେ ପାଞ୍ଜୁଲ ପିନ୍ଧିଥିଲେ ସୁଦ୍ଧା ଆଙ୍ଗୁଠି ଗୁଡିକର ଉଠି ଆସୁଥିବା ଶିରା ପ୍ରଶିରା ଗୁଡିକ ସ୍ପଷ୍ଟ କହି ଦେଉଥିଲା କୋଉ ଦିନ ମଜୁରିଆର ହିଁ ଝିଅ ଥିଲା ।

ତା'ହେଲେ ନିକି କିଏ ପଚାରିଥିଲା ଉପମା ?

ମୋ ଝିଅ ନାନୀ କହିଥିଲା ସେ ।

ତମ ନାଁ କ'ଣ ? କହିଲେ ଯେ କ'ଣ ହେବ କି କିଛି ନାହିଁ ତଥାପି ସମ୍ପନ୍ନା କହନ୍ତି କହି ଗୋଟିଏ ଦି'ପାଦ ପାଖ ବି ହେଲା ପରି ଆସି ଯାଇଥିଲା ।

ଆଉ ପୁଅ ନାହିଁ ବୋଧହୁଏ ଜାଣି, ଜାଣି ପଚାରିଥିଲା ପୁଣି ଉପମା ?

ଅଛି ଗୋ ହେଲେ ସେ ଯେ ଭିତରେ ଅଛି ।

ହୁଁ କେତେ ପଢୁଛି କି ତମ ପୁଅ ? ଥ, ଥ, ମ, ମ ହୋଇ କହିଥିଲା ସାତ କି ଆଠ ଯେ ମୋର ବି ମନେ ନାହିଁ ନାନୀ ମାତ୍ର ପଢୁଛି କହିଥିଲା ସେ ।

ଆଚ୍ଛା ଆଜିର ବାର, ମାସ କ'ଣ ଜଣା ନା ସମ୍ପନ୍ନା ତା'ବି ମନେ ନାହିଁ କହି ଚାପି ଦେଇଥିଲା ଉଠି ଆସୁଥିବା ତା'ମନର ହସକୁ ଉପମା । ମାନେ ଏଇନେ ଯେ ଝଗଡା କରି ଟିକେ ଶାନ୍ତ ପଡିଛି ।

ନାହିଁ ସେଇଟା ସେ କିଛି ଜାଣିନି ପୁଣି ଜାଣିକି କ'ଣ କରିବ କି ସେ କହିଥିଲା ସମ୍ପନ୍ନା । ଆଉ ପାଖରେ ଥିବା ସେ ଜୈନିକା ଅଧିକାରିଣୀ ଟିକେ ଧୀର ସ୍ୱରରେ କହିଥିଲା ଫଟା ମାଇକ୍ ପରି ଚିଲ୍ଲେଇ ଝଗଡା କରି ଆସୁଛି କହି ତା'ଘର ଆଡକୁ ଚାଲି ଯାଇଥିଲା । ସମ୍ପନ୍ନା ବୁଝି ନ ପାରି ସେ ବଡ ନାନୀ କ'ଣ କହିଲେ କି ଗୋ ନାନୀ ।

ହଁ ତାଙ୍କ ଘରକୁ ଟିକେ ବି ବୁଲି ଆସୁନ ତ ସେ କଥା କହୁଥିଲେ କହି ଦେଇ ପୁଣି ଉକୁଟି ଆସୁଥିବା ହସକୁ ଚାପି ଦେଇଥିଲା ଉପମା ।

ନାହିଁ ନାନୀ ଆଉ ଗୋଟିଏ କ'ଣ ଅଲଗା କହିଲେ ସେ ଏ ଛୁଆ ପିଲା ମାନଙ୍କର କେଁ କାଁ ପାଇଁ ଶୁଣି ହେଲାନି କହିଥିଲା ସେ । ଆଉ ବୁଲି ପଡି ଟିକେ ଧମକାଇଲା ପରି କହିଥିଲା ନିକି, ଭାଣିଜି ପାଟି

କରନି । ଟିକେ କମ୍ କରି ଖେଳିଲେ ହେବନି ଆଉ ତା'ପୁର୍ବରୁ ତା'ଶାଶୁ ଡାକ ଦେଇଥିଲା ସମ୍ପନ୍ନା । ପୁଅ ଡାକ ଦେଇଥିଲା ମା' ।

ମାତ୍ର ସମ୍ପନ୍ନା ନ ଶୁଣିଲା ପରି ହୋଇ ଉପମାକୁ ଚାହିଁ ପୁଣି ସେ ଛୁଆ ପିଲା ଆଡକୁ ଚାହିଁଥିଲା ସିନା କିଛି ପ୍ରତିକ୍ରୀୟା କରି ନ ଥିଲା ଅବଶ୍ୟ ଉପମା ସ୍ପଷ୍ଟ ଶୁଣିଥିଲା ।

ସମ୍ପନ୍ନା, ଏ ସମ୍ପନ୍ନା ଏତେ ଡାକ ଦେଇ, ଦେଇ ବାହାରି ଆସିଥିଲା ତା'ଶାଶୁ ମା' ଆଉ ଉପମାକୁ ଦେଖି ଟିକେ ଇତଃସ୍ତତ ହେଲା ପରି ହୋଇ ଯାଇଥିଲା ସିନା ସମ୍ପନ୍ନା କିନ୍ତୁ ନିର୍ବିକାର ଭାବରେ କହିଥିଲା କ'ଣ ହେଲା ନିଜେ ତ କରି ପାରୁନ ଯେ ମୋତେ ଡାକୁଛ ? ସେ ନାନୀ ସହ କଥା ହୋଇ, ହୋଇ ଛୁଆ, ପିଲାକୁ ଦେଖୁଛି ।

ଗଲ, ଗଲ ତମ ପୁଅ ଡାକୁଥିବ କି ତମ ପୁଅର ବାପା ବି ଡାକ ଦେଉଥିବେ ଯାଅ ଆଉ ଆସ ବଡମା'... ବାସ୍ ତା'ପରେ ଷୋହଳ, ସତର ବର୍ଷ ହେବ ପରେ ତା' ପୁଅର ବାହାଘରକୁ ମାନେ ତା' ନାତିକୁ ଆସି ଚଉଦ ପୁରି ପନ୍ଦର ଚାଲିଲାଣି ପୁଣି ପଢୁଛି ନବମ ।

ଉପମା ତା'ଶାଶୁକୁ ଫିସ୍ ଫିସ୍ ହୋଇ କହିଥିଲା ତମ ବୋହୂ ବଡ ଫୁଲେଇଟା ତ ବଡମା' କହନାଲୋ ଝିଅ ପୁରା ବେଙ୍ଗଟା ବେଙ୍ଗ, ସତ ନ କହି କ'ଣ କହିବି ମିଛ... ତେଣୁ ତ ଚମକି ଉଠିଥିଲା ଉପମା । ଦେଖିଥିଲା ତା'ସ୍ୱାମୀ ଶୋଇଛି ଏକେ ତ ସେ ସବୁବେଳେ ତା'ସ୍ୱାମୀର ବାମ କଡକୁ ହିଁ ଶୁଏ । ତେଣୁ ବାହାରକୁ ବାହାରିବା ବେଳେ ଅସୁବିଧା ହୁଏ । ସେତେବେଳେ ବି ଯେ ତା'ସ୍ୱାମୀର ଗୋଟିଏ ହାତ ତା'ଅଣ୍ଟାରେ ଅଛି । ଏଣୁ ତା'କୁ ସିଧା କରିବାକୁ ଯାଉ, ମନେ ପଡି ଯାଇଥିଲା ତା'ସ୍ୱାମୀର ଡାହାଣ ହାତର ଠିକ୍ ପାପୁଲି ତଳକୁ ଲେଖା ହୋଇଥିବା ଟାଟୁର ୟୁ'ଅକ୍ଷର ଅର୍ଥାତ୍ ଉପମାର ଇଂରାଜୀର ଯେ ୟୁ'ହେବନି... ସ୍ପଷ୍ଟ ଦୃଷ୍ଟି ଗୋଚର ହୋଇ ଯାଇଥିଲ ।

ହୋଇ ଯାଇଥିଲା ପୁଣି ଦିନେ ଏମିତି ରାତିରେ ତା'କୁ ତା'ସ୍ୱାମୀ ହିଁ ଧରି ନେଇଥିଲା ତାଙ୍କ ଘରର ଛାତ ଉପରକୁ ଆଉ ତା'କୁ ଚୁମ୍ବନ ଟିଏ ଆଙ୍କି ଦେଇ କହିଥିଲା କିସ୍ ମି ଉପମା !

ଉପମା ଆହୁରି ଶକ୍ତ ଭାବରେ ଜାବୁଡି କହିଥିଲା ସତେ ଆଜ୍ଞାକୁ କ'ଣ ଜଣା ନାହିଁ ଦୁଇ, ଦୁଇ ପିଲାର ମା'ହୋଇନି...

ନାହିଁ ଉପମା ପୁରା ଷୋଡସୀ ରୂପବତୀ ପରି ତ ସ୍ୱାମୀ ପୁଣି ଚୁମ୍ବନର ଝଡି ଲଗାଇ ଦେବାକୁ ଯାଇ ଏ ଗାଲରୁ ସେ ଗାଲକୁ ଆଣ୍ଡୁ, ଆଣ୍ଡୁ ସେ ହିଁ ମୃଦୁ କମ୍ପନରେ ତା'ସ୍ୱାମୀର ଓଠକୁ କାମୁଡି ଦେଇଥିଲା ତ ପରେ, ପରେ ଆଉ କ'ଣ କହିବ ଆପାତତ ସେ ହିଁ କହିଥିଲା ତା'ସ୍ୱାମୀକୁ ପ୍ରମାଣ କିଛି ଦେବ ?

ଅତି ଶୀଘ୍ର ପାଇଯିବ ଆଉ ତା'ପରେ ଏ ଟାଟୁ ଉପମାକୁ ଭାବିଲେ ଲାଗେ ବେଶି କିଛି ଦିନ ହୋଇନି ମାତ୍ର ତଥାପି ନଅ, ଦଶ ବର୍ଷ ଯେ ହେବ ଅର୍ଥାତ୍ ତା'ସାନ ପୁଅକୁ ବି ଯେ ଏଗାର, ବାର ବର୍ଷ ହେଲାଣି ସେ ପଢୁଛି ଏବେ ସପ୍ତମରେ... ବଡଟା ଯେ ପ୍ଲସ୍ ଟୁ' ତା'ଠୁ ଆହୁରି ପାଞ୍ଚ, ଛଅ ବର୍ଷ ବଡ... ନଇଁ ତା'ସ୍ୱାମୀକୁ ତା'ଗାଲ ମିଶାଇ ପୂର୍ଣ୍ଣ ପ୍ରେମରେ ମାତି ଯାଇଥିଲା ଯେ ତା'ସ୍ୱାମୀ ପୁଣି ତା'କୁ ତଳକୁ କରି ତା'ବନ୍ଧନକୁ ଶକ୍ତ କରୁଛି କି ସେ ନାହିଁ, ନାହିଁ ଆରେ ଏକ ଯିବ ।

ବହୁତ ବଡ ବାହାନା ତ ଏଠି ଉପରେ କରି ଦେଉନ ତା'ପରେ ସେ ବି କରିବ ଆଉ ଦୁହେଁ ଯାକ ଗୀତ ଗାଇବେ ତୁ'ମୁତୁରି ସେ ତ ମୁତୁରା ତା'ପରେ ହେଁସ କାହିଁ ପାରିବା କହିଥିଲା ତ ଛଡାଇ କିନା ଆସି ଯାଇଥିଲା ଉପମା ଖିଲି, ଖିଲି ହସ ହସି, ହସି...

ତା'ସକାଳକୁ ପୁଣି ସମ୍ପନ୍ନାର ପାଟି । ପରେ, ପରେ ତା'ସ୍ୱାମୀର ଝାଡୁ ଧାଇଁ ଆସି ସମ୍ପନ୍ନାକୁ ଆଉ ଧମକାଇବା ଏବଂ ତା' ପଛକୁ ତା'ମା' ସମ୍ପନ୍ନା ଦା'ଶାଶୁ ଆସି ତା'ପଅକୁ କହୁଥିଲା ତୁ'ଗଲୁ ଘର ଭିତରକୁ ଦେଲୁ ଝାଡୁ କହି ଛଡାଇବା ବେଳକୁ ତା'ମା'କୁ ବି ପଦିଏ ଧମକାଇଥିଲା କିଛି ଗୋଟିଏ ବନ୍ଦୋବସ୍ତ କର ବୋଇଲେ ତୁ ବି ଶୁଣନୁ ସେଥିପାଇଁ ଗଜ ମୁର୍ଖିଆଣିର ମୁହଁ ବେଶି ଟାଣ ହୋଇ ଯାଉଛି ଆହୁରି କ'ଣ, କଣ ଉଲ୍ଲେଖ କରିବା ଆବଶ୍ୟକ ନାହିଁ ବୋଲି ଭାବୁଛି । ତା'ସ୍ୱାମୀ ବି କହୁଛି ସମ୍ପନ୍ନାର ହିଁ ଚରିତ୍ର ଖରାପ ମାନେ ତା'ଉପସ୍ଥିତିରେ ବି ତା'ସ୍ୱାମୀ ଦିନେ ତା'କୁ ଏ ଛାତ ଉପରେ ବୁଝାଉ ଥିବାର ବି ସେ ଖୋଦ୍ ଶୁଣିଛି ମାତ୍ର ସେ ଏ କାନରେ ଛାଡି ଦେଇ ସେ କାନରେ ସେ ପୁରୁଷ କଥା ଶୁଣୁଛି । ସେ ରାଣ୍ଡି ବ୍ରାହ୍ମଣୀ ମାଇକିନିଆର କଥା ଧରୁଛି ।

ଏଇଠି ହିଁ ସେମାନେ ଦୁଇ ପ୍ରାଣୀ କଥା ହେଉଥିଲେ । ଆଉ ସେ ଝରକା କୋଣରେ ବସି ଅଫିସର କୋଉ କାମଟାକୁ ତ ଶେଷ କରୁଥିଲା ।

ସେମିତି ପରିବାର କଲ୍ୟାଣ ଯୋଜନାର ନାଁ ବି ଧରି ଥିଲା ତା'ସ୍ୱାମୀ । ମାତ୍ର ସମ୍ପନ୍ନାର ନା ଗର୍ଭ ନିରୋଧକ ବଟିକା ସେବନ କରିବା ମାତ୍ର ନା... ନା, ନା କ'ଣ ତୋ'ବୋପାର ଭଉଣୀକୁ ମନ ପକାଉଛୁ କି ଯା' ସେ କହି ଉଠୁଥିଲା ବେଳେ କହୁଥିଲା ଦେଖ୍ ତା'ହେଲେ ତା'ସହ ଆଉ କଥା ହେବୁନୁ । ମନେ ରଖିଲୁ ?

ସ୍ତବ୍ଧ ହୋଇ ଅନାଇଥିଲା ସେ ସମ୍ପନ୍ନା ଚୁପଚାପ୍ ପ୍ରତିକ୍ରିୟା ହୀନ ଆଉ ତା'ସ୍ୱାମୀ ବିଚରା ଚାଲି ଯାଇଥିଲା । ପୁଣି ରାତିକୁ କୋଉ ତରକାରିରେ ଲୁଣ ପଡିନି ଯେ ଯା' ଆଉ ଦିନେ ମସଲାକୁ ପୋଡି ଦେଇଛି କ'ଣ କହିବ ତା'ସ୍ୱାମୀ ତା'ଶାଶୁ ମା'କୁ କହୁଛି ଦେଖ, ତୋ'ବୋହୂକୁ ସେ ଆଡକୁ ଛାଡୁଛୁ ପରା... କହିବା ଉଚିତ୍ ମନେ କରୁନି କାହିଁକି ନା ଉପରେ କହିଲା ପରି ଏବେ ବି ଦୋହରାଉଛି ଏବଂ ପ୍ରତ୍ୟେକ ସେ ମହିଳା ମାନେ ଜାଣି ରଖିବା କଥା ମାନେ କ'ଣ ସବୁ ନାରୀ ତ ରାଣୀ ଲକ୍ଷ୍ମୀ ବାଇ, ମହିଷା ମର୍ଦ୍ଦିନୀ ହୋଇ ପାରିବେନି ନା ହୋଇ ପାରିବେ ?

ତେଣୁ ସେ ଯେତେ ଜିନ୍ସ ଟିସାର୍ଟ୍ ପିନ୍ଧୁଥିଲେ କି ସାଇକେଲ୍ ଚଳାଉଥିଲେ ଟିକେ ଡେରି ହୋଇ ଯାଉଥିଲା କି ମଧ୍ୟାହ୍ନ ବା ସଞ୍ଜ ପରି ସୁଯୋଗ ସକାଶ ସମୟ ହୋଇ ଯାଉଥିଲା ତ ଆଗତୁରା ହିଁ କହି ଯାଉଥିଲା ନଚେତ୍ ସାହାଯ୍ୟ ପାଇଁ ଜଣକୁ ଧରି ଯା'ଆସ କରୁଥିଲା ।

ମାନେ କେତେବେଳେ କ'ଣ କିଏ କହି ପାରୁଛି ? ଦେଖୁନ ଦେଖୁ, ଦେଖୁ ଏତେ ଦୁଷ୍କର୍ମ ପିଡିତାଙ୍କ ସୂଚୀ ଲମ୍ବା ହୋଇ ଗଲାଣି ନା ଭାବିଲା ବେଳକୁ ପ୍ରଶ୍ନ ଉଠେ ମହିଳା ମନ୍ତ୍ରୀ ମାନେ କେମିତି ଯା'ଆସ କରୁଛନ୍ତି ? ସୁରକ୍ଷା କର୍ମୀ ମାନଙ୍କ ସହ ତଥାପି କ'ଣ ଅଘଟଣ ଘଟୁନି ଘଟୁଛି ଓ ଅତୀତରେ ଘଟି ଥିବାର ରେକର୍ଡ୍ ବି ଅଛି । ମାନେ ସେ କିଏ ? ଆଉ ସମ୍ପନ୍ନା ତ ତା'ଠୁ ବି ଆହୁରି ହୀନ ନା କ'ଣ କହିବ ଉଦଣ୍ଡି ସୀତା ପରି ତ ନୁହେଁ ତା'ସ୍ୱାମୀର ସନ୍ଦେହ ଯେ ଅଧିକ...

ସେଠି ରକ୍ଷଣଶୀଳ ପରିବାରର କଥା କହିବା ତ କଥାକୁ ହିଁ ନିନ୍ଦା ହେବ ମାନେ ସମ୍ପନ୍ନା ଭାବ, ରଙ୍ଗ ଯେ ସେମିତି କଦାପି ନୁହେଁ । ତା'ସାଙ୍ଗକୁ ରହୁଛି ତା'କଥା ଭାଷା ଟିକେ ଆପା ଖାଇ ବସିଲା ବେଳକୁ ତୁ'ତା' ହଁ ତା'ସ୍ୱାମୀ ମାତ୍ର ସେ ଧରଣର... ସେଇ ପରି କଥା କହିବାର । ପୁଣି ବାତାବରଣ ବି ଯେ ସମ୍ପର୍କକୁ ବାନ୍ଧି ରଖିବାର ପ୍ରାଣେପ୍ରଣ ପ୍ରଚେଷ୍ଟାରେ ନିଜେ ବ୍ୟଥିତ ମାତ୍ର ସମ୍ପନ୍ନା କି ଗୁଣ ସମ୍ପନ୍ନା ଯେ ସେ ଉପମା ଦେବ ତା'କୁ ଆଁ ମାନେ ସମ୍ପନ୍ନାକୁ ଉପମା ଓ ଉପମାକୁ ସମ୍ପନ୍ନା । ଅଦଳବଦଳ ହେଲା ପରି ନାଁ ।

ହେଲେ ଏ ନାଁ କିଏ ରଖିଥିଲା କେଜାଣି ? ତା'ବାପା, ମା' ନା ତା'ସ୍ୱାମୀ... ଉପମା ଭଲ ଭାବରେ ଜାଣେ ଯେ ହିନ୍ଦୁ ଶାସ୍ତ୍ର ମତେ କନ୍ୟା ମାନଙ୍କର ନାଁ ବଦଳାଇ ବି ଜାତକ ଶୁଝାଯାଏ ଏବଂ ବିବାହ ପ୍ରସ୍ତାବ ଆଗତ କରାଯାଏ ! ଆଉ ସେଇଠୁ ହିଁ ଏକ ନାରୀର ଭାଗ୍ୟ ନିର୍ଦ୍ଧାରଣ ହୁଏ... ଆଉ ସେଥିପାଇଁ ହିଁ ତ କହିବା ଲୋକ କହେ ନାରୀ ଦୁନିଆ ନୁହେଁ ଦୁଇ ନାଁ ।

ଧେତ୍ କରି ଉଠି ଯାଇଥିଲା ଉପମା । କାରଣ ସେଠୁ ହିଁ ତା'କୁ ଦେଖା ଯାଉଥିଲା ଏକ ଦି'ଅର୍ଥବୋଧକର ସୂଚନା ଯେ କ'ଣ କହିବ ହିଁ ତେଣୁ ତ ସେ କହେ ଏଠୁ ହିଁ ଅନୁଶୀଳନ କରିବା କଥା ବି ଜଣେ ନାରୀ ମାତ୍ର ନା ବାରାଙ୍ଗନା ନାମକ ଚାରି ଅକ୍ଷର ବିଶିଷ୍ଟ ଶବ୍ଦଟା ଯେମିତି ଚାରି ଦିଗକୁ ଅନ୍ଧାର କରିଦିଏ ତା'ପୁର୍ବରୁ ତା'କୁ... ଆଉ ସେ ସମ୍ପନ୍ନା, ସେ ପୁରୁଷ, ସେ ରାଣ୍ଡି ବ୍ରାହ୍ମଣୀ ମାଇକିନିଆର ଚିତ୍ର ପୁଣି ଝଲସି ଯାଇଥଲା ।

ଝଲସି ଯାଇଥିଲା ପୁଣି ତା'ନବମ ପଢା ଚଉଦ, ପନ୍ଦର ବର୍ଷ ପୁଅର ଚିତ୍ର । କହିବା ବାହୁଲ୍ୟ ନୁହେଁ ସେ ଜାଣିବା ପରେ ଆଉ କ'ଣ ରହିବ... ଦେଖିବା ପରେ ଯେ ତା'ପୁଅର କଦକାଠି ସହ ସମାନ ହୋଇ ଯିବା ପରି ତିନି, ଚାରି ବର୍ଷର ଅନ୍ତର କ'ଣ ଭାବୁଥିଲା ଉପମା ।

ନା ସତ ତ ଇଏ ହେଲେ କୋଉ ବାପା, ମା'ଭାବୁଛି କି ଏ ବିଷୟରେ ଯେ ସେମାନଙ୍କ ପର ପ୍ରିୟାପ୍ରିତୀର କୁପରିଣତି କେତେ ଭୟଙ୍କର ହୋଇପାରେ ।

ନା ଯେମିତି ସେ ଭାବୁଛି ସେମିତି କ'ଣ ତା'ପାଖ ଭଡା ଘରର ଜୈନିକା ଅଧିକାରିଣୀ ଭାବିଲା ବରଂ ବ୍ୟଙ୍ଗଟିଏ କଷି ଦେଇ ଚାଲିଗଲା ଏ କଥା ଉପମା ଛଡା ଆଉ କିଏ ଭାବୁନି । ନା ସମ୍ପନ୍ନା ଜାଣି ପାରୁଛି ସେ କଥା ସେ ଯେ ଗୋଟିଏ ନାଁ ଲିଭାଇ ସାରିଲାଣି । ହଁ ସେ ସେ ବାଟରେ ପାଦ ଥାପି ସାରିଲାଣି ଯୋଉ ବାଟରେ ପକାଇବା ତ ସହଜ ହୋଇଯାଏ ହେଲେ ଫେରାଇବାଟା ବଡ କଷ୍ଟ ହୁଏ ।

ତେବେ ତା'ର ପଛେ, ପଛେ ତା'ପୁଅ, ତା' ଝିଅ ବି ପକାଇ ଦେଲେ ସରିଲା ଗୋଟିଏ ପରିବାରର ମର୍ଯ୍ୟାଦା କ୍ଷୁର୍ଣ୍ଣ ହେଲା । ନା ଅଛି କି ପୁଣି କିଛି ଗଳା ବାଟ ବୋଲି...

ତ ପୁଣି କିଏ ଗୋଟିଏ କହିବାର ମନେ ପଡି ଯାଇଥିଲା ଉପମାର ।

ଠିକ୍ ସେ ତା'ଶାଶୁକୁ ପଚାରିବା ପରି କହିଥିଲା ଏ ସମ୍ପନ୍ନା କ'ଣ ଦିନେ ଦୁଇ ଦିନ କି ଦେଢ, ଦି'ମାସ ଯାଏଁ ବି ଫୁଲାଇ ହେଉଛି ଯେ କ'ଣ କହିବ ଏ ଅଳପେଶିଆଣିର ବୁଦ୍ଧି । ବିଚରା ବୋଲି ରଖିଛି ନ ହେଲେ ଅନ୍ୟ ଘର ଲୋକ ହେଲେ କେତେ ଦିନୁ ଛାଡ ପତ୍ର ଦେଇ ସାରନ୍ତାଣି । ସେ ବି ଛଅ, ସାତ ବର୍ଷ ହେଲାଣି ତା'ପାଲାରେ ପୁର୍ଣ୍ଣଚ୍ଛେଦ କିନ୍ତୁ ପଡୁନି ।

ହାରେ ଦେୟା ଏମିତି ଛଇ ଛଟକବାଲିଟା ଇଏ ତା'ହେଲେ । ଦୀର୍ଘଶ୍ୱାସ ନେଇ ଚାହିଁଥିଲା ଉପମା ସେ ଛାତ, ସେ ଘର...

କିଏ ନ ଥିଲା, ମାତ୍ର ଉପମାକୁ ମନେ ହେଉଥିଲା ସେ ସାବିତ୍ରୀ, ସେ ଅନସୂୟା ବୋଲି ବି କିଛି ଜାଣି ନ ଥିବ ! ହଁ ଜାଣିଥିବ ରାମାୟଣର ଖଳନାୟିକା ମନ୍ଥରା ତଥପୋଇର ଖଳନାୟିକା ଶଙ୍ଖାରି ବୁଢି ଆଦି !

ନ ହେଲେ ଏ ସମ୍ପନ୍ନା ତା'କୁ ଖତେଇ ହେଲା ପରି ହୁଅନ୍ତା, କହନ୍ତା କି ଦେଖି ତୁ'ଶିକ୍ଷିତା ହୋଇ ବି ତା'କୁ ପାରିଲୁ କି...

ଆଉ ସେ ଯେ ଫର୍ଦଟିଏ ବି ନ ପଢି ପାରି ପୁରା ନିପାଠୁଆ ହୋଇ କେମିତି ପାରୁଛି...

ଇସ୍ କିନା ଠିଆ ହୋଇ ପଡିଥିଲା ଉପମା କେଇ କ୍ଷଣ ! ପରେ, ପରେ ରାତି ଯାକର କାମ ସାରି ଖିଆ ପିଆ କରି ଶୋଇବାକୁ ଗଲା ବେଳେ ଉପମା ପଚାରିଥିଲା ତା'ସ୍ୱାମୀକୁ ହଇ ହେ ମହାରାଜା କହୁଥିଲ ପରା ଜଣେ ସ୍ତ୍ରୀ, ପୁରୁଷ କେତେ ଦିନ ଏକତ୍ର କି ସହବାସ ନ କରି ପାରି ଆଇନ୍ ଅନୁଯାଇ ଅଲଗା ହୋଇ ପରିବେ ?

ସାତ ବର୍ଷ ହୋଇଥିବା ଦରକାର ଯେ କ'ଣ ହେଲା ଉପମା କି ହଠାତ୍...

ନାହିଁ, ନାହିଁ ସେମିତି ଅଧିକ ଚିନ୍ତା କରିବାର କିଛି ନାହିଁ ଏ ସମ୍ପନ୍ନାକୁ ଦେଖିବା ପରେ ଯେମିତି ତା'ର ଏ କଥା ବି ପଡି ଯାଇଥିଲା ତ ଆହୁରି ପାଖକୁ ଲାଗି ଯାଇ ସବୁ କହି ଦେଇଥିଲା ଉପମା । ତା'ସ୍ୱାମୀ ସ୍ୱସ୍ତିରେ ନିଶ୍ୱାସ ନେଇ କହିଥିଲା ଭାରି କଦର୍ଜଆଣିଟା ତ କ'ଣ କମ୍ ବଦ୍ ରାଗି କି କହୁଛ ସେ ଦିନ ସେ ଦୋକାନରେ ସେ ବାସନ ମଜା ସାବୁନ ଆଣିବାକୁ ଯାଇଥିଲା ଯେ ସେଠି ସେମାନେ କେତେ ଜଣ କଥା ହେଉଥିଲେ...ଏ ସ୍ୱାମୀ, ସ୍ତ୍ରୀର ଗୁପ୍ତ ରହସ୍ୟ କଥା ତ ଜଣେ କହୁଥିଲା ତା'ର ଝିଅ ହୋଇ ଦି'ଅଢେଇ ମାସ ନ ହେଉଣୁ ହିଁ ସେ ଟ୍ରାୟଲ ରନ୍ ନେଲାଣି ହାଇ ସ୍ପିଡ୍ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ପରି ମାତ୍ର ତୁ'କହୁଛୁ ଦି'ଅଢେଇ ବର୍ଷ ହେବ ଆଶ୍ଚର୍ଯ୍ୟ ।

ହଁରେ ଭାଇ କ'ଣ କରିବି ଯେତେ ବୁଝାଇଲେ ବି ବୁଝୁନି ଓଲଟା ସେ ପୁରୁଣା କଥାକୁ ନେଇ ଉଘେଇ, ପ୍ରକଟ କରି କହୁଛି ଯେ ନିଜକୁ ହିନସ୍ତା ଲାଗୁଛି । ସମ୍ପନ୍ନା ଯେ ଧରାଛୁଆଁ ଦେଉନି... ତା'ପୁଅ, ଝିଅ ଓ ତା'ମା'ସହ ରାତିରେ ବି ଶୋଇ ପକାଉଛି ।

ମାନେ କହିବ କି ନ କହିବ ହେଉ, ହେଉ କହି ପକାଇ ଦେଇଥିଲା ଉପମା ତା'ର ପନ୍ଦର, ଷୋହଳ ବର୍ଷର ବିବାହିତ ସଂସାରକୁ ଏ ସମ୍ପନ୍ନା ହିଁ ଭାଙ୍ଗିବାକୁ ଯାଉଛି, ନେଇ...

ହଉ ଛାଡ କ'ଣ କରିବା ତେବେ ତା'ସ୍ୱାମୀ ସେମାନଙ୍କଠୁ ଆହୁରି ଭଲ ବୁଝାଉଛି ଯେ ସମ୍ପନ୍ନା ଶୁଣିଲେ, ବୁଝିଲେ ତ ନା ତମେ ମୁଣ୍ଡ ବଥାଇବ କି ଭାରି କରିବ କ'ଣ କ୍ଷତି ହେବ ତା'ର ନା ଉପମା ନା ଓଲଟା ତମର ହିଁ କ୍ଷତି ହେବ । ନଚେତ୍ ସେ ଦେଖୁଛି ଦୁଇ ଦିନ ହେବ ତମ ମନ ଟିକେ ଉଣା ହେଲା ପରି ଦିଶୁଛି ଯେମିତି ନା ସେମିତି ସେ ପୁରୁଷ ସମ୍ପନ୍ନାର ନଣନ୍ଦକୁ ହିଁ ବାହା ହୋଇଛି । ମାନେ କ'ଣ କହିବ କହିଲ ?

ଆଉ ସେ ରାଣ୍ଡି ବ୍ରାହ୍ମଣୀ ମାଇକିନିଆ ତା'ସ୍ୱାମୀ କଳିହୁଡା ନିଃଶ୍ୱାସୀ ମିଶ୍ର ମଲା ବଞ୍ଚିଥିଲା ବେଳେ ଦିନେ ସମ୍ପନ୍ନାର ସ୍ୱାମୀ ସହ ବଡ ଝଗଡାଟିଏ କରିଥିଲା ପରେ ଯା'ର ପ୍ରତିଶୋଧ ପରାୟଣ ହୋଇ, ହୋଇ କେତେବେଳେ ଏ ସମ୍ପନ୍ନାକୁ ତ କେତଜବେଳେ ସେ ପୁରୁଷକୁ ଛଅ, ନଅ କରି, କରି ବିଷ ଭରୁଛି...

ମାନେ ସେ ବିଷରେ ଏ ମାନଙ୍କର ହିତାହିତ ଜ୍ଞାନ ବି ଲୋପ ପାଇ ଯାଉଛି ନା ସମ୍ପର୍କ ନା ସମ୍ବନ୍ଧ ଦିଶୁଛି କହିଥିଲା ଏକ୍ ବାରେ ଉପମା ।

ହଁ ପୁରୁଷ, ପୁରୁଷ ହୋଇ ପୁରୁଷ ଭାବୁଛି ନା ନାରୀ, ନାରୀ ହୋଇ ଭାବୁଛି ଯେ ରହି ଯାଉନି ପୁରୁଷ ପାଇଁ ସ୍ୱାମୀ ତ ନାରୀ ପାଇଁ ସ୍ତ୍ରୀ ଯେ କ'ଣ କରିବ ମହିଳା ଆୟୋଗ ।

ବାଃ ଉପମା ବାଃ କହି ଚୁମ୍ବନଟିଏ ବି କଷି ଦେଇଥିଲା ତା'ସ୍ୱାମୀ । ଉପମା ବି କହିଥିଲା ତା'ପରେ ତା'ସ୍ୱାମୀକୁ ଆଉ ଦେବନି ? ମାନେ ମହାରାଣୀର ମନ ବି ଆଜି ଉତ୍କର୍ଷରେ ଯେ ଶାଢୀ ବି ବଦଳାଇବନି...

ଉହୁଁ କହି ତା'ର ଶାଢୀକୁ ବି ଖସାଇ ଦେଇ କହିଥିଲା ସେ ନିଜେ ହେ ପ୍ରାଣପ୍ରିୟ ମହାରାଜା ତା'ର ସମଗ୍ର ଶରୀରକୁ ଯେମିତି ଚୁମ୍ବନରେ ପୋତି ଦିଅ ! ସେ ଆଜି ତା'ସ୍ତ୍ରୀ ରୂପର ଅଧିକାର ମାଗୁଛି କାହିଁକି ନା କାଲି ପର୍ଯ୍ୟନ୍ତ ସେ ସ୍ୱାମୀର ଅଧିକାରରେ ନିଜକୁ ନିଜର କର୍ତ୍ତବ୍ୟ ମଣୁଥିଲା ଆଜି ଯେ ସେ ବଦଳରେ ତା'କୁ ପୁରଣ କର ହେ ବାକି ଜୀବନର ତା'ଲକ୍ଷ୍ୟ ପୁରୁଷ ।

ହଁ ମାନେ ତା'ଚଲା ପଥର ଜୀବନ ଯାତ୍ରୀ ସେ ନାରୀଟିଏ ଜାଣେ, ଜାଣେ ପୁଣି ସ୍ତ୍ରୀ ହେବାର ସୌଭାଗ୍ୟଶାଳି ଯେମିତି ନା ସେମିତି ସୈଭାଗ୍ୟଶାଳି ବି ଟିଏ ହୁଏ ସ୍ୱାମୀ ସୋହାଗିନୀ ହୋଇ ସଦା ସୁଖ ସମ୍ଭୋଗରେ ଲିପ୍ତ ରହିବା !

ମାନେ ଇଏ ଛାଡ, ସମ୍ପନ୍ନାକୁ ଜଣା ନ ଥିବ ନିଶ୍ଚୟ । ନ ହେଲେ ଅନ୍ୟ ଆଡକୁ ଆଖି ନଚାଇ ବୁଲନ୍ତା କି...

ତେବେ ସ୍ୱାମୀ ଯେ ଗୁରୁ, ସ୍ୱାମୀ ଯେ ପ୍ରଭୁ, ଈଶ୍ୱର... କହିବା ଲୋକ କହନ୍ତି ପ୍ରେମିକା ସଜେଇ ହୋଇ ଜାଣିଲେ ସ୍ୱାମୀ ବି ହୋଇ ଯାଏ ପ୍ରେମିକ ଏହା ତା'ଜୀବନର ଉପଲବ୍ଧି ସେ ଝିଅ ଥିବାବେଳେ ଜାଣିଛି ଝିଅ ତେଣୁ ତୁ ତା'କୁ କେବେ ନିରାଶ କରିବୁନୁ ବରଂ ତୋତେ ହିଁ ଅଜାଡି ଦେବ ସେ ଅଜସ୍ର ପ୍ରେମ ଏବଂ ଖୋଜୁଥିବ ବି ବାରମ୍ବାର କହିଥିଲା ତା'ମା' ।

ଆଉ ତା'ସ୍ୱାମୀ ତା'କୁ ଚମକାଇ ଭିଡି, ଭାଡି ହୋଇ କହିଥିଲା ମହାରାଣିକୁ କ'ଣ କାମକ୍ରିଡାର ଭୂତ ସ୍ୱାର ହୋଇ ଯାଇଛି କି ଆଜି । ଚୁଡୁଁ ଚାଁ କିଛି ନାହିଁ...

ନାହିଁ ମହାରାଜା ଖାଲି ଅଙ୍ଗେନିଭାର ଧାରଣାଟା ଯେ ଦେଖୁନ କେତେବେଳେ ଶାଶୁ, କ୍ୱାଇଁ, ଶଶୁର, ବୋହୂ, ଶିକ୍ଷକ, ଛାତ୍ରୀ, ଛାତ୍ର, ଶିକ୍ଷୟତ୍ରୀ ପରି ଲଜ୍ୟାଜନକ ପ୍ରେମ କାହଖଣୀର ଖବରଗୁଡା ଉଠନ୍ତା ? ସୋସିଆଲ ମିଡିଆଠୁ ଆରମ୍ଭ କରି ଖବରକାଗଜ ଗଣମାଧ୍ୟମ ଯାଏ ଯେ କୋଉଠି ଅଛି କି ପୁଣି ନିସ୍ତାର ?

ନା ସେଠି ଶେଷ ହୋଉଛି ?

ହେବ ବି ନାହିଁ ଉପମା ଇଏ ଯେ ଗୋଟିଏ ନିତାନ୍ତ ଆବଶ୍ୟକତା ବି ଯେ ନ ହେଲେ ବାପା, ମା' ସମୟ ଆସିଲେ ବାହା କାହିଁକି କରାଉଛନ୍ତି ।

ସତ ଯେ ସେ ତା'ପରେ ସେ କ'ଣ କହୁଥିଲେ କହିଥିଲା ଉପମା ସେ ବନ୍ଦେ ଭାରତ ଏକ୍ସପ୍ରେସ୍ ହାଇ ସ୍ପିଡ ଟ୍ରେନ୍...

ହା, ହା, ହା କିନା ହସିଥଲା ତା'ସ୍ୱାମୀ କହିଥିଲା ହସି, ହସି ସେଥିପାଇଁ ।

ସେଥିପାଇଁ ଉପମା ବି କହିଥିଲା ତା'ସ୍ୱାମୀକୁ ଇଂରାଜୀରେ ପୁଣି ରେପ୍ କରିବାକୁ ତା'କୁ ।

ଆଉ ତା'ସ୍ୱାମୀ କହିଥିଲା କୌତୁକ କରି ଯେ ଘଣ୍ଟାଏ, ଦି'ଘଣ୍ଟା ରେଷ୍ଟ୍ ନେଉନ ତା'ପରେ ଛୁଟାଇବା ଚୌରାଳିଷ୍, ପଇଁଚାଳିଷ୍ ଟୁ ଏକାବନ, ବାବନ କୋପଲ୍ ଏକ୍ସପ୍ରେସ୍ କହି ତ ଉପମାକୁ ମଦମତ୍ତ ହେଲା ପରି ରଖି ବି ପାରି ନ ଥିଲା ନିଜକୁ ହସି, ହସିବାରେ... ଆଉ ତା'ସ୍ୱାମୀ ତା'କୁ ତା'ର ଗାଲ ମାନଙ୍କୁ ଚୁମ୍ବନ ଦେଇ, ଦେଇ ଓଠକୁ ବି ଓଠ ମିଶାଇ ଯେତେବେଳେ ଗଭୀର ଚୁମ୍ବନରେ ମାତି ଯାଇଥିଲା ନା ଉପମା ନାହିଁ, ନାହିଁ କରି, କରି ପରମ ଶ୍ରଦ୍ଧା ତଥା ତୃପ୍ତିରେ ଯେ କ'ଣ କହିବ ! ସମ୍ପନ୍ନାର ଖଙ୍ଖାରିବାର ଦୃଶ୍ୟ ମନେ ପଡି ଯାଇଥିଲା ତା'ର ସକାଳେ ଗାଧଉ ଥିବା ବେଳେ...

ଧେତ୍ ଏ କଳିହୁଡିକୁ ଜଣା ବି ଅଛି କି ସବୁବେଳେ ସ୍ୱାମୀ ସହ ଝଗଡା କରୁଥିବା ସ୍ତ୍ରୀକୁ ଆଉ ପୁନର୍ଜନ୍ମ ମିଳେନି ! କହନ୍ତି ତା'କୁ

ତା'ର କୃତକର୍ମ ପାଇଁ କାଉ, ଝିଟିପିଟି ବା ବାଦୁଡିର ଜନ୍ମ ମିଳେ ଯେ ବିଶ୍ୱାସ କରିବ କି ଆଉ ।

ଆଉ ତା'ସ୍ୱାମୀ ତା'କୁ ଦେଖୁ, ଦେଖୁ ଠାର ସହ ପ୍ରତି ଚୁମ୍ବନ

ଦେଇ କହିଥିଲା ଏବେ ଶୋଇ ଯାଅ ନଚେତ୍ ଉଠି ପାରିବାନି କିଏ ବି ସକାଳକୁ !!

+ଇରିଗେସନ୍ କଲୋନୀ, ଲେନ୍ ୩
ଭବାନୀପାଟଣା, କଳାହାଣ୍ଡି
ମୋ - ୬୩୭୦୦୬୪୭୯୨

# ଓଡିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା

ମାଲକାନଗିରି, ୦୨/୦୭ (ନି.ପ୍ର): ଆସନ୍ତା ଜୁଲାଇ ୨୫ ତାରିଖ ଦିନ ଓଡିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥି ନିମନ୍ତେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ, ମାଲକାନଗିରିଙ୍କ ମିଳିତ ଆନୁକୁଲ୍ୟରେ ସ୍ଥାନୀୟ ବୁଟିଗୁଡ଼ା ମାଧମିକ ଇଂରାଜୀ ବିଦ୍ୟାଳୟଠାରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା, କବିତା ଆବୃତ୍ତି, ସାଧାରଣ ଜ୍ଞାନ ପ୍ରତିଯୋଗିତା କରାଯାଇଛି। ପ୍ରତିଯୋଗିତାରେ କୃତିତ୍ୱ ହାସଲ କରି ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଜୁଲାଇ ୯ ରେ କନିଷ୍ଠ ବର୍ଗ ଓ ଜୁଲାଇ ୧୬ ରେ ବରିଷ୍ଠ ବର୍ଗ ଛାତ୍ରଛାତ୍ରୀମାନଙ୍କ ପାଇଁ ପୂର୍ବାହ୍ନ ୧୦ଟାରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ଭୁବନେଶ୍ୱର ଠାରେ ପ୍ରତିଯୋଗିତା ଆୟୋଜନ ହେବ। ସୂଚନା ଥାଉ କି, ରାଜ୍ୟ ସ୍ତରରେ କନିଷ୍ଠ ଓ ବରିଷ୍ଠ ବର୍ଗ ପାଇଁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ପୁରସ୍କୃତ କରାଯିବା ସହ ପ୍ରମାଣ ପତ୍ର ପ୍ରଦାନ କରାଯିବ । ସେହିପରି ଜିଲ୍ଲା ସ୍ତରରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଆସନ୍ତା ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ରେ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରାଯିବ। ଆଜିର ପ୍ରତିଯୋଗିତାରେ ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ, ପ୍ରମିଳା ମାଝୀ, ଓଡିଶା ସାହିତ୍ୟ ଏକାଡେମୀ ଜିଲ୍ଲା ସଦସ୍ୟ କିଶୋର ଚନ୍ଦ୍ର ପ୍ରଧାନ, ମାଲକାନଗିରି ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ରନାଥ ଧର ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୌରାଙ୍ଗ ସାଜନ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ଜିଲ୍ଲାର ପ୍ରାୟ ୧୨୦ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ପ୍ରତିଯୋଗିତାକୁ ଆୟୋଜନ କରିବାରେ ସିଆରସିସି ରାମ ପ୍ରସାଦ ପାଢ଼ୀ, ହରେକୃଷ୍ଣ କିର୍ତ୍ତନୀୟା, ରଞ୍ଜନ ମହାନ୍ତି, ଅସୀମ କୁମାର ମାଝୀ, ଅଙ୍ଗୁରବାଳା ସ୍ୱାଇଁ, ଜୟଶ୍ରୀ ସୁଆର ଏବଂ ପୁଷ୍ପଲତା ପଣ୍ଡା ସହାୟତା କରିଥିଲେ।

# ୨୦୯ ଜଣ ଭେଟେରିନାରି ଆସିଷ୍ଟାଂଟ ସର୍ଜନ ନିଯୁକ୍ତ

ଭୁବନେଶ୍ୱର, ୦୨/୦୭ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଶନିବାର ନବନିଯୁକ୍ତ ପ୍ରାଣୀ ଚିକିତ୍ସକଙ୍କ ପାଇଁ ଆୟୋଜିତ ଏକ ଦିଗଦର୍ଶନ କାର୍ଯ୍ୟକ୍ରମରେ ଯୋଗ ଦେଇ ପ୍ରାଣୀଧନର ବିକାଶ କ୍ଷେତ୍ରରେ ରୂପାନ୍ତର ଆଣିବା ପାଇଁ ପ୍ରାଣୀ ଚିକିତ୍ସକମାନେ ୫-ଟି ଉପକ୍ରମର ପ୍ରୟୋଗ କରିବାକୁ ପରାମର୍ଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରଯୁକ୍ତି ବିଦ୍ୟା, ମିଳିତ ଉଦ୍ୟମ, ସ୍ୱଚ୍ଛତା ଓ ସମୟର ଉଚିତ୍ ପ୍ରୟୋଗ ଦ୍ୱାରା ରୂପାନ୍ତର ଆସିଥାଏ । ଯୁବ ପ୍ରାଣୀ ଚିକିତ୍ସକଭାବେ ପ୍ରାଣୀଧନର ସ୍ୱାସ୍ଥ୍ୟ ସୁରକ୍ଷା ଓ ବିକାଶ କ୍ଷେତ୍ରରେ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଆଜି ଲୋକସେବା ଭବନ କନ୍‌ଭେନ୍‌ସନ୍ ହଲ୍ ରେ ଆୟୋଜିତ ଦିଗଦର୍ଶନ କାର୍ଯ୍ୟକ୍ରମରେ ୨୦୯ ଜଣ ପ୍ରାଣୀଧନ ଚିକିତ୍ସକଙ୍କୁ ନିଯୁକ୍ତି ପତ୍ର ଦିଆଯାଇଥିଲା। ସମସ୍ତ ଜିଲ୍ଲାର ବିଭାଗୀୟ ଅଧିକାରୀମାନେ ଭିଡିଓ କନଫରେନସିଂ ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଗ୍ରାମାଂଚଳର ଅର୍ଥନୀତିର ଉନ୍ନତି କ୍ଷେତ୍ରରେ ପ୍ରାଣୀ ସମ୍ପଦର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି । ଓଡିଶାର ଚାଷୀମାନଙ୍କ ଜୀବିକାରେ ବିବିଧତା ଆଣି ଅଧିକ ରୋଜଗାର ସୃଷ୍ଟି କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିରଳ ଅଲିଭ ରିଡ଼ଲେଙ୍କ ସୁରକ୍ଷା ନିମନ୍ତେ ଓଡ଼ିଶା ଉପକୂଳରେ ଲାଗୁ କରାଯାଉଥିବା ମାଛ ଧରା କଟକଣା ରେ ପ୍ରଭାବିତ ସାମୁଦ୍ରିକ ମତ୍ସ୍ୟଜୀବୀ ପରିବାରଙ୍କୁ ଜୀବିକା ସହାୟତା ପ୍ରଦାନ କରିଥିଲେ । ଜଗତସିଂହପୁର ,କେନ୍ଦ୍ରାପଡ଼ା, ପୁରୀ ଓ ଗଞ୍ଜାମ ଜିଲ୍ଲାର ୧୪,୨୨୮ ସାମୁଦ୍ରିକ ମତ୍ସ୍ୟଜୀବୀ ପରିବାରଙ୍କୁ ୧୫,୦୦୦ ଟଙ୍କା ଲେଖାଏଁ ଜୀବିକା ସହାୟତା ରାଶି ପ୍ରଦାନ କରାଯାଇଛି । ମୋଟ ୨୧.୩୪ କୋଟିରୁ ରୁ ଉର୍ଦ୍ଧ ଟଙ୍କା ସହାୟତା ଦିଆଯାଇଥିଲା। ପୂର୍ବରୁ ଏହି ମାଛଧରା କଟକଣା ସମୟରେ ପ୍ରଭାବିତ ସାମୁଦ୍ରିକ ମତ୍ସ୍ୟଜୀବୀ ପରିବାରକୁ ୭୫୦୦ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯାଉଥିଲା। ପ୍ରକାଶ ଯୋଗ୍ୟ ଯେ ଓଡ଼ିଶାର ୧୨୦ କିମି ସାମୁଦ୍ରିକ ଉପକୂଳ ବିରଳ ଅଲିଭ ରିଡ଼ଲେ କଇଁଛଙ୍କ ଏନ୍ଥୁଡ଼ିଶାଳ ଭାବେ ପରିଚିତ। ପ୍ରତିବର୍ଷ ହଜାର ହଜାର ମାଇଲ ଦୂରରୁ ଓଡ଼ିଶା ଉପକୂଳକୁ ସେମାନେ ଅଣ୍ଡାଦାନ ପାଇଁ ଛୁଟି ଆସିଥାନ୍ତି । ସେମାନଙ୍କ ଅଣ୍ଡାଦାନ ପ୍ରକ୍ରିୟାକୁ ସୁରକ୍ଷିତ କରିବା ନିମନ୍ତେ ଦେବୀ ନଦୀ ମୁହାଣ, ଧାମରା ମୁହାଣ , ଋଷିକୁଲ୍ୟା ନଦୀ ମୁହାଣ ଅଂଚଳରେ ନଭେମ୍ବର ୧ ତାରିଖରୁ ମେ ମାସ ୩୧ ତାରିଖ ପର୍ଯ୍ୟନ୍ତ ଓ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ରେ ବର୍ଷସାରା ମାଛଧରା କଟକଣା ଲାଗୁ କରାଯାଇଥାଏ। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ ଯେ ଏହି ନୂତନ ନିଯୁକ୍ତି ରାଜ୍ୟରେ ପ୍ରାଣୀପାଳନ କ୍ଷେତ୍ରରେ ନିୟୋଜିତ ଚାଷୀଙ୍କ ଜୀବନରେ ଖୁସି ଏବଂ ପରିବର୍ତନ ଆଣିପାରିବ। କୃଷି ଓ ପ୍ରାଣୀ ପାଳନ ଆମ ଗ୍ରାମ୍ୟ ଜୀବନର ଏକ ଅଭିନ୍ନ ଅଙ୍ଗ ବୋଲି ମତ ଦେଇ ରାଜ୍ୟରେ ପ୍ରାଣୀଜ ଦ୍ରବ୍ୟର ଉତ୍ପାଦନ ଗତ ୨୦ ବର୍ଷ ମଧ୍ୟରେ ଅନେକ ଗୁଣ ବୃଦ୍ଧି ପାଇଛି ଓ ଚାଷୀମାନଙ୍କର ଆର୍ଥିକ ସ୍ଥିତିରେ ଉନ୍ନତି ଆସିଛି ବୋଲି ସେ କହିଥିଲେ । ଏହି ଅବସରରେ ମୁଖ୍ୟ ଶାସନ ସଚିବ ପି.କେ. ଜେନା କହିଲେ ଯେ ଓଡିଶାରେ କୃଷି ଓ ପ୍ରାଣୀଧନ କ୍ଷେତ୍ରରେ ନିରବଚ୍ଛିନ୍ନ ଅଭିବୃଦ୍ଧି ହୋଇଚାଲିଛି। କୃଷି କ୍ଷେତ୍ରକୁ ରାଜ୍ୟ ସରକାର ପ୍ରତି ବର୍ଷ ବଜେଟ୍ ରେ ୨୦ ପ୍ରତିଶତ ବୃଦ୍ଧି କରୁଛନ୍ତି ବୋଲି ସେ କହିଥିଲେ। ପ୍ରାଣୀ ସମ୍ପଦର ବିକାଶରେ ରାଜ୍ୟରେ ଚାଷୀମାନଙ୍କ ଆୟ ୪ ଗୁଣ ହୋଇପାରିବ ବୋଲି ସେ ମତ ଦେଇଥିଲେ । ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ ବଶିଷ୍ଠ ସ୍ୱାଗତ ଭାଷଣ ଦେଇଥିଲେ ଓ ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ । ସୂଚନାଯୋଗ୍ୟ ଯେ, ପ୍ରାଣୀପାଳନ ଗ୍ରାମୀଣ ପରିବାରକୁ ଜୀବିକା, ରୋଜଗାର, ପ୍ରୋଟିନ୍ ସପ୍ଲିମେଣ୍ଟେସନ୍ ଏବଂ ଖାଦ୍ୟ ନିରାପତା ଯୋଗାଉଥିବାରୁ ପ୍ରାଣୀ ଚିକିତ୍ସକଙ୍କ ଭୂମିକା ଅପରିହାର୍ଯ୍ୟ ହୋଇପଡିଛି। ପ୍ରାଣୀ ସ୍ୱାସ୍ଥ୍ୟସେବା ପରିଚାଳନା, ଗ୍ରାମାଂଚଳ ଲୋକମାନଙ୍କ ଜୀବିକା, ବିଶେଷକରି ମହିଳା ଏବଂ ଶିଶୁମାନଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ସୁରକ୍ଷିତ କରିବା ପାଇଁ ପ୍ରାଣୀ ଚିକିତ୍ସକ ମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେମାନେ ତୃଣମୂଳ ସ୍ତରର ପ୍ରମୁଖ କର୍ମଚାରୀ ଯେଉଁମାନେ ଚାଷୀ ଏବଂ ସରକାରଙ୍କ ମଧ୍ୟରେ ଯୋଗସୂତ୍ର ସ୍ଥାପନ କରିଥାନ୍ତି। ସରକାରଙ୍କ ବିଭିନ୍ନ କାର୍ଯକ୍ରମ ଗୁଡିକର ସଫଳ ରୂପାୟନ ପାଇଁ ସେମାନେ କାର୍ଯ୍ୟ କରିଥାନ୍ତି।

# ବାହାନଗା ରେଳ ଦୁର୍ଘଟଣା ପାଇଁ ଉତରଦାୟୀ ରେଳମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ : କଂଗ୍ରେସ

ଭୁବନେଶ୍ୱର, ୦୨/୦୭ (ନି.ପ୍ର): ବାହାନଗା ରେଳ ଦୁର୍ଘଟଣା ସଂପର୍କରେ ଗତ ଜୁନ-୨୮ ତାରିଖରେ ରେଳବାଇ ସୁରକ୍ଷା କମିଶନ (ସିଆରଏସ) ତାଙ୍କର ରିପୋର୍ଟ ସରକାରଙ୍କ ପାଖରେ ଉପସ୍ଥାପନ କରିଛନ୍ତି। ୪ଦିନ ବିତିଯାଇଥିଲେ ମଧ ସେହି ରିପୋର୍ଟକୁ ସାର୍ବଜନୀନ କରାଯାଇ ନାହିଁ। ଏହି ରିପୋର୍ଟକୁ ଚାପିରଖି ରେଳମନ୍ତ୍ରୀ ନିଜର ଉତର ଦାୟୀତ୍ୱକୁ ଏଡାଇ ଦେବାପାଇଁ ଚେଷ୍ଟାକରୁଛନ୍ତି ବୋଲି କଂଗ୍ରେସ ଅଭିଯୋଗ ଆଣିଛି। ରେଳସୁରକ୍ଷା କମିଶନଙ୍କ ରିପୋର୍ଟରେ ବାହାନଗା ରେଳଦୁର୍ଘଟଣା କୌଣସି ଷଡ଼ଯନ୍ତ୍ର ପାଇଁ ନୁହଁ ବରଂ ଯାନ୍ତ୍ରିକ/ବୈଷୟିକ ତୃଟି ବା ସିଷ୍ଟମ ଫେଲିଓ୍ୱର ବୋଲି ଦର୍ଶାଯାଇଛି। ସେହି ଦୃଷ୍ଟିରୁ ଅଶ୍ୱିନୀ ବୈଷ୍ଣବ ତାଙ୍କ ପଦବୀରୁ ଇସ୍ତଫା ଦିଅନ୍ତୁ ବୋଲି ଆଜି କଂଗ୍ରେସ ପକ୍ଷରୁ ଦଳର ପ୍ରବକ୍ତା ସୁଦର୍ଶନ ଦାସ ଦାବି କରିଛନ୍ତି। ସେ କହିଛନ୍ତି ଗତକାଲି ଇଷ୍ଟକୋଷ୍ଟ ରେଲଓ୍ୱର ମହାପ୍ରବନ୍ଧକ ଶ୍ରୀମତୀ ଅର୍ଚ୍ଚନା ଯୋଷୀଙ୍କୁ ବଦଳି କରି ରେଳମନ୍ତ୍ରୀ ତାଙ୍କର ଉତର ଦାୟୀତ୍ୱରୁ ଖସିଯିବା ଦୁର୍ଭାଗ୍ୟଜନକ। ସିଷ୍ଟମ ଫେଲିଓ୍ୱର ଯଦି ବାହାନଗା ରେଳଦୁର୍ଘଟଣାର କାରଣ ତେବେ ସେଥିପାଇଁ ଅନ୍ୟ କେହି ନୁହଁ ବରଂ ଖୋଦ ରେଳବିଭାଗ ଦାୟୀତ୍ୱରେ ଥିବା ମନ୍ତ୍ରୀ ହିଁ ଦାୟୀ।

ଜୁନ ୨ ତାରିଖର ଏହି ଭୟାବହ ଓ ହୃଦୟବିଦାରକ ରେଳ ଦୁର୍ଘଟଣା ପରେ ଖୋଦ ପ୍ରଧାନମନ୍ତ୍ରୀ ବାହାନଗା ଆସି ଘୋଷଣା କରିଥିଲେ ଯେ ଏହି ଦୁର୍ଘଟଣା ପାଇଁ ଦାୟୀ କୌଣସି ବ୍ୟକ୍ତିଙ୍କୁ ଛଡାଯିବ ନାହିଁ। ସିଆରଏସର ରିପୋର୍ଟର ଆଧାରରେ ବର୍ତମାନ ଯେତେବେଳେ ଖୋଦ ତାଙ୍କର ମନ୍ତ୍ରୀ ଏଥିପାଇଁ ଉତରଦାୟୀ ସେତେବେଳ ପ୍ରଧାମନ୍ତ୍ରୀ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବେକି ବୋଲି କଂଗ୍ରେସ ତରଫରୁ ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି।

ବର୍ତମାନ ରେଳର ସର୍ବନିମ୍ନ ଭିତିଭୂମି ଗୁଡ଼ିକ ଅତ୍ୟନ୍ତ ଦୁର୍ବଳ ଅବସ୍ଥାରେ ଅଛି। ରେଳ ବିଭାଗର ୨ଲକ୍ଷ ୭୨ ହଜାର ପଦବୀ ଖାଲି ପଡ଼ିଛି। ରେଳ ଧାରଣା ଗୁଡ଼ିକର ମରାମତି ହେଉନାହିଁ। ଷ୍ଟେସନ ମାଷ୍ଟର, ସିଗ୍‌ନାଲ କର୍ମଚାରୀ, ସୁରକ୍ଷା କର୍ମଚାରୀ ମାନଙ୍କର ଘୋର ଅଭାବ ରହିଛି। ରେଳବାଇର ଅଫିସର ଓ କର୍ମଚାରୀମାନେ ଅଧିକ ସମୟ କାମକରିବାକୁ ବାଧ ହେଉଛନ୍ତି ଏବଂ ସେମାନେ ଗଭୀର ମାନସିକ ଚାପରେ କାର୍ଯ୍ୟ କରୁଛନ୍ତି। ଯାହାଫଳରେ କି ରେଳ ଦୁର୍ଘଟଣା ଘଟୁଛି।

ଶ୍ରୀମତୀ ରଶ୍ମି ମହାପାତ୍ର ବିଜେପି ସରକାରର ରେଳବାଇର ଘରୋଇ କରଣର ତୀବ୍ର ବିରୋଧ କରିଥିଲେ। ରେଳବାଇର ମୌଳିକ ଭିତିଭୂମି ପ୍ରତି ଦୃଷ୍ଟି ନଦେଇ କେବଳ ବୁଲେଟ ଟ୍ରେନ ବା ବନ୍ଦେ ଭାରତ ଟ୍ରେନ ଚଳାଇବା ଓ ଷ୍ଟେସନଗୁଡ଼ିକର ଉନ୍ନତି କରଣ ଉପରେ ଗୁରୁତ୍ୱ ଦେବା ଦୁର୍ଭାଗ୍ୟଜନକ ବୋଲି ସେ କହିଥିଲେ। ବାହାନଗା ରେଳଦୁର୍ଘଟଣାର ଉତରଦାୟୀତ୍ୱ ନେଇ ରେଳମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ସେ ଦାବି କରିଥିଲେ।

## ତୁଳିରେ ଚେତନା ସୃଷ୍ଟି କଲେ ଶିଶୁ

ବଲାଙ୍ଗୀର, ୦୨/୦୭ (ନି.ପ୍ର): ଦିନକୁ ଦିନ ପରିବେଶ ଉପରେ କୁ ପ୍ରଭାବ ପଡିବା ଚିନ୍ତାର ବିଷୟ ହୋଇଛି। ଯେଉଠି ମାନବ ବଢୁଛି। ସେଠାରେ ନିଜେ ଦୈଷର କାରଣ ସାଜୁଛି। ଜିବ ଜଗତରେ ବନ ହିଁ ସର୍ବ ମହୋଷଦି। ଏହା ଜିବନ ରକ୍ଷକ । କୁନି କୁନି ଶିଶୁମାନଙ୍କଠାରେ ବୃକ୍ଷଲତା ପରିବେଶ ସୁରକ୍ଷା ଓ ଏକ ସବୁଜ ପୃଥିବୀ ଚେତନା ପାଇଁ ସାନିଧ୍ୟ ଆଦୃତା କେନ୍ଦ୍ର ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି।

# ରାଜସ୍ୱ ଅଧିକାରୀ ପ୍ରଶିକ୍ଷଣ ପ୍ରତିଷ୍ଠାନଠାରେ ଓଏଏସ୍ ଶିକ୍ଷାନବୀଶମାନଙ୍କର ପ୍ରଶିକ୍ଷଣର ଶୁଭାରମ୍ଭ

ଭୁବନେଶ୍ୱର, ୦୨/୦୭ (ନି.ପ୍ର): ରାଜସ୍ୱ ଅଧିକାରୀ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଗୋଠପାଟଣାଠାରେ ଓଡିଶା ପ୍ରଶାସନିକ ସେବା ଅଧିକାରୀ(୨୦୨୦ବ୍ୟାଚ)ଙ୍କର ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଶୁକ୍ରବାର ଉଦଘାଟନ କରିଥିଲେ । ଏହି ଅବସରରେ ଶ୍ରୀ ସାହୁ ମତବ୍ୟକ୍ତ କରିଥିଲେ ଯେ ସରକାରଙ୍କର ସମସ୍ତ ନିଷ୍ପତି ତଥା ନୀତିନିୟମକୁ ଲୋକାଭିମୁଖୀ କରାଇବାରେ ଓଡିଶା ପ୍ରଶାସନିକ ସେବା ଅଧିକାରୀଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ରାଜସ୍ୱ ବିଭାଗ ହେଉଛି ସରକାରଙ୍କର ମୁଖଶାଳା ଓ ରାଜ୍ୟ ସରକାରଙ୍କର '୫ଟି' ଉପକ୍ରମ ଏବଂ 'ମୋ ସରକାର' ଆଭିମୁଖ୍ୟ ଅନୁଯାୟୀ ସମସ୍ତ ଯୋଜନାକୁ ସଫଳ କରାଇବା ପାଇଁ ସେ ଅଧିକାରୀମାନଙ୍କୁ ଉପଦେଶ ଦେଇଥିଲେ। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶିକ୍ଷାନବୀଶମାନଙ୍କୁ ଭବିଷ୍ୟତରେ ଦିଆଯାଉଥିବା ସମସ୍ତ କାର୍ଯ୍ୟ ନିଷ୍ଠା ଓ ପ୍ରତିବଦ୍ଧତାର ସହିତ ସମ୍ପାଦନ କରିବାକୁ ଆହ୍ୱାନ ଦେଇଥିଲେ ଓ ସରକାରୀ କାର୍ଯ୍ୟାଳୟକୁ ଆସୁଥିବା ସମସ୍ତ ଦରଖାସ୍ତକାରୀଙ୍କୁ ଉପଯୁକ୍ତ ସମ୍ମାନ ସହିତ ସେବା ଯୋଗାଇଦେବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଓଡ଼ିଶାର ସମସ୍ତ ଜିଲ୍ଲାରେ ବୈଶିଷ୍ଟତା ଭରି ରହିଛି। ଯେ କୌଣସି ଜିଲ୍ଲାରେ ନିଯୁକ୍ତି ମିଳିଲେ, ସେହି ଜିଲ୍ଲାରେ କାର୍ଯ୍ୟକୁ ସ୍ୱାଚ୍ଛନ୍ଦ୍ୟରେ ନିର୍ବାହ କରିବା ନିମନ୍ତେ ସେ ମଧ ଶିକ୍ଷାନବୀଶମାନଙ୍କୁ ଅନୁପ୍ରାଣିତ କରିଥିଲେ । ଓଡ଼ିଶାର ଜନସାଧାରଣଙ୍କୁ ସେବା ଯୋଗାଇବା ସମୟରେ ବ୍ୟକ୍ତିଗତ ଉଦ୍ୟମ ତଥା ଆନ୍ତରିକତା ରଖିବାକୁ ସେ ପରାମର୍ଶ ଦେଇଥିଲେ । ଏହି ପ୍ରଶିକ୍ଷଣ କର୍ମଶାଳାରେ ଉତରାଂଚଳ ଓ କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତ ସୁରେଶ ଚନ୍ଦ୍ର ଦଳାଇ, ପୂର୍ବତନ ଓଡିଶା ଲୋକ ସେବା ଆୟୋଗର ସଭ୍ୟ ଡଃ. ନିରଞ୍ଜନ ସାହୁ, ଶିକ୍ଷାନବୀଶମାନଙ୍କୁ ଲୋକମାନଙ୍କ ହିତରେ କାମ କରିବା ନିମନ୍ତେ ଅନୁପ୍ରାଣିତ କରିଥିଲେ । କର୍ମଶାଳାକୁ ରାଜସ୍ୱ ଅଧିକାରୀ ପ୍ରଶିକ୍ଷଣ ଅନୁଷ୍ଠାନର ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ଦାସ ପରିଚାଳନା କରିଥିଲେ । କର୍ମଶାଳାକୁ ଉପଯୋଗ କରି ରାଜସ୍ୱ ବିଭାଗର ସମସ୍ତ ନିୟମ କାନୁନ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଅବଗତ ହୋଇ ଲୋକମାନଙ୍କ ସେବା କରିବାକୁ ଉଦବୋଧନ ଦେଇଥିଲେ। ଏହି ଉଦଘାଟନ ସମାରୋହରେ ଯୁଗ୍ମ ନିର୍ଦ୍ଦେଶକ ଆଶିଷ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ରତ୍ନ ଭଣ୍ଡାର ଚାବି ହଜିବା ଜଗନ୍ନାଥ ମନ୍ଦିର ଇତିହାସରେ ସବୁଠାରୁ କଳଙ୍କିତ ଅଧ୍ୟାୟ: ସମୀର ମହାନ୍ତି

ଭୁବନେଶ୍ୱର, ୦୨/୦୭ (ନି.ପ୍ର): ରତ୍ନ ଭଣ୍ଡାର ଚାବି ହଜିବା ଜଗନ୍ନାଥ ମନ୍ଦିର ଇତିହାସରେ ସବୁଠାରୁ କଳଙ୍କିତ ଅଧ୍ୟାୟ । ରତ୍ନ ଭଣ୍ଡାର ଚାବି ହଜିବା ଘଟଣା ୨୦୧୮ରେ ସରକାରଙ୍କ ନଜରକୁ ଆସିଥିଲା । ରତ୍ନ ଭଣ୍ଡାର ଚାବି ଖୋଲିବା ପାଇଁ ବିଧାନସଭାରେ ଏମିତିକି ହାଇକୋର୍ଟରେ ମଧ୍ୟ ଏନେଇ ମାମଲା ଚାଲିଛି । ସମସ୍ତେ ଚାହିଁ ବସିଛନ୍ତି ଯେ, ସରକାର କେବେ ରତ୍ନଭଣ୍ଡାର ଖୋଲିବେ। ଏଭଳି ଜଗନ୍ନାଥ ଭକ୍ତଙ୍କ ଆସ୍ଥା ଓ ବିଶ୍ୱାସ ସହ ଖେଳିବା ଘଟଣା ବିଶ୍ୱବ୍ୟାପୀ ଜଗନ୍ନାଥପ୍ରେମୀଙ୍କୁ ବ୍ୟଥିତ କରିଛି ଏବଂ ଏଭଳି ରାଜ୍ୟ ସରକାର ପୁରା ଓଡିଶା ପାଇଁ ବିପଦ ବୋଲି ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। ରାଜ୍ୟ ସରକାର କାହିଁକି ରତ୍ନଭଣ୍ଡାର ଖୋଲୁନାହାନ୍ତି ବୋଲି ଶ୍ରୀ ମହାନ୍ତି ମୌଳିକ ପ୍ରଶ୍ନ ନେଇ ଜଣେ ମହାପ୍ରଭୁ ଜଗନ୍ନାଥଙ୍କ ଭକ୍ତ ଭାବେ ସେ ହାଇକୋର୍ଟ ଦ୍ୱାରସ୍ଥ ହୋଇଛନ୍ତି। ରାଜ୍ୟ ସରକାର ରାଜ୍ୟପାଳଙ୍କ ଅଧକ୍ଷତାରେ ଏକ କମିଟି ଗଠନ କରି ତୁରନ୍ତ ରତ୍ନଭଣ୍ଡାର ଖୋଲନ୍ତୁ। ନଚେତ୍ ଜଣେ ସିଟିଙ୍ଗ ଜଜ୍‌ଙ୍କ ନେତୃତ୍ୱରେ ରତ୍ନଭଣ୍ଡାର ଖୋଲାଯାଇ ଇନଭେନଟୋରୀ ପ୍ରସ୍ତୁତ ହେଉ । ଅସଲ ଚାବି କେମିତି ହଜିଲା ଏବଂ ଡୁପ୍ଲିକେଟ ଚାବି କ'ଣ ହେଲା ? ଏହି ସମ୍ବେଦନଶୀଳ ଘଟଣାର ତଦନ୍ତ ସିବିଆଇ ଦ୍ୱାରା କରାଯାଉ । ରତ୍ନଭଣ୍ଡାର ଚାବି ଗୁମରର ଅସଲ ସତ ଖୋଜି ବାହାର କରିବା ପାଇଁ ଗଠିତ ହୋଇଥିବା ରଘୁବୀର ଦାସ କମିଶନ ଶେଷରେ ବିଫଳ ହୋଇ ଜଗନ୍ନାଥପ୍ରେମୀଙ୍କୁ ନିରାଶ କରିଛନ୍ତି । ତାଙ୍କୁ ମଧ ଦଣ୍ଡିତ କରାଯାଉ ଏବଂ ତାଙ୍କ ପାଇଁ ଖର୍ଚ୍ଚ ହୋଇଥିବା ଟଙ୍କାକୁ ତାଙ୍କଠାରୁ ଆଦାୟ କରାଯାଉ ବୋଲି ଶ୍ରୀ ମହାନ୍ତି ହାଇକୋର୍ଟରେ ନିବେଦନ କରିଛନ୍ତି । ଆଇନମନ୍ତ୍ରୀଙ୍କ ଉତର ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ଏଥିରୁ ରାଜ୍ୟ ସରକାର କେଉଁଭଳି ଚାଲିଛି ସାଧାରଣ ଲୋକ ଜାଣିପାରୁଥିବେ। ଓଡିଶା ସରକାର ଏକ ମୁଣ୍ଡବିହିନ ସରକାର। ଆଇନମନ୍ତ୍ରୀଙ୍କ ଏଭଳି ମନ୍ତବ୍ୟ ଜଗନ୍ନାଥ ପ୍ରେମୀଙ୍କ ଆଘାତ ଦେଇଛି। ମହାପ୍ରଭୁ ଜଗନ୍ନାଥଙ୍କ ମହଣ ମହଣ ସୁନା ରତ୍ନଭଣ୍ଡାରରେ ଗଛିତ ରହିଛି । ୧୯୭୮ମସିହାରେ ତତ୍କାଳୀନ ରାଜ୍ୟପାଳ ଶଙ୍କର ଦୟାଲ ଶର୍ମାଙ୍କ ନେତୃତ୍ୱରେ ଏକ କମିଟି ଗଠନ ହୋଇ ରତ୍ନଭଣ୍ଡାର ଖୋଲାଯାଇଥିଲା। ଏହି କମିଟିରେ ଡ.ହରେକୃଷ୍ଣ ମହତାବ, ଡ. ରାଧାନାଥ ରଥ, ନିତ୍ୟାନନ୍ଦ କାନୁନଗୋଙ୍କ ସମେତ ବହୁ ପ୍ରତିଷ୍ଠିତ ବ୍ୟକ୍ତିତ୍ୱମାନେ ଥିଲେ। ତା ପରଠାରୁ ଆଜି ପର୍ଯ୍ୟନ୍ତ ରତ୍ନଭଣ୍ଡାର ଖୋଲାଯାଇନାହିଁ କି ତାର ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଇନାହିଁ କାହିଁକି ? ଗଜପତି ମହାରାଜ, ଏଏସଆଇ, ସେବାୟତ, ଭକ୍ତମହଲ ସମେତ ବିଭିନ୍ନ ମହଲରୁ ବାରମ୍ବାର ଦାବୀ ସତ୍ତ୍ୱେ ରତ୍ନଭଣ୍ଡାର ଖୋଲିବା ନେଇ ରାଜ୍ୟ ସରକାର ପଛଘୁଂଚା କାହିଁକି ଦେଉଛନ୍ତି ? ରାଜ୍ୟ ସରକାର କାହିଁକି ଉତରଦାୟିତ୍ୱ ନେଉନାହାନ୍ତି ? କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଆସ୍ଥା ଓ ବିଶ୍ୱାସ ପାଇଁ ଯଥାଶୀଘ୍ର ରତ୍ନଭଣ୍ଡାର ଖୋଲାଯିବାକୁ ଶ୍ରୀ ମହାନ୍ତି ଦାବୀ କରିଛନ୍ତି ।

## ଜର୍ମାନୀରେ ଓଡ଼ିଆ ସମାଜ ପକ୍ଷରୁ ରଥଯାତ୍ରା

କେନ୍ଦ୍ରାପଡ଼ା, ୦୨/୦୭ (ନି.ପ୍ର): ଜର୍ମାନରେ ଅବସ୍ଥାନ କରୁଥିବା ଓଡିଆମାନେ ସେଠାରେ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ମହା ଆଡମ୍ବରରେ ପାଳନ କରିଛନ୍ତି । ସେଠାରେ ରହୁଥିବା କେନ୍ଦ୍ରାପଡା ଅଙ୍ଗୁଲାଇର ପ୍ରିୟଦର୍ଶନ ସାମଲ, ଭୁବନେଶ୍ୱର ର ଦିପକ ପାଣିଗ୍ରାହୀ, କୋରାପୁଟର ପ୍ରଜ୍ଞା ତ୍ରିପାଠୀଙ୍କ ନେତୃତ୍ୱରେ ବିଦେଶ ଜର୍ମାନୀ ମ୍ୟୁନିଚ ସହରରେ ଶ୍ରୀ ବଳଦେବଜୀଉ, ଶ୍ରୀ ଜଗନ୍ନାଥ ଓ ମା' ସୁଭଦ୍ରାଙ୍କର ମୂର୍ତି ପୁରୀରୁ ନିଆଯାଇ ଶିବାଳୟପୁରମ୍ ମନ୍ଦିରରେ ପ୍ରତିଷ୍ଠା କରାଯାଇଛି । ରଥଯାତ୍ରା ଅବସରରେ ପରମ୍ପରା ଅନୁଯାଇ ୯ଦିନ ଧରି ଜର୍ମାନୀରେ ରଥଯାତ୍ରା ଓ ବାହୁଡା ତଥା ସୁନାବେଶ ଆଦି ପାରମ୍ପରିକ ରୀତିରେ ପାଳନ କରାଯାଇଛି । ରଥଯାତ୍ରାରେ ଓଡିଆମାନଙ୍କ ସହ ଅନ୍ୟ ଭାଷାଭାଷୀ ଲୋକ ଓ ଜର୍ମାନୀର ଅଧିବାସୀ ମାନେ ଏହି ଯାତ୍ରାରେ ସହଯୋଗ କରିବା ସହ ଅଂଶ ଗ୍ରହଣ କରିଥିଲେ । ଓଡିଆ ଜାତିର ପ୍ରାଣକେନ୍ଦ୍ର ପ୍ରଭୁ ଜଗନ୍ନାଥଙ୍କର ସଂସ୍କୃତି ଓ ପରମ୍ପରାକୁ ବିଦେଶରେ ପ୍ରଚାର ପ୍ରସାର କରିବା ତଥା ବିଦେଶରେ ରହୁଥିବା ଉତରପିଢିଙ୍କୁ ଶ୍ରୀ ଜଗନ୍ନାଥଙ୍କ ଭକ୍ତିରେ ଉଦ୍‌ବୁଦ୍ଧ କରିବା ଲକ୍ଷ୍ୟ ବୋଲି କେନ୍ଦ୍ରାପଡାର ପ୍ରିୟଦର୍ଶନ ସାମଲ ପ୍ରକାଶ କରିଛନ୍ତି । ସେଠିକାର ପୂଜା କମିଟିର ସଦସ୍ୟ, ସଦସ୍ୟା ବୃନ୍ଦ ୯ ଦିନ ବ୍ୟାପି ଏହି ରଥଯାତ୍ରାରେ ଭଗବାନଙ୍କ ପ୍ରସାଦର ଆନନ୍ଦ ନେବା ସହ ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ ।

# ତୁଷାର ଗ୍ରେରିଟେବୁଲ ଟ୍ରଷ୍ଟ ତରଫରୁ ବୃକ୍ଷରୋପଣ

ଭୁବନେଶ୍ୱର, ୦୨/୦୭ (ନି.ପ୍ର): ପ୍ରଭୁ ଜଗନ୍ନାଥଙ୍କ ନିଳାଦ୍ରୀ ବିଜେ ଉପଲକ୍ଷେ ତୁଷାର ଗ୍ରେରିଟେବୁଲ ଟ୍ରଷ୍ଟ ଏବଂ ନ୍ୟୁ ଏଜି ରେସିଡେନ୍ସି କମିଟିର ମିଳିତ ସହଯୋଗରେ ଓ୍ୱାର୍ଡ ନଂ-୨୮ ନ୍ୟୁ ଏଜି କଲୋନୀରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଜଗନ୍ନାଥ ପ୍ରଧାନ, ସୁରେଶ ଚନ୍ଦ୍ର ଜେନା, ଜିତେନ୍ଦ୍ର କୁମାର ଜେନା, ଟ୍ରଷ୍ଟର ଉପଦେଷ୍ଟା ଶିବିର କୁମାର ପରିଡ଼ା, ପ୍ରଶାନ୍ତ ମହାନ୍ତି, ରାକେଶ ସେଠୀ, ବିଶ୍ୱରଞ୍ଜନ ନାୟକ, ଅମ୍ଳେଶ ଦାସ, ଆନନ୍ଦ ପାତ୍ର, କୃଷ୍ଣଚନ୍ଦ୍ର ପୃଷ୍ଟି, ନ୍ୟୁ ଏଜି କଲୋନୀର ସମ୍ପାଦକ ସତ୍ୟନାରାୟଣ ମିଶ୍ର, ଜୟଦେବ ସାସିନି, ଅଶୋକ କୁମାର ପଟ୍ଟନାୟକ, ନିହାର ଗ୍ରନ୍ଦ, ଫକୀର ଚନ୍ଦ୍ର ବେହେରା, ଅଭିଷେକ କୁମାର, ମହେନ୍ଦ୍ର ଶତପଥୀ, ସୁବ୍ରତ ସିଂ, ଜିତେନ୍ଦ୍ର କୁମାର, ନିଶି ଗ୍ରନ୍ଦ ଏବଂ ବଳରାମ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଟ୍ରଷ୍ଟର ସମ୍ପାଦକ ବିବେକାନନ୍ଦ ବାରିକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥିମାନେ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦେଇଥିଲେ। ସମ୍ପ୍ରତି ଯେଉଁଭଳି ଭାବରେ ଗଛ ସବୁ କଟାଯାଉଛି ତାହାର କୁପ୍ରଭାବ ଜୀବଜଗତ ଓ ପ୍ରାଣୀଜଗତ ଉପରେ ପଡୁଛି। ବୃକ୍ଷ ଛେଦନ ଫଳରେ ଛଅ ଋତୁ ଆଜି ସାତ ସପନ। ପରିବେଶ ପ୍ରଦୂଷଣ ହେବା ସହିତ ଉ ।ପ ବୃଦ୍ଧି ପାଉଛି। ଫଳରେ ଅଂଶୁଘାତ ଜନିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ତେଣୁ ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ଗୋଟିଏ ଗଛ ଲଗାଇବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଗଛ ହିଁ ଜୀବନ, ଗଛ ହେଉଛି ମନୁଷ୍ୟର ପରମ ବନ୍ଧୁ। ତେଣୁ ଆମ ସମସ୍ତଙ୍କର ଦାୟତ୍ୱ ଗଛଟିଏ ଲଗାନ୍ତୁ ଏବଂ ଗଛର ଯତ୍ନ ନିଅନ୍ତୁ ବୋଲି ସମ୍ପାଦକ ଶ୍ରୀ ବାରିକ ପରାମର୍ଶ ଦେଇଥିଲେ।

# ଧବଳେଶ୍ୱର ପୀଠକୁ ସଂଯୋଗ କରୁଥିବା ନୂତନ ସ୍ଥାୟୀ ସେତୁର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ

ଭୁବନେଶ୍ୱର, ୦୨/୦୭ (ନି.ପ୍ର): ଧବଳେଶ୍ୱର ପୀଠକୁ ସଂଯୋଗ କରୁଥିବା ନୂତନସ୍ଥାୟୀ ସେତୁର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଂଚିଛି । ଶେଷସ୍ପର୍ଶ ଦିଆଯିବା ପରେ ଏହା ସର୍ବସାଧାରଣଙ୍କ ଗମନାଗମନ ନିମନ୍ତେ ଉନ୍ମୁକ୍ତ ରହିବ । ଏହାର ପୂର୍ଣ୍ଣାଙ୍ଗ ସ୍ଥିତି ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ପରଖିଛନ୍ତି। ଏଣିକି ସ୍ଥଳପଥ ଦେଇ ଧବଳେଶ୍ୱର ପୀଠରେ ପହଂଚି ପାରିବେ ଭକ୍ତ । ଏହାଫଳରେ ଧବଳେଶ୍ୱର ପୀଠକୁ ଆଶାତୀତ ଭାବେ ଭକ୍ତ ଓ ଦର୍ଶନାର୍ଥୀଙ୍କ ସଂଖ୍ୟା ବୃଦ୍ଧି ହେବ ବୋଲି ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଆଜି ସେତୁ ନିର୍ମାଣସ୍ଥଳ ପରିଦର୍ଶନ ଓ କାର୍ଯ୍ୟ ଅଗ୍ରଗତି ଅନୁଧ୍ୟାନ କରି ପ୍ରକାଶ କରିଛନ୍ତି । ଧବଳେଶ୍ୱର ପୀଠର ଭୌଗୋଳିକ ଅବସ୍ଥିତି ଏକ ସୁନ୍ଦର ପର୍ଯ୍ୟଟନସ୍ଥଳୀର ବୈଭବକୁ ମଣ୍ଡନ କରେ । ଏହିସ୍ଥାନକୁ ସୁରକ୍ଷିତ ଯୋଗାଯୋଗ ସୁନିଶ୍ଚିତ ହୋଇଯିବା ପରେ ଏହା ପର୍ଯ୍ୟଟକମାନଙ୍କୁ ବହୁଳ ଭାବରେ ଆକୃଷ୍ଟ କରିବ ବୋଲି ଆଶା କରାଯାଉଥିବା ଶ୍ରୀ ସିଂହ ମତବ୍ୟକ୍ତ କରିଛନ୍ତି । ବିଜୁ ସେତୁ ଯୋଜନା ଅନ୍ତର୍ଗତ ମଂଟେଶ୍ୱର ଗ୍ରାମ ଠାରୁ ଧବଳେଶ୍ୱର ପୀଠ ପର୍ଯ୍ୟନ୍ତ ଏହି ବିସ୍ତୃତ ସେତୁ ପ୍ରାୟ ୨୨କୋଟି୨୮ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଛି । ଏହାର ଦୈର୍ଘ୍ୟ ୨୭୬ମିଟର ରହିଥିବା ବେଳେ ଏହାର ପ୍ରସ୍ଥ ୬.୨ମିଟର ରହିଛି । ଏହାର ଉଭୟ ପାର୍ଶ୍ୱରେ ୩୬୦ମିଟର ସଂଯୋଗକାରୀ ରାସ୍ତା ମଧ ନିର୍ମାଣ କରାଯାଇଛି । ପ୍ରକାଶଥାଉକି ଧବଳେଶ୍ୱର ପୀଠକୁ ଏଥିପୂର୍ବରୁ କୌଣସି ସ୍ଥାୟୀ ସେତୁ ସଂଯୋଗ କରୁନଥିଲା । ଯାହାଫଳରେ ଶ୍ରଦ୍ଧାଳୁ, ଭକ୍ତ ଓ ଦର୍ଶନାର୍ଥୀମାନଙ୍କୁ ଝୁଲାପୋଲ ଉପରେ ନିର୍ଭର କରିବାକୁ ପଡୁଥିଲା। ଏଥିସହ ଦର୍ଶନାର୍ଥୀମାନେ ଶ୍ରାବଣମାସ, ବଡଓଷା ଓ ବିଭିନ୍ନ ପର୍ବପର୍ବାଣୀ ସମୟରେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। କେବଳ ଦର୍ଶନାର୍ଥୀ ନୁହଁନ୍ତି ପୂଜକମାନେ ମଧ ବାବା ଧବଳେଶ୍ୱରଙ୍କ ରୀତିନୀତି ସମ୍ପନ୍ନ ନିମନ୍ତେ ଆବଶ୍ୟକ ସାମଗ୍ରୀ ପରିବହନ ଓ ଗମନାଗମନରେ ଅସୁବିଧାର ସମ୍ମୁଖୀନ ହେଉଥିଲେ । ପରିଦର୍ଶନ ସମୟରେ ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀମୁଖ୍ୟ ପ୍ରଦୀପ କୁମାର ସାମଲ, ମୁଖ୍ୟ ଯନ୍ତ୍ରୀ (ସେତୁ ଓ କୋଠାବାଡି) ରମେଶ ଚନ୍ଦ୍ର ବେହେରା , ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ସୋମନାଥ ପରିଡା, ଅଧୀକ୍ଷଣ ଯନ୍ତ୍ରୀ ଅଶୋକ କୁମାର ସାହୁ, ଉପନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ,କଟକ ଲଲାଟେନ୍ଦୁ ମହାପାତ୍ର ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଅଜୟ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଅଜନ୍ତା ସର୍କସରେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କୁ ରିହାତି

ଭୁବନେଶ୍ୱର, ୦୨/୦୭ (ନି.ପ୍ର): ଦୀର୍ଘ ୮ବର୍ଷ ପରେ ରାଜଧାନୀ ୟୁନିଟ୍ ୩ ପଦର୍ଶନୀ ପଡ଼ିଆରେ ଚିତାକର୍ଷକ ରୋମାଂକାରୀ ଅଜନ୍ତା ସର୍କସ ଦିନକୁ ଦିନ ଲୋକଙ୍କ ଆଗ୍ରହ ବୃଦ୍ଧି ପାଉଛି। ଆସନ୍ତା ୨ସପ୍ତାହ ଧରି ହେବାକୁ ଥିବା ଏହି ସର୍କସରେ ସଂଖ୍ୟାତ୍ମକ ଯୁବକଯୁବତୀମାନଙ୍କର ଚିତାକର୍ଷକ ବିପଦପୂର୍ଣ୍ଣ ଖେଳ ପ୍ରଦର୍ଶନ କରାଯାଉଛି। ଅନ୍ୟପକ୍ଷରେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କୁ ଟିକଟର ମୂଲ୍ୟ ଶତକଡ଼ା ୫୦ ଛାଡ କରାଯିବା ନେଇ ଶନିବାର ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରାଯାଇଛି। ଅଜନ୍ତା ସର୍କସ୍ ରେ ଆଫ୍ରିକାନ୍, ଋଷିଆନ୍, ମଣିପୁରର କଳାକାରମାନେ ଚିତାକର୍ଷକ ଖେଳ ପ୍ରଦର୍ଶନ କରୁଛନ୍ତି। ଏଥିରେ ଫାୟାର ରିଂ, ଫ୍ଲାଇଂ, ଫାୟାର ଡ୍ୟାନ୍ସ, ସାଇକେଲ ଫ୍ଲାଏ, ରିଂ ବାଲାନ୍ସ, ଜୋକର କମେଡ଼ି ସହ ୩୦ପ୍ରକାର ଖେଳ ପଦର୍ଶନ କରାଯାଉଛି। ଏଥିରେ ଗ୍ଲୋବ ମଟର ସାଇକେଲ୍ ରାଇଡ୍ ଅଧିକ ଦର୍ଶକଙ୍କୁ ଆକର୍ଷିତ କରୁଛି। ଏହାକୁ ଅଜନ୍ତା ସର୍କସର ମ୍ୟାନେଜର ବୈକୁଣ୍ଠ ପାତ୍ର ଓ ସଞ୍ଜିତ ଘୋଷାଲ ପରିଚାଳନା କରୁଛନ୍ତି।

# ପୋଖରୀଖୋଳାରେ ବ୍ୟାପକ ଦୁର୍ନୀତି

ବାଲେଶ୍ୱର, ୦୨/୦୭ (ନି.ପ୍ର): ବାଲେଶ୍ୱର ସଦର ବ୍ଲକ ରସୁଲପୁର ଗ୍ରାମ ପଂଚାୟତ ଅଧିନ ବଡ଼ଧନାଡ଼ି ଗ୍ରାମରେ ମନରେଗା ଯୋଜନାରେ ଖନନ ହେଉଥିବା ପୋଖରୀରେ ବ୍ୟାପକ ଦୁର୍ନୀତି ହୋଇଅଛି। ଏହି ବିଷୟରେ ଗ୍ରାମବାସୀ ବିଡିଓଙ୍କୁ ଏକ ସ୍ମାରକପତ୍ର ଦେଇଅଛନ୍ତି। ରସୁଲପୁର ଗ୍ରାମ ପଂଚାୟତ ବଡ଼ ଧନାଡ଼ି ଗ୍ରାମର ମନରେଖା ଯୋଜନାରେ ଏବଂ ଅମୃତ ସରୋବର ଯୋଜନାରେ ହେଉଥିବା ପୋଖରୀ ଖନନର ଦୁର୍ନୀତି ହୋଇଅଛି। ଏଥିରେ ଠିକ ଭାବରେ କାମ ହେଉନାହିଁ। ପୋଖରୀ ଖୋଳିବା ପାଇଁ ସରକାରଙ୍କ ତରଫରୁ ୧୦ ଲକ୍ଷ ଟଙ୍କା ଆସିଅଛି। କିନ୍ତୁ କମ ଟଙ୍କାର କାମ କରି ସମ୍ପୂର୍ଣ୍ଣ ଟଙ୍କା ଆତ୍ମସାତ କରିବା ପାଇଁ ଚେଷ୍ଟା କରୁଅଛନ୍ତି। କାମ ଅଳ୍ପ ଟଙ୍କାର ହୋଇଅଛି। ଜେଇ. ଜିଆରଏସଙ୍କୁ ପଚାରିବାରୁ ଅର୍ଥ ସରିଯାଇଛି ଓ ଖର୍ଚ୍ଚର ସଠିକ ଉତ୍ତର ଦେଇପାରୁନାହାଁନ୍ତି। ଆମ୍ଭେ ଗ୍ରାମବାସୀଙ୍କ ତରଫରୁ ଜଣାଉଅଛୁ କି ଏହାର ବିହିତ ତଦନ୍ତ କରି ସରକାରଙ୍କ ଅର୍ଥ ଠିକ୍ ଭାବରେ ବିନିଯୋଗ କରି ପୋଖରୀ ଖନନ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଗ୍ରାମବାସୀମାନେ ଜଣାଇଅଛନ୍ତି।

# ସ୍ୱେଚ୍ଛାସେବୀମାନଙ୍କୁ ସମ୍ବର୍ଦ୍ଧନା

ପୁରୀ , ୦୨/୦୭ (ନି.ପ୍ର): ମାନବସେବା ହିଁ ମାଧବ ସେବା। ଚଳିତ ରଥଯାତ୍ରା ରେ ବିଭିନ୍ନ ସେବାରେ ନିୟୋଜିତ ସ୍ୱଛାସେବୀ ମାନେ ଅତି ସୁନ୍ଦର ଭାବେ ସେମାନଙ୍କ ଦାୟିତ୍ୱ ନିର୍ବାହ କରିଛନ୍ତି ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ। ଆଜି ଅପରାହ୍ନ ରେ ୟୁଥ ହଷ୍ଟେଲ ପରିସରରେ ଜଗନ୍ନାଥ ବଲ୍ଲଭ ସ୍ୱଚ୍ଛତା ମିଶନ ପକ୍ଷରୁ ସ୍ୱଛାସେବୀ ମାନଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ରଥଯାତ୍ରା ଏକ ବ୍ୟାପକ କାର୍ଯ୍ୟକ୍ରମ ଓ ଏଥିରେ ସ୍ୱାସ୍ଥ୍ୟ, ପାନୀୟ ଜଳ, ଖାଦ୍ୟ, ସ୍ୱଛତା, ଶାନ୍ତି ଶୃଙ୍ଖଳା, ସୁରକ୍ଷା, ସୂଚନା ସେବା ଇତ୍ୟାଦି ବହୁତ ସେବା ର ଆବଶ୍ୟକତା ଥାଏ। ଏହି ସେବା ପାଇଁ ନିୟୋଜିତ ସମସ୍ତ ସ୍ୱଛାସେବୀଙ୍କୁ ଅଭିନନ୍ଦନ ଜଣାଇବା ସହ ଏହି ମହନୀୟ ସେବା କୁ ଭବିଷ୍ୟତରେ ମଧ୍ୟ ଯୋଗାଇବାକୁ ଶ୍ରୀ ନାୟକ ପରାମର୍ଶ ଦେଇଥିଲେ। ଅଧ୍ୟାପକ ସୁକାନ୍ତ କୁମାର ମହାନ୍ତି ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ସି ଏଚ ଏ ସି ର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ବାସୁଦେବ ଛାଟୋଇ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ନେହେରୁ ଯୁବ କେନ୍ଦ୍ର ର ସଂଯୋଜକ ଜୟ ଶଙ୍କର ଜୋଶୀ ପ୍ରମୁଖ ରଥଯାତ୍ରା ରେ ସ୍ୱଛାସେବୀ ମାନଙ୍କ ଭୂମିକା ଓ ସେବା ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ସ୍ୱଛାସେବୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ସଦସ୍ୟ ସନ୍ତୋଷ କୁମାର ମହାନ୍ତି, ସୁଶାନ୍ତ କୁମାର ନାୟକ, ନରେନ କୁମାର, ଡଃ ପ୍ରମୋଦ କୁମାର ଦଳାଇ, ପ୍ରାଧ୍ୟାପକ ବିଶ୍ୱଜିତ ଦାସ ପ୍ରମୁଖ କାର୍ଯ୍ୟ ପରିଚାଳନା ରେ ସହଯୋଗ କରିଥିଲେ। ଶେଷରେ ସଦସ୍ୟ ମନୋଜ କୁମାର ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# କବି ଦୁର୍ଯ୍ୟୋଧନ ବାରିକଙ୍କ 'ଆଡ଼ପ ମଣ୍ଡପ' ପୁସ୍ତକ ଉନ୍ମୋଚିତ




ବାଲେଶ୍ୱର, ୦୨/୦୭ (ନି.ପ୍ର): ଶ୍ରୀଜଗନ୍ନାଥ ଓଡ଼ିଆ ଜାତିର ଅସ୍ମିତାର ପ୍ରତୀକ ଓ ପ୍ରାଣର ସ୍ପନ୍ଦନ। ତାଙ୍କର ସମସ୍ତ ମାନବୀୟ ଲୀଳାର ପଟାନ୍ତର ନାହିଁ। କବି ଦୁର୍ଯ୍ୟୋଧନ ବାରିକଙ୍କ କବିତାରେ ଶବ୍ଦମାଧୁର୍ଯ୍ୟ ଓ ଭାବ ବିନ୍ୟାସର ସୌକୁମାର୍ଯ୍ୟ, ଛନ୍ଦସର୍ବସ୍ୱ ରୂପ ପାଠକ ପ୍ରାଣକୁ ବିମୋହିତ କରିବ ବୋଲି 'ଆଡ଼ପ ମଣ୍ଡପ' କବିତା ଗ୍ରନ୍ଥ ଉନ୍ମୋଚନ ଉତ୍ସବରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଫକୀରମୋହନ ସାହିତ୍ୟ ପରିଷଦ ପକ୍ଷରୁ ଆୟୋଜିତ ଶ୍ରୀ ବାରିକଙ୍କ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ଉପ-ସଭାପତି କବି ଦୀନବନ୍ଧୁ ଲେଙ୍କା ପୌରୋହିତ୍ୟ କରିଥିଲେ। ବରିଷ୍ଠ ସାହିତ୍ୟଶିଳ୍ପୀ ଡ. ପ୍ରହ୍ଲାଦ ଚରଣ ମହାନ୍ତି ମୁଖ୍ୟ ଅତିଥି, ପରିଷଦର ପ୍ରାକ୍ତନ ସଭାପତି ଡ. ହରିଶ୍ଚନ୍ଦ୍ର ବେହେରା ମୁଖ୍ୟବକ୍ତା ଭାବରେ ଓ ଡ. ଶିରୀଶଚନ୍ଦ୍ର ଜେନା ସମ୍ମାନିତ ବକ୍ତା ଭାବେ ଯୋଗଦେଇଥିଲେ। ପରିଷଦର ଯୁଗ୍ମ ସମ୍ପାଦକ ଡ. ସାରଙ୍ଗଧର ତ୍ରିପାଠୀ ପ୍ରାକକଥା ରଖିଥିବା ବେଳେ ଯୁଗ୍ମ ସମ୍ପାଦିକା କବି କଲ୍ୟାଣୀ ନନ୍ଦ ଅତିଥି ମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। କବି ଶ୍ରୀଯୁକ୍ତ ବାରିକ ପ୍ରାରମ୍ଭରେ ନିଜର ଲେଖକୀୟ ଅନୁଭୂତି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। କବି ଦୁର୍ଯ୍ୟୋଧନ ବାରିକଙ୍କ ସୁଯୋଗ୍ୟା କନ୍ୟା କବୀ ସଂଗୀତା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ବାଲେଶ୍ୱରର ବହୁ କବି ସାହିତ୍ୟିକ ଏଥିରେ ଯୋଗ ଦେଇଥିଲେ।

# ସାମ୍ବିଧାନିକ ମୂଲ୍ୟବୋଧ ଏବଂ ନାଗରିକ ସମାଜ ଶୀର୍ଷକ କର୍ମଶାଳା

ଛତ୍ରପୁର, ୦୨/୦୭ (ନି.ପ୍ର): ସ୍ଥାନିୟ ଲକ୍ଷଣ ଭବନ ଠାରେ ଲୋକ ଶକ୍ତି ଅଭିଯାନ ଓ ୟୁସୁଫ ମେହେରାଲ୍ଲୀ ସେଣ୍ଟର ତରଫରୁ ସାମ୍ପ୍ରତିକ ପରିସ୍ଥିତିକୁ ଲକ୍ଷ୍ୟ କରି ରାଜ୍ୟର ବିଭିନ୍ନ ଜିଲାରେ ସମଭାବାପନ୍ନ ସଂଗଠନ ଓ ବ୍ୟକ୍ତିବିଶେଷଙ୍କୁ ନେଇ ଜିଲା ସ୍ତରୀୟ ସାମ୍ବିଧାନିକ ମୂଲ୍ୟବୋଧ ଓ ନାଗରିକ ସମାଜର ଭୂମିକା ଉପରେ କର୍ମଶାଳାର ଆୟୋଜିତ ହୋଇଯାଇଛି। ସାମ୍ବିଧାନିକ ମୂଲ୍ୟବୋଧ ଆଧାରରେ ବିଭିନ୍ନ ସଂଗଠନ କିପରି ଭାବରେ ଅଧିକ କ୍ରିୟାଶୀଳ ହୋଇପାରିବ ତା ଉପରେ ଆଲୋଚନା ହୋଇଥିଲା। ଉକ୍ତ କର୍ମଶାଳାରେ ସାମାଜିକ କର୍ମୀ କଲ୍ୟାଣ ଆନନ୍ଦଙ୍କ ସ୍ୱାଗତ ସମ୍ଭାଷଣ ପରେ ବରିଷ୍ଠ ସାମ୍ବାଦିକ ବିଘ୍ନେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ବରିଷ୍ଠ ସମାଜ ବିଜ୍ଞାନୀ ତଥା ଆଇନଜୀବୀ ଭଗବାନ ସାହୁ ସମ୍ବିଧାନ ଆଜି ବିପଦଗ୍ରସ୍ତ, ଏହାର ସୁରକ୍ଷା ଲାଗି ସମସ୍ତେ ଆଗଭର ହେବାକୁ ପରାମର୍ଶ ଛଳରେ ସତର୍କ କରାଇ ଦେଇଥିଲେ। ପୂର୍ବତନ ବିଧାୟକ ନାରାୟଣ ରେଡି ଦେଶର ସାମ୍ପ୍ରତିକ ଅବସ୍ଥା ଓ ମଣିପୁର ଘଟଣାରେ କେନ୍ଦ୍ର ସରକାରଙ୍କ ଦୋମୁହାଁ ନୀତିର ସମାଲୋଚନା କରିଥିଲେ। ମାନବିକ ଅଧିକାର କର୍ମୀ ଅବନୀ ଗୟା, ନୂଆଦିଲ୍ଲୀ ରୁ ଡଃ. ଜିତେନ୍ଦ୍ର କୁମାର ଚହର, ଅରୁଣ ସିଂ ପ୍ରମୁଖ ସମ୍ବିଧାନ କିପରି ଜଣେ ନାଗରିକ ଲାଗି ସୁରକ୍ଷା ଦେଇଥାଏ, ଅଲୋଚନା କରିଥିଲେ। ବରିଷ୍ଠ ସାମ୍ବାଦିକ ତଥା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ଫେଡରସନର ରାଜ୍ୟ ସଭାପତି ରବି ରଥ ସମ୍ବିଧାନକୁ ସାମ୍ପ୍ରତିକ ସରକାର ଯେପରି ହନନ କରିଲିଛନ୍ତି, ସମସ୍ତଙ୍କୁ ସତର୍କତା ଅବଲମ୍ବନ କରିବାକୁ କହିଥିଲେ। ନାରୀ ନେତ୍ରୀ ଭାନୁମତି ରେଡି ୟୁନିଫର୍ମ ସିଭିଲ କୋଡ଼ ନାମରେ ସଂପ୍ରଦାୟିକ ସଦ୍ଭାବ ନଷ୍ଟ କରୁଥିବା ଅଭିଯୋଗ କରିଥିଲେ। ସାମାଜିକ କର୍ମୀ ଇଜୁ ଅମିନ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପ୍ରଥମେ ଷୀନେତା ବିଜୟ ସ୍ୱାଇଁ ସମ୍ବିଧାନ ସୁରକ୍ଷା ଶୀର୍ଷକ ସଙ୍ଗୀତ ଗାନ କରିଥିଲେ। ସିପିଆଇ ନେତା ନୀଳକଣ୍ଠ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜେପିର ଜନସଂପର୍କ ଯାତ୍ରା

ଜଳେଶ୍ୱର ୨/୭(ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୯ବର୍ଷ ସେବା, ସୁଶାସନ ଓ ଗରିବ କଲ୍ୟାଣ କାର୍ଯ୍ୟକ୍ରମରେ ଘରକୁଘର ବୁଲି ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଜନହିତକର କାର୍ଯ୍ୟ ସଂପର୍କରେ କର୍ମୀମାନେ ଜନସାଧାରଣଙ୍କ ଅବଗତ କରାଇଥିଲେ। ପ୍ରତିଘରେ ପୋଷ୍ଟର ଲଗାଇବା ସହିତ ଲିଫଲେଟ ମାଧ୍ୟମରେ ଜନସାଧାରଣଙ୍କୁ ଅବଗତ ଓ ସଚେତନ କରାଯାଇଥିଲା। ଏଥିରେ ଯୁବନେତା ଦିବ୍ୟକାମ ମହାନ୍ତିଙ୍କ ନେତୃତ୍ୱରେ ଚମାରଗାଁ ପଂଚାୟତର ଚେଙ୍ଗଦାଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଝାରସୁଗୁଡ଼ାରେ ଥିବା ବିଭିନ୍ନ ରେଳ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଆଲୋଚନା ବୈଠକ

ଝାରସୁଗୁଡ଼ା, ୦୨/୦୭ (ନି.ପ୍ର): ଝାରସୁଗୁଡା, ବ୍ରଜରାଜନଗର ଓ ବେଲପାହାଡ଼ ରେଳଷ୍ଟେସନର ଉନ୍ନତି, ଆଧୁନିକୀକରଣ ସହ ସୌନ୍ଦର୍ଯ୍ୟକରଣ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ରେଳ ପ୍ରକଳ୍ପ ଅନ୍ତର୍ଗତ କାର୍ଯ୍ୟ ତ୍ୱରାନ୍ୱିତ ପୂର୍ବକ ଶୀଘ୍ର ସମ୍ପନ୍ନ ପାଇଁ ଆଲୋଚନା କରାଯାଇଛି। ବରଗଡ଼ ସାଂସଦ ସୁରେଶ ପୂଜାରୀ, ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି , ଝାରସୁଗୁଡ଼ା ବିଧାୟିକା ଦୀପାଳି ଦାସ, ଜିଲ୍ଲାପାଳ ଆବୋଲି ସୁନୀଲ ନରୱଣେ, ବିଳାସପୁର ଡିଆରଏମ,ଚକ୍ରଧର ଡିଆରଏମ୍ ଙ୍କ ସମେତ ଜିଲ୍ଲା ସ୍ତରୀୟ ଓ ରେଳ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲ୍ଲାରେ ରେଳ ଷ୍ଟେସନ ଗୁଡ଼ିକର ଆଧୁନିକୀକରଣ କାର୍ଯ୍ୟ ତ୍ୱରାନ୍ୱିତ କରାଯିବା, ଫୁଟ ଓଭର ବ୍ରିଜ,ଏସ୍କାଲେଟର ,ଲିଫ୍ଟ, ଆବଶ୍ୟକ ସ୍ଥଳେ ଓଭର ବ୍ରିଜ, ଅଣ୍ଡର ବ୍ରିଜ ଆଦି କାର୍ଯ୍ୟ ଶୀଘ୍ର ସାରିବା ସହ ରେଳ ଷ୍ଟେସନକୁ ସଂଯୋଗ କରୁଥିବା ରାସ୍ତା ଓ ଟ୍ରାଫିକ ନିୟନ୍ତ୍ରଣ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଆଧୁନିକ ଝାରସୁଗୁଡ଼ା ଜିଲ୍ଲା ଗଠନରେ ରେଳ ବିଭାଗର ଭୂମିକା କିପରି ଫଳପ୍ରଦ ରୂପ ନେବ ସେ ଦିଗରେ ସାଂସଦ ଶ୍ରୀ ପୂଜାରୀ ଉଭୟ ଡିଆରଏମ୍‌ଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ସମ୍ପୃକ୍ତ ଅଧିକାରୀମାନେ ତ୍ୱରିତ ପଦକ୍ଷେପ ନେବା ଉପରେ ଗୁରୁତ୍ୱାରୋପ କରିଥିଲେ । ବିଧାୟିକା ସୁଶ୍ରୀ ଦୀପାଳି ଦାସ ରେଳ ପ୍ରକଳ୍ପ କାର୍ଯ୍ୟ ଶୀଘ୍ର ସାରିବା ଉପରେ ଗୁରୁତ୍ୱାରୋପ ପୂର୍ବକ ଚୌକିପଡ଼ା ଓଭର ବ୍ରିଜ , ବସଷ୍ଟାଣ୍ଡରେ ଥିବା ଦୋକାନୀମାନଙ୍କ ଥଇଥାନ ଉପରେ ଉଲ୍ଲେଖ କରିଥିଲେ। ରେଳ ବିଭାଗ ପକ୍ଷରୁ ବିଭିନ୍ନ ପ୍ରକଳ୍ପ ବାବଦକୁ ଜମି ରେକର୍ଡ ସଂଶୋଧନ ଓ ମ୍ୟୁଟେସନ ପାଇଁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ବେଲ ପାହାଡ଼ , ବ୍ରଜରାଜନଗର ପୌରାଂଚଳର ନାଗରିକମାନଙ୍କ ପକ୍ଷରୁ ଉଭୟ ରେଳ ଷ୍ଟେସନରେ ପୂର୍ବ ପରି କିଛି ଏକ୍ସପ୍ରେସ ଟ୍ରେନ ରହଣି ନେଇ ସାଂସଦ , ବିଧାୟିକା ଓ ଜିଲ୍ଲାପାଳଙ୍କ ମାଧ୍ୟମରେ ରେଳ ବିଭାଗ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତପିରାମ ମାଝୀ, ପ୍ରବନ୍ଧକ ନିର୍ଦ୍ଦେଶକ (ପୁନର୍ବାସ ଓ ଥଇଥାନ) ଆଲୋମଣୀ ସେଠୀ, ଉପ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ , ରାସ୍ତା ଓ ଗୃହ ଅଧିକ୍ଷଣ ଯନ୍ତ୍ରୀ, ତହସିଲଦାର ବସନ୍ତ ହାତୀ, ନିର୍ବାହୀ ଅଧିକାରୀ ମନୋଜ ତାଣ୍ଡି, ଚନ୍ଦ୍ରମଣି ସ୍ୱାଇଁ , ବିକାଶ ଭୋଇ ଓ ରେଳ ବିଭାଗର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ପରିବାର ପ୍ରତିପୋଷଣ ପାଇଁ ବାଲିଗୁଡ଼ାରୁ ମୁମ୍ବାଇ ଯାଇ ଘରକୁ ପଙ୍ଗୁ ହୋଇ ଫେରିଲେ

କନ୍ଧମାଳ , ୦୨/୦୭ (ନି.ପ୍ର): ପରିବାର ପ୍ରତିପୋଷଣ ପାଇଁ ମୁମ୍ବାଇ ଗସ୍ତ, କିଛି ଦିନ ପରେ ପଙ୍ଗୁ ହୋଇ ଯୁବକ ଫେରିଲେ ଘରକୁ। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅଞ୍ଚଳରେ । ସୂଚନା ପ୍ରକାରେ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଏନ୍‌ଏସି ଅନ୍ତର୍ଗତ ଦୁଇ ନମ୍ବର ୱାର୍ଡର ଡହଲପଡ଼ି ସାହିର ଅଙ୍ଗଦ ମଳିକ(୨୨) ନାମକ ଜଣେ ଯୁବକ ଭଗାମୁଣ୍ଡା ସାହିର ତାଙ୍କ ସାଙ୍ଗ ରବି ସାହାଣି ସହ କାମଧନ୍ଦା କରିବା ପାଇଁ ଗତ ଏପ୍ରିଲ୍ ମାସ ୨୭ତାରିଖରେ ଘରେ କାହାକୁ କିଛି ନକହି ବାଲିଗୁଡ଼ାରୁ ମୁମ୍ବାଇ ଅଭିମୁଖେ ବାହାରି ଯାଇଥିଲେ । ଏହାପରେ ଅଙ୍ଗଦ ମଳିକର ଘରଲୋକେ ଅଙ୍ଗଦକୁ ଖୋଜାଖୋଜି କରି ନପାଇବାରୁ ଗତ ମଇ ମାସ ୪ ତାରିଖରେ ବାଲିଗୁଡ଼ା ଥାନାରେ ଅଙ୍ଗଦ ଯାଇଥିବା ନେଇ ଏକ ଲିଖିତ ଅଭିଯୋଗ କରିଥିଲେ ଏବଂ ସେଥିରେ ଗତ ଏପ୍ରିଲ୍ ୨୭ ତାରିଖ ସନ୍ଧ୍ୟା ୭ଟା ସମୟରେ ଅଙ୍ଗଦ ମଳିକ ରବି ଶାହାଣି ସହିତ କୁଆଡ଼େ ଚାଲିଯାଇଥିବା ମଧ୍ୟ ଉଲ୍ଲେଖ କରିଥିଲେ । ଅଭିଯୋଗ ପ୍ରକାରେ ବାଲିଗୁଡ଼ା ପୋଲିସ୍ ତଦନ୍ତ ଆରମ୍ଭ ପଳେଇଛି ଏହାପରେ ପୋଲିସ ଏହାକୁ ନେଇ ତଦନ୍ତ ଆରମ୍ଭ କରିଥିବା ବେଳେ ଜୁନ୍ ମାସ ୨୨ ତାରିଖରେ ଗୁଜୁରାଟର ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସ୍ୱେଚ୍ଛାସେବୀ ରିତୁବେନ ବର୍ମା ଫୋନ୍ ଯୋଗେ ବାଲିଗୁଡ଼ା ଥାନାକୁ ଖବର ଦେଇଥିଲେ ଯେ, ବାଲିଗୁଡ଼ା ଅଞ୍ଚଳର ଅଙ୍ଗଦ ମଳିକ ନାମକ ଜଣେ ଯୁବକ ଦୁର୍ଘଟଣା ଗ୍ରସ୍ତ ହୋଇ ତାଙ୍କ ନିକଟରେ ଚିକିତ୍ସିତ ହେଉଛନ୍ତି । ଏହାପରେ ବାଲିଗୁଡ଼ା ଥାନା ଅଧିକାରୀ ବାବା ଶଙ୍କର ସରାଫ୍ ଅଙ୍ଗଦଙ୍କ ପରିବାରକୁ ଏନେଇ ସୂଚନା ଦେଇଥିଲେ । ଏହାପରେ ବାଲିଗୁଡ଼ା ପୋଲିସର ପରାମର୍ଶ ନେଇ ଅଙ୍ଗଦର ଭାଇ ରତ୍ନାକର ମଳିକ ଓ ଭିଣେଇ ରଞ୍ଜିତ ମଳିକ ମିଳିଥିବା ଠିକଣା ସ୍ଥାନକୁ ଯାଇଥିଲେ ଓ ନିଜ ଭାଇକୁ ଚିହ୍ନିପାରିଥିଲେ । କିନ୍ତୁ ଭାଇକୁ ଦେଖିବା ବେଳେ ଭାଇର ଦୁଇହାତ କଟିଯାଇଥିବା ବେଳେ ମୁଣ୍ଡ ଏବଂ ପିଠିରେ ଆଘାତ ଲାଗିଥିବା ଦେଖିବାକୁ ପାଇଥିଲେ । ସେଠାରେ ଚିକିତ୍ସିତ କରୁଥିବା ସ୍ୱେଚ୍ଛାସେବି ଅନୁଷ୍ଠାନର ପରାମର୍ଶ କ୍ରମେ ଭାଇକୁ ଧରି ବାଲିଗୁଡ଼ା ଆସି ପହଁଚିବା ପରେ ଥାନାକୁ ନେଇଥିଲେ । ଆହାତ ଯୁବକ ଅଙ୍ଗଦକୁ ପଚାରିବାରୁ ସେ କହିଛନ୍ତି ଯେ,ମତେ ଆମ ସାହିର ରବି ଶାହାଣି କାମ କରିବାକୁ ପ୍ରଲୋଭନ ଦେଖାଇଥିଲା ଓ ତାପରେ ମତେ ନଗଦ ଆଠହଜାର ଟଙ୍କା ଦେଇଥିଲା । ମୁମ୍ବାଇକୁ କାମ କରିବାକୁ ଯିବାକୁ କହି ମତେ ରବି ଟ୍ରେନରେ ନେଇଥିଲେ । ଆମେ ଟ୍ରେନରୁ ଓହ୍ଲାଇଥିଲୁ ତାହା କେଉଁ ଜାଗା ମୁଁ ଜାନିନଥିଲି । ମତେ ରବି ଏଠୁଆସୁଛି କହି ଯାଇଥିଲା । କିଛି ସମୟପରେ ସେହି ସ୍ଥାନରେ କିଛି ଯୁବକ ଆସି ମତେ ମାଡ଼ ମାରିଥିଲେ ତାପରେ ମୁଁ ଅଚେତ ହୋଇଯାଇଥିଲି । ଚେତା ଫେରିବା ବେଳକୁ ମୁଁ ଏକ ଡାକ୍ତରଖାନାରେ ଥିବା ଜାଣିବାକୁ ପାଇଥିଲି ଏବଂ ମୋର ଦୁଇ ହାତ କଟି ଯାଇଥିଲା ଜାଣିବାକୁ ପାଇଥିଲି । ପରବର୍ତ୍ତୀ ସମୟରେ ଏକ ସେବାଶ୍ରମରେ ଚିକିତ୍ସିତ ହେଉଥିଲି । ଏହାପରେ ମୋର ଘର ଓ ଠିକଣା ସମ୍ପୃକ୍ତ ସଂସ୍ଥାକୁ ଜଣାଇବା ପରେ ମତେ ପରିବାର ଲୋକେ ନେବାକୁ ଆସିଥଲେ ବୋଲି କହିଛନ୍ତି ଅଙ୍ଗଦ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ମୋଦିଙ୍କ ଲୋକପ୍ରିୟତା...

ହେଲେ ଏହା ପୂର୍ବରୁ କିଛି ନେତାମାନେ ଅନ୍ୟ ରୂପ ଧାରଣ କରିଛନ୍ତି ବୋଲି ଶରଦ କହିଛନ୍ତି। ଲୋକଙ୍କ କାନ୍ଧରେ କମାଣ ରଖି ଶରଦ କହିଛନ୍ତି, ମହାରାଷ୍ଟ୍ରର ଯୁବକଙ୍କ ପରେ ତାଙ୍କର ଭରସା ରହିଛି। ସେ ମହାରାଷ୍ଟ୍ରର ବିକାଶ ପାଇଁ କାମ କରିଛନ୍ତି। ବହୁଥର ମେଣ୍ଟ ସରକାର କରିଛନ୍ତି। ବିଭିନ୍ନ ଦଳର ନେତାମାନେ ଫୋନ୍ କରି ମୋତେ ସମର୍ଥନ ଦେଇଛନ୍ତି। ଏବେ ଦେଶରେ ବିଭିନ୍ନ ସ୍ଥାନକୁ ଯାଇ ଦଳର ବିକାଶ ପାଇଁ କାମ କରିବାକୁ ହେବ। ଦଳୀୟ ଲୋକଙ୍କ ଉପରେ ମଧ୍ୟ ଏନେଇ ବିଶ୍ୱାସ ରହିଛି। ୧୯୮୦ ମସିହା ନିର୍ବାଚନରେ ଯେଉଁ ସେ ଦଳୀୟ ନେତା ଥିବା ବେଳେ ୫୮ ବିଧାୟକ ବିଜୟୀ ହୋଇଥିଲେ। ମାତ୍ର ୬ ଜଣ ବିଧାୟକଙ୍କୁ ଛାଡି ବାକି ସମସ୍ତେ ବିଧାୟକ ଦଳ ଛାଡ଼ି ପଳାଇଥିଲେ। ଏହି ୬ ବିଧାୟକଙ୍କୁ ଧରି ପୁଣି ଦଳ ଗଢ଼ି ଠିଆ କରିଥିଲି ବୋଲି ଶରତ କହିଛନ୍ତି। ସେହିପରି ପ୍ରଫୁଲ୍ଲ ପଟେଲଙ୍କୁ ଟାର୍ଗେଟ କରି ବର୍ଷିଛନ୍ତି ଶରଦ। ସେ କହିଛନ୍ତି, ପ୍ରଫୁଲ୍ଲଙ୍କ ଉପରେ ଆଉ ଭରସା ନାହିଁ। ସେ ଭରସା ଭାଙ୍ଗି ଦେଇଛନ୍ତି। ସେହିପରି ଶରଦ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ମଧ୍ୟ ଟାର୍ଗେଟ କରି ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ଏନ୍ ?ସିପି ମୃତପ୍ରାୟ ଦଳ ବୋଲି ମୋଦି କହିବା ସହ ଦୁର୍ନୀତି ଆରୋପ ଲଗାଇଥିଲେ। ହେଲେ ଏବେ ଏନ୍‌ସିପିର କିଛି ସଦସ୍ୟ ସରକାର ଗଠନ ନିମନ୍ତେ ଶପଥ ନେଇଛନ୍ତି ଓ ବିଜେପି ସରକାର ସହ ମିଳିତ ହୋଇଛନ୍ତି ଦେଖି ଖୁସି ଲାଗୁଛି। ଏଥିରୁ ଏମାନେ ଦୁର୍ନୀତି ଅଭିଯୋଗରୁ ମୁକ୍ତ ହୋଇଗଲେ ବୋଲି ସ୍ପଷ୍ଟ ହୋଇଛି। ସୂଚନା ଥାଉକି, ମହାରାଷ୍ଟ୍ର ରାଜନୀତିରେ ବଡ଼ ଧରଣର ପରିବର୍ତ୍ତନ ହୋଇଛି। ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି ବରିଷ୍ଠ ଏନସିପି ନେତା ଅଜିତ ପାୱାର। ସେ ନିଜ ସହ ୪୦ରୁ ଅଧିକ ବିଧାୟକଙ୍କୁ ନେଇ ଏନଡିଏରେ ମିଶିଛନ୍ତି। ଅଜିତ ପାୱାରଙ୍କ ସମେତ ୯ ଜଣ ବିଧାୟକ ଆଜି ବିଧିବଦ୍ଧ ଭାବେ ଏକନାଥ ସିନ୍ଦେ ଓ ବିଜେପି ମିଳିତ ଭାବେ ମହାରାଷ୍ଟ୍ରରେ ଗଠନ କରିଥିବା ସରକାରଙ୍କୁ ସମର୍ଥନ ଘୋଷଣା କରିଛନ୍ତି। ସମର୍ଥନ ଦେବା ମାତ୍ରେ ଅଜିତ ପାୱାର ରାଜଭବନରେ ପହଞ୍ଚି ରାଜ୍ୟପାଳଙ୍କୁ ଭେଟିଥିଲେ। ଏହାପରେ ସେହିଠାରେ ହିଁ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅଜିତ ପାୱାର ମହାରାଷ୍ଟ୍ରର ନୂଆ ଉପ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ତାଙ୍କ ସହ ଆଉ ୯ ଜଣ ବିଧାୟକ ମଧ୍ୟ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି।

## ରତ୍ନଭଣ୍ଡାର ରାଜ୍ୟ ସରକାରଙ୍କ ....

ପରେ ଜିଲ୍ଲାପାଳ କହିଲେ ନକଲି ଚାବି ମିଳିଲା ହେଲେ ଏବେ ମନ୍ତ୍ରୀଙ୍କ ବିବୃତି ଆଶ୍ଚର୍ଯ୍ୟଜନକ କଥା। ରତ୍ନଭଣ୍ଡାର ଖୋଲିବାରେ ଅସୁବିଧା କ'ଣ ? ଚାବି ହଜିବା ଘଟଣା ଆଉ ଏଏସଆଇ ମରାମତି ଲାଗି ଲେଖିବା ପରେ ବି ସରକାର କାହିଁକି କିଛି ଶୁଣୁ ନାହାନ୍ତି ? ସେ କହିଛନ୍ତି ଯେ ଏବେ ଆସୁଥିବା ଦାନ ସୁନା ଅଳଙ୍କାର କୋଉଠି ଅଛି ? ଆଗରୁ ଆସିଥିବା ଅଳଙ୍କାର କେଉଁଠି ଅଛି ? ଏହାର ଗଣନା ଶୀଘ୍ର ହେବା ଦରକାର। କାଳ ବିଳମ୍ବ ନକରି ଏହା ଶୀଘ୍ର କରନ୍ତୁ। କମିଟି ଗଠନ କରନ୍ତୁ ଏବଂ ଗଣନା କରନ୍ତୁ। ଆହୁରି ଅଧିକ ସନ୍ଦେହ ସୃଷ୍ଟି ନକରନ୍ତୁ । ଯେତିକି ବିଳମ୍ବ ହେବ ପରିସ୍ଥିତି ସେତିକି ଜଟିଳ ହେବ। ସବୁ ଆଡୁ ଗୋଟିଏ ମତ ଆସୁଛି। ରାଜ୍ୟ ସରକାର ଶୀଘ୍ର ତାରିଖ ଘୋଷଣା କରନ୍ତୁ ବୋଲି ସେ ଦାବି କରିଛନ୍ତି ।

## ପରିବାର ଉଜାଡ଼ିଦେଲା ....

ମୃତଦେହ ଟ୍ରେନ୍ ଲାଇନ୍‌ରେ ପଡ଼ିଥିବା ଖବର ପାଇଥିଲେ। ଜିଆରପି ପୁଲିସ୍ ପହଞ୍ଚି ମୃତଦେହ ଜବତ କରିଥିବା ବେଳେ ପରିବାର ଲୋକେ ପହଞ୍ଚି ତାହାକୁ ଚିହ୍ନଟ କରିଛନ୍ତି। ପୁଲିସ୍ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି। ତାରାକାନ୍ତ ବଲାଙ୍ଗୀର ସୁଦପଡା ରେଲୱେ ଓଭରବ୍ରିଜ ନିକଟରେ ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଫାଇନାନ୍ସ କମ୍ପାନୀର ମାନସିକ ନିର୍ଯ୍ୟାତନା ସହି ନ ପାରି ସେ ଏପରି ଚରମ ପଦକ୍ଷେପ ଉଠାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି।

## ହାତୀ ଦାନ୍ତ ପାଇଁ ....

ତେବେ ଗିରଫ ଅଭିଯୁକ୍ତଙ୍କ ପରିଚୟ ମିଳିପାରିନି। ଜବତ ହାତୀଦାନ୍ତ ମୂଲ୍ୟ ଲକ୍ଷାଧୀକ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ହାତୀଦାନ୍ତକୁ ବିକିବା ପାଇଁ ଏକ ବଡ଼ ଡିଲ୍ ହୋଇଥିବା ଜଣାଯାଇଛି। ତେବେ ତାହା ପୂର୍ବରୁ ମାଡ଼ି ବସିଲା ବନ ବିଭାଗ । ତେବେ ହାତୀ ଦାନ୍ତ କେଉଁଠୁ, କିପରି ଓ କିଏ କିଏ ଶିକାର କଲେ ସେ ନେଇ କିଛି ସୂଚନା ମିଳିନି। ଏହି ରାକେଟରେ ଆଉ କିଏ କିଏ ସାମିଲ ଅଛନ୍ତି ସେ ନେଇ ବି କିଛି ସୂଚନା ମିଳିପାରିନି। ସୂଚନାଯୋଗ୍ୟ, ଗତ କିଛି ମାସ ମଧ୍ୟରେ ଶିମିଳିପାଳ ଅଭୟାରଣ୍ୟରେ ଶିକାରୀ ଗୁଳିରେ ଜଣେ ଫରେଷ୍ଟ ଗାର୍ଡ ଓ ଫରେଷ୍ଟରଙ୍କ ଜୀବନ ଚାଲି ଯାଇଛି। ବନ କର୍ମଚାରୀଙ୍କ ସୁରକ୍ଷା ଦାବି କରି ପ୍ରାୟ ମାସେରୁ ଉର୍ଦ୍ଧ୍ୱ ସମୟ ହେଲା ବନ କର୍ମଚାରୀ ଶିମିଳିପାଳରେ ପାଟ୍ରୋଲିଂ ବନ୍ଦ କରି ଦେଇଛନ୍ତି। ଏହା ବେପାରୀଙ୍କୁ ଖୁବ ସୁହାଉଥିବା ବେଳେ ସେମାନେ ବେଧଡ଼କ କରି ଚାଲିଛନ୍ତି ଶିକାର। ତେବେ ଏହାକୁ ରୋକିବାକୁ ତଥା ବନ କର୍ମଚାରୀଙ୍କୁ ପାଟ୍ରୋଲିଂ ନିମନ୍ତେ ବୁଝାଶୁଝା କରି ରାଜି କରାଇବା ନିମନ୍ତେ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରୁ ନ ଥିବାରୁ ଏହାକୁ ନେଇ ପରିବେଶବିତ ଉଦବେଗ ପ୍ରକାଶ କରିଛନ୍ତି ।

## ମାଗଣା ଯୋଜନା....

ଯୋଜନା ଘୋଷଣା କରୁଥିବା ବେଳେ ଏହାକୁ ନେଇ ବାକଯୁଦ୍ଧ ଜାରି ରହିଛି। ଏସବୁ ଭିତରେ ପ୍ରଧାନମନ୍ତ୍ରୀ ମାଗଣା ଯୋଜନାକୁ ନେଇ ବିରୋଧୀଙ୍କୁ ସମାଲୋଚନା କରିଛନ୍ତି। ଶନିବାର ମୋଦି ଶାହଡୋଲରେ ଜାତୀୟ ସିକେଲ ସେଲ ଆନେମିଆ ବିଲୋପନ ମିଶନ ୨୦୪୭ ଲଞ୍ଚ କରିଥିଲେ। ୪ ମାସ ପରେ ମଧ୍ୟପ୍ରଦେଶରେ ବିଧାନସଭା ନିର୍ବାଚନ ହେବାକୁ ଥିବା ବେଳେ ମୋଦି ଏହି ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମକୁ ଉଦଘାଟନ କରିଛନ୍ତି। ଏହି ସମୟରେ ସେ କଂଗ୍ରେସ ଓ ଅନ୍ୟ ତଥାକଥିତ ପରିବାବାଦରେ ବିଶ୍ୱାସ ରଖୁଥିବା ଦଳଗୁଡ଼ିକୁ ଟାର୍ଗେଟ କରିଛନ୍ତି। ଏମାନେ କେବଳ ମିଥ୍ୟା ଗ୍ୟାରେଣ୍ଟୀ ଦେଇ ନିର୍ବାଚନ ଜିତିବାକୁ ଲକ୍ଷ୍ୟ ରଖିଥିବା ମୋଦି କହିଛନ୍ତି। ପରିବାରବାଦରେ ବିଶ୍ୱାସ ରଖୁଥିବା ଦଳଗୁଡ଼ିକ କେବଳ ସେମାନଙ୍କ ପରିବାର ଲୋକଙ୍କ ସ୍ୱାର୍ଥ କଥା ଚିନ୍ତା କରୁଥିବା ଅଭିଯୋଗ କରି ମୋଦି କହିଛନ୍ତି, "ଆପଣମାନେ କଂଗ୍ରେସ ସମେତ ପରିବାରବାଦୀ ପାର୍ଟି ଗୁଡ଼ିକ ଦେଉଥିବା ମିଥ୍ୟା ଗ୍ୟାରେଣ୍ଟି ପ୍ରତି ସତର୍କ ରୁହନ୍ତୁ। ଏହି ଲୋକମାନେ ଗ୍ୟାରେଣ୍ଟୀ ସ୍କିମ ଆଣୁଥିବା ବେଳେ ସେମାନଙ୍କ ପାଖରେ ନିଜର ରାଜନୀତିକ ଗ୍ୟାରେଣ୍ଟ ନାହିଁ। ବିରୋଧୀଙ୍କ ମିଛ ଗ୍ୟାରେଣ୍ଟୀର ଅର୍ଥ କେଉଁଠି ନା କେଉଁଠି କିଛି ଗୋଟିଏ ତ୍ରୁଟି ରହିଛି। ସେମାନଙ୍କର ମାଗଣା ବିଜୁଳି, ତୀର୍ଥ ଯାତ୍ରା, ପେନସନ, ଶସ୍ତାରେ ପେଟ୍ରୋଲ ଓ ଚାକିରି ଭଳି ପ୍ରତି ପ୍ରତିଶ୍ରୁତି କେବଳ ନକାରାତ୍ମକ ପ୍ରଭାବ ପକାଇବ। ଯେତେବେଳେ ସେମାନେ ମାଗଣା ବିଜୁଳି କଥା କହୁଛନ୍ତି ସେତେବେଳେ ବିଜୁଳି ଦାମକୁ ଅଧିକ ମହଙ୍ଗା କରିବାକୁ ନିଷ୍ପତ୍ତି ନେଇଛନ୍ତି।

# ଗୁରୁ ବ୍ରହ୍ମା, ଗୁରୁ....

(ପୃଷ୍ଠା ୪ର ଅବଶିଷ୍ଟାଂଶ)

ଗୁରୁ ପୂର୍ଣ୍ଣିମା ଅର୍ଥାତ୍ ଗୁରୁଙ୍କ ପୂଜା ଏବଂ ଆଦର କରିବାର ଦିନ । ଏହା କୌଣସି ବ୍ୟକ୍ତିଙ୍କ ପୂଜା ନୁହେଁ । ଗୁରୁଙ୍କ ଦେହ ଭିତରେ ଯେଉଁ ପରମାତ୍ମା ରହିଛନ୍ତି ତାଙ୍କୁ ପୂଜା ସମ୍ଭାଷଣ ଓ ପ୍ରଣାମ କରିବା ହିଁ ଗୁରୁଙ୍କୁ ପୂଜା କରିବା। ଗୁରୁଙ୍କ ନିକଟରେ ଶିଷ୍ୟର ସମସ୍ତ କଷ୍ଟ ଦୂର କରିବାର କ୍ଷମତା ରହିଛି । ଏପରିକି ଜଣେ ଗୁରୁ ଚାହିଁଲେ ଶିଷ୍ୟକୁ ନିଜ ଠାରୁ ଶ୍ରେଷ୍ଠ ବ୍ୟକ୍ତିରେ ମଧ୍ୟ ପରିଣତ କରିଦେଇପାରିବେ । ବୈଦିକ ମାନ୍ୟତା ଅନୁଯାୟୀ ଗୁରୁଶକ୍ତି ସର୍ବୋଚ୍ଚ ତଥା ସମ୍ମାନନୀୟ । ଗୁରୁଙ୍କ ଅସ୍ତିତ୍ୱ କେବଳ ଭୌତିକ ଶରୀର ଭିତରେ ସୀମିତ ନଥାଏ, ବରଂ ଦିବ୍ୟ ଚେତନା ପର୍ଯ୍ୟନ୍ତ ଏହି ଶକ୍ତି ବ୍ୟାପ୍ତ ଥାଏ । ସେଥିପାଇଁ ଗୁରୁଙ୍କୁ ପରମାତ୍ମାଙ୍କ ଠାରୁ ଉଚ୍ଚ ସ୍ଥାନ ଦିଆଯାଇଛି । କୁହାଯାଇଛି - 'ଧ୍ୟାନଂମୂଳଂ ଗୁରୁମୂର୍ତ୍ତିଂ, ପୂଜାମୂଳଂ ଗୁରୁପାଦଂ, ମୋକ୍ଷଂମୂଳ ଗୁରୁକୃପା'। ପ୍ରଥମଗୁରୁ ତଥା ଆଦି ଗୁରୁ ହେଉଛନ୍ତି ସ୍ୱୟଂ ଭଗବାନ ଶିବ । ସେ ଶକ୍ତି ଆକାରରେ ସମସ୍ତ ବିଦ୍ୟମାନ ସ୍ୱରୂପର ବିଘଟନ ଏବଂ ପରିବର୍ତ୍ତନ ପାଇଁ ଉତ୍ତରଦାୟୀ । ଜଣେ ସାଧକ ପାଇଁ ଗୁରୁ ଭଗବାନଙ୍କ ସ୍ୱରୂପ । ଗୁରୁଙ୍କ ଶକ୍ତିର କୌଣସି ସୀମା ନାହିଁ । ଏହି ଶକ୍ତି ଅନନ୍ତ ତଥା ଅଖଣ୍ଡ । ଗୁରୁ କହିଥିବା ବାଣୀକୁ ଶିଷ୍ୟ ବୁଝିବା ଉଚିତ ।

ଶ୍ରୀମଦ୍ ଭଗବତଗୀତା, ଭଗବତପୁରାଣ, ସମସ୍ତ ପୁରାଣ ତଥା ଉପପୁରାଣ ଆଦି ସକଳ ଶାସ୍ତ୍ରର ରଚୟିତା ହୋଇ ଯିଏକି ମାନବ ଜାତିର ଜ୍ଞାନର ଭଣ୍ଡାର ସୃଷ୍ଟି କରିଯାଇଛନ୍ତି ତାଙ୍କର ଜନ୍ମତିଥିକୁ ଆମେ ଗୁରୁପୂର୍ଣ୍ଣିମା ଭାବେ ପାଳନ କରିଆସୁଛୁ। ସମସ୍ତ ପୂର୍ଣ୍ଣିମା ମଧ୍ୟରେ ଏହାକୁ ଶ୍ରେଷ୍ଠ ସ୍ଥାନ ଦିଆଯାଇଛି କାରଣ ପରମାତ୍ମଜ୍ଞାନ, ପରମାତ୍ମ ଧ୍ୟାନ ଓ ପରମାତ୍ମ ଜ୍ଞାନ ପ୍ରାପ୍ତି ଅସମ୍ଭବ, ଏକମାତ୍ର ସତ୍‌ଜ୍ଞାନ ହିଁ ପରମାର୍ଥିକ ଜୀବନରେ ଏକାନ୍ତ କାମ୍ୟ। ଗୁରୁପଦ ବନ୍ଦନା, ସ୍ମରଣ ତଥା ଧ୍ୟାନ ବଳରେ ଜ୍ଞାନନେତ୍ର ଉନ୍ମୀଳିତ ହୁଏ, ସଂସାରରୂପୀ ରାତ୍ରିର ସର୍ବକଳୁଷ ଅପନୋଦନ ହୋଇଯାଏ। ଆଦିଗୁରୁ ବ୍ୟାସଦେବ ଅଗାଧ ଜ୍ଞାନର ଭଣ୍ଡାର ଥିଲେ। ଏହା ନିଃସନ୍ଦେହ ଯେ ମହର୍ଷି ବେଦବ୍ୟାସକୃତ ଶାସ୍ତ୍ର ପଠନ ଶ୍ରବଣ ବିନା ଭାରତରେ ଅବା ବିଶ୍ୱରେ କୌଣସି ଆଧ୍ୟାତ୍ମିକ ଉପଦେଶ ବର୍ଣ୍ଣି ପାରିନାହାଁନ୍ତି। ଅତଃ ଯେଉଁ ମହାତ୍ମା କଠୋର ସାଧନ କରି ଆମ ପାଇଁ ଏତେସବୁ ସାଧବସ୍ତୁ ରଖିଯାଇଛନ୍ତି ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି, କୃତଜ୍ଞତା ଜ୍ଞାପନ, ଋଷି ଋଣ ପରିଶୋଧ ସର୍ବୋପରି ଋଷିଙ୍କର ପ୍ରେରଣା ଓ ଆଶୀର୍ବାଦ ପ୍ରାପ୍ତି ନିମିତତ ଏହି ବ୍ୟାସପୂର୍ଣ୍ଣିମା ପାଳନୀୟ।

ପ୍ରାଚୀନ କାଳରେ ମୁନିଋଷିମାନେ କହିଯାଇଛନ୍ତି, ଗୁରୁଙ୍କ ଛବି ହେଉଛି ସେହି ମୂଳତତ୍ତ୍ୱ ଯେଉଁଥିରୁ ଧ୍ୟାନ ଆସିଥାଏ । ସାଧକ ଦ୍ୱାରା କରାଯାଇଥିବା ପୂଜା ଅଥବା କୌଣସି ପ୍ରକାର ତପ ଗୁରୁଙ୍କ ଚରଣ କମଳରୁ ଆସିଥାଏ । ମନ୍ତ୍ରର ମୂଳ ଗୁରୁଙ୍କ ବଚନରୁ ଉଦ୍ଧୃତ ହୋଇଥାଏ ଏବଂ ଗୁରୁଙ୍କ କୃପାରୁ ମୋକ୍ଷ ପ୍ରାପ୍ତି ହୋଇଥାଏ । ଗୁରୁଙ୍କ ଶକ୍ତିକୁ ଅନୁଭବ କରିବାକୁ ହେଲେ ନିଜ ସୀମିତ ଇନ୍ଦ୍ରିୟଗୁଡ଼ିକର ଅହଙ୍କାରୀ ଅନୁଭବ ଠାରୁ ଉର୍ଦ୍ଧ୍ୱକୁ ଉଠିବାକୁ ହେବ । ସୀମିତ ମସ୍ତିଷ୍କରେ ଗୁରୁଙ୍କ ଅସୀମ ଶକ୍ତିକୁ ବୁଝିବା ଅସମ୍ଭବ ।

ସହ-ପ୍ରତିରକ୍ଷିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ : ୯୪୩୭୦୫୧୯୫୭

# ଭାଲୁ ଆକ୍ରମଣରେ ମହିଳା ଗୁରୁତର: ବାଲେଶ୍ୱର ସ୍ଥାନାନ୍ତର



ନୀଳଗିରି : ଭାଲୁ ଆକ୍ରମଣ ଏବଂ ମୃତାହତ ନୀଳଗିରି ପାଇଁ ଦୈନନ୍ଦିନ ଘଟଣା ହୋଇଗଲାଣି। ଦୈନିକ କେହି ନା କେହି ଭାଲୁ ଆକ୍ରମଣର ଶିକାର ହେଉଛନ୍ତି। ରବିବାର ମହିଷକ୍ଷପଟା ପଞ୍ଚାୟତ ଶାଳବଣି ଡମ୍ବରୁଘାଟି ଗ୍ରାମର ରଟେ ସିଂଙ୍କ ପତ୍ନୀ କାଳୀ ସିଂ (୪୫) ଦ୍ୱିପ୍ରହରରେ ଖାଇସାରିବା ପରେ ପ୍ରାୟ ୨.୩୦ ସମୟରେ ନିଜ ବାଡ଼ିପଟକୁ ଶୌଚ ହେବାପାଇଁ ଯାଇଥିବା ବେଳେ ହଠାତ୍ ଏକ ଭାଲୁ ହାବୁଡ଼ରେ ପଡ଼ିଥିଲା। ଭାଲୁଟି ଅତର୍କିତ ଆକ୍ରମଣ କରିବାରୁ କାଳୀ ଡାକ ପକାଇଥିଲା। ପରିବାର ଲୋକ ଘଟଣା ସ୍ଥଳରେ ପହଞ୍ଚିବା ପରେ ଭାଲୁଟି ଛାଡି ପଳାଇ ଯାଇଥିଲା। ସଙ୍ଗେ ସଙ୍ଗେ ପରିବାର ଲୋକ ୧୦୮ଆମ୍ବୁଲାନ୍ସ ଯୋଗେ ନୀଳଗିରି ହସ୍ପିଟାଲ ଆଣି ଚିକିତ୍ସା କରିଥିଲେ। କାଳୀ ର ମୁଣ୍ଡ ଖପୁରୀ ସମ୍ପୂର୍ଣ ଉପୁଡ଼ି ଯାଇଥିବା ବେଳେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ତେବେ ବନବିଭାଗ ଏଥିପ୍ରତି ନଜର ନଦେବା ଫଳରେ ଦୈନନ୍ଦିନ ଭାଲୁ ମଣିଷ ଲଢେଇରେ କେତେଯେ ଲୋକ ମୃତାହତ ହେଉଛନ୍ତି ସେଥିପାଇଁ ବନବିଭାଗ ସମ୍ପୂର୍ଣ୍ଣ ଦାୟୀ ବୋଲି ବୁଦ୍ଧିଜୀବି ଦାବୀ କରିଛନ୍ତି।

# କ୍ରାନ୍ତି ଦିବସର ସମାବେଶ ପାଇଁ ବାଲେଶ୍ୱରରେ ଜିଲ୍ଲାସ୍ତରୀୟ କନଭେନସନ




ବାଲେଶ୍ୱର, ୦୨/୦୭ (ନି.ପ୍ର): କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ଜାତୀୟ ଫେଡେରେସନଙ୍କ ଆହ୍ୱାନ କ୍ରମେ ଆସନ୍ତା ଅଗଷ୍ଟ ୯ ତାରିଖ କ୍ରାନ୍ତି ଦିବସରେ ଭୁବନେଶ୍ୱର ଠାରେ ହେବାକୁ ଥିବା ମିଳିତ ମହାସମାବେଶକୁ ସଫଳ କରିବା ପାଇଁ ବାଲେଶ୍ୱରରେ ଏକ ଜିଲାସ୍ତରୀୟ କନଭେନସନ ରବିବାର ଅନୁଷ୍ଠିତ ହୋଇଯାଇଛି। ପରିବହନ ଶ୍ରମିକ ସଂଘ ସଭାଗୃହରେ ଆୟୋଜିତ ଏହି କନଭେନସନରେ ବିଭିନ୍ନ କେନ୍ଦ୍ରୀୟ ଶ୍ରମିକ ସଂଗଠନ ପ୍ରତିନିଧି ଈଷାଣୀ ଷଡ଼ଙ୍ଗୀ, ଭାଗବତ ପ୍ରତିହାରୀ, ସୁରେଶ ଚନ୍ଦ୍ର ବେହେରା, ନିରାକର ପାଣ୍ଡବ ଓ ସର୍ବେଶ୍ୱର ମିଶ୍ରଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଆବାହକ ବିଜୟ ପାତ୍ର ଏଥିରେ ସ୍ୱାଗତ ଅଭିଭାଷଣପ୍ରଦାନ କରଇଥିବା ବେଳେ ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଟିୟୁଏସିସିର ଅଧକ୍ଷ ତଥା ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ଏଆଇଟିୟୁସିର ରାଜ୍ୟ ସଂପାଦକ ତଥା ଜାତୀୟ ପରିଷଦ ସଭ୍ୟ ଜୟନ୍ତ ଦାସଙ୍କ ସମେତ ବିଭିନ୍ନ ସଂଗଠନ ପକ୍ଷରୁ ଉମାକାନ୍ତ ଦାସ, ପ୍ରେମରଞ୍ଜନ ପାତ୍ର, ରବିନାରାୟଣ ମିଶ୍ର, ଅକ୍ଷୟ କୁମାର ତ୍ରିପାଠୀ, ଭରତ ଚନ୍ଦ୍ର ସେଠୀ, ପୂର୍ଣ୍ଣିମା ବେହେରା, ଶ୍ୟାମସୁନ୍ଦର ଜେନା, ପ୍ରଦୀପ ବେହେରା, ରାଜକିଶୋର ଲେଙ୍କା, ବନ୍ଦନା ପାତ୍ର, ପରମେଶ୍ୱର ବେହେରା, ମୃତ୍ୟୁଞ୍ଜୟ ରାଉତ, ଆରତି ଦାସମହାପାତ୍ର ପ୍ରମୁଖ ଏଥିରେ ଯୋଗଦେଇ ଅଗଷ୍ଟ ୯ କ୍ରାନ୍ତି ଦିବସରେ ଭୁବନେଶ୍ୱରରେ ମହାସମାବେଶ ଆୟୋଜନର ପୃଷ୍ଠଭୂମି ସମ୍ପର୍କରେ ଆଲୋକପାତ କରିଥିଲେ। ବିଶେଷ କରି ଶ୍ରମିକ ବିରୋଧୀ ୪ଟି କୋର୍ଡ଼ ଭିତ୍ତିକ ଶ୍ରମ ଆଇନ ବାତିଲ କରିବା, ପ୍ରତିରକ୍ଷା ସେବା ଆଇନ ଓ ବିଦ୍ୟୁତ ସଂଶୋଧନ ଆଇନ ବାତିଲ କରିବା, ରାଷ୍ଟ୍ରୀୟ ଉଦ୍ୟୋଗ ଘରୋଇକରଣ ବନ୍ଦ କରିବା, ସ୍କିମ ୱାର୍କର୍ସଙ୍କୁ ସର୍ବନିମ୍ନ ମଜୁରି ଓ ସାମାଜିକ ସୁରକ୍ଷା ଯୋଗାଇ ଦେବା, ସରକାରୀ ଚାକିରିର ଖାଲିପଡ଼ିଥିବା ପଦ ପୂରଣ କରିବା, ଆକାଶଛୁଆଁ ଦରଦାମ ବୃଦ୍ଧି ନିୟନ୍ତ୍ରଣ କରିବା, ବେକାରୀଙ୍କୁ କର୍ମସଂସ୍ଥାନ ଯୋଗାଇଦେବା, ଠିକା ଶ୍ରମିକ ପ୍ରଥା ବିଲୋପ କରିବା, ପୁରୁଣା ସରକାରୀ ପେନସନ ଲାଗୁ ଓ ଇପିଏଫର ସର୍ବନିମ୍ନ ୯ ହଜାର ପ୍ରଦାନ କରିବା, କିଷାନ ମୋର୍ଚ୍ଚାର ୬ଦଫା ଦାବି ପୂରଣ କରିବା, ମନେରେଗା ଶ୍ରମିକଙ୍କୁ ବର୍ଷକୁ ୨୦୦ ଦିନ କାମ ଓ ସର୍ବନିମ୍ନ ମଜୁରି ଦୈନିକ ୬୦୦ ଟଙ୍କା ପ୍ରଭୃତି ୧୪ ଦଫା ଦାବିର ଯଥାର୍ଥତା ସଂପର୍କରେ ବକ୍ତାମାନେ ଆଲୋଚନା କରିଥିଲେ। କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କର୍ମଚାରୀ ବିରୋଧୀ ଆଭିମୁଖ୍ୟ ଓ ଏହାକୁ ରାଜ୍ୟ ସରକାରଙ୍କ ସମର୍ଥନ ପ୍ରତିବାଦରେ ହେଉଥିବା ଆସନ୍ତା ଅଗଷ୍ଟ୯ର ଭୁବନେଶ୍ୱର ସମାବେଶକୁ ସଫଳ କରିବାକୁ ସେମାନେ ଆହ୍ୱାନ ଦେଇଥିଲେ। ଅଟୋଚାଳକ, ପ୍ରତିରକ୍ଷା, ଡାକ, ବିଦ୍ୟୁତ୍, ପାଚିକା, ଉଠାଜଳସେଚନ, ଜୀବନବୀମା, ବ୍ୟାଙ୍କ, ପରିବହନ, ନିର୍ମାଣ ଶ୍ରମିକ, ଅଙ୍ଗନବାଡ଼ି, ଉତ୍କଳ ମହିଳା ସମିତି, ରିକ୍ସା ଚାଳକ ଓ ବିଭିନ୍ନ କଳକାରଖାନାର ଶ୍ରମିକ ସଂଗଠନ ଏହି ସଭାରେ ଯୋଗ ଦେଇଥିଲେ। ଶରତ ଚନ୍ଦ୍ର ଦଳାଇ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ସୋମନାଥ ହତ୍ୟାକାଣ୍ଡ ଘଟଣା ପର୍ଦ୍ଦାଫାଶ କଲା ପୁଲିସ :୨ଗିରଫ

ଖୋର୍ଦ୍ଧା, ୦୨/୦୭ (ନି.ପ୍ର): ବ୍ରାଉନସୁଗର ମାଫିଆ ସୋମନାଥ ଭୁଜବଳ ହତ୍ୟାକାଣ୍ଡ ଘଟଣାର ପର୍ଦ୍ଦାଫାସ କରିଛି ଆଦର୍ଶଥାନା ପୁଲିସ । ପୂର୍ବ ବ୍ୟବସାୟିକ ଶତୃତାକୁ କେନ୍ଦ୍ର କରି ହୋଇଥିଲା ହତ୍ୟାକାଣ୍ଡ ବୋଲି ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସପି ସିଦ୍ଧାର୍ଥ କଟ୍ଟାରିଆ ସୂଚନା ଦେଇଛନ୍ତି । ସୋମନାଥ କୁ ରାସ୍ତାରୁ ହଟାଇବା ଲାଗି ସଞ୍ଜୁ ଓ ତାର ସହଯୋଗୀମାନେ ପୂର୍ବରୁ ଯୋଜନା କରିଥିଲେ । ଏନେଇ ଚୋରା ଗାଡି ବ୍ୟବହାର କରିବା ଲାଗି ବ୍ରାଉନସୁଗର ମାଫିଆ ସଞ୍ଜୟ ପ୍ରଧାନ ଓରଫ ସଞ୍ଜୁ ଜଣକୁ ନିଦ୍ରେଦଶ ଦେଇଥିଲା । ଏହି କ୍ରମରେ ଦୁଇଟି ଚୋରାଗାଡି ଯଥା ବୋଲେରୋ ଏବଂ ବୋଲେରୋ ପିକଅପ ଭ୍ୟାନ କୁ ବ୍ୟବହାର କରାଯାଇ ଗତ ୭ ତାରିଖ ରାତି ପ୍ରାୟ ୯.୩୦ରେ ସଞ୍ଜୁ ଓ ତାର ସହଯୋଗୀମାନେ ଠେଙ୍ଗାହାଟ ଛକଠାରେ ସୋମନାଥ ଠିଆ ହୋଇଥିବାବେଳେ ଆଖିବୁଜା ୮ରାଉଣ୍ଡ ଗୁଳିମାଡ କରିଥିଲେ । ଗୁଳି ତାଙ୍କ ହାତ, ଛାତି ଓ ପିଠିରେ ବାଜିଥିଲା । ତାଙ୍କୁ ଗୁରୁତର ଅବସ୍ଥାରେ ଖୋର୍ଦ୍ଧା ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା । ଚିକିତ୍ସାଧିନ ଅବସ୍ଥାରେ ସୋମନାଥଙ୍କର ହୋଇଥିଲା ମୃତ୍ୟୁ ।ଏନେଇ ଭାନୁମତି ଭୁଜବଳଙ୍କ ଅଭିଯୋଗ ଉପରେ ପୁଲିସ ୩୫୧ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଏସପି କହିଥିଲେ । ଏହି ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ମୁକୁନ୍ଦପ୍ରସାଦ ଜେନାସାହୀ ର ସାହିତ୍ୟ ବେହେରା ଓରଫ କାହ୍ନା (୩୧) ଓ ମେନରୋଡ ପିଏନ କଲେଜ ଛକ ର ରାଜ ଦଳବେହେରା (୨୩)ଙ୍କୁ ପୁଲିସ ଗିରଫ କରିଛି । ଅନ୍ୟତମ ଅଭିଯୁକ୍ତ ବ୍ରାଉନସୁଗର ମାଫିଆ ସଞ୍ଜୁ ଓ ଅନ୍ୟ ମାନେ ଫେରାର ଅଛନ୍ତି । ଗିରଫ ଅଭିଯୁକ୍ତଙ୍କ ନିକଟ ରୁ ବ୍ୟବହୃତ ପିକଅପ ଭ୍ୟାନ, ବୋଲେରୋ ଓ ସ୍କପିଓ, ୨ଟି ଷ୍ଟିଲ ଖଣ୍ଡା ଜବତ ହୋଇଛି ବୋଲି ଶ୍ରୀ କଟ୍ଟାରିଆ କହିଛନ୍ତି । ତେବେ ଘଟଣାର ଅଧିକ ତଦନ୍ତ ଜାରି ରହିଥିବାବେଳେ ଖୁବଶୀଘ୍ର ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ଦିଲ୍ଲୀପ ଦାସ, ଥାନାଧିକାରୀ ତାରିକ ଅହମଦ ପ୍ରମୁଖ ଉପସ୍ଥିତ ଥିଲେ ।

# ନିଖିଳ ଓଡ଼ିଶା ଭେଟେରାନ ସୈନିକ ସଂଘର ପ୍ରତୀକ ଧାରଣା




ବାଲେଶ୍ୱର, ୦୨/୦୭ (ନି.ପ୍ର): ଫେଡେରେସନ ଅଫ ଭେଟେରାନ୍ସ ଆସୋସିଏସନ ନେତୃତ୍ୱରେ ସମଗ୍ର ଦେଶରେ ଜାରି ରହିଥିବା ପୂର୍ବତନ ସୈନିକ ଓ ବୀରନାରୀଙ୍କ 'ଆମରଣ ଅନଶନ'କୁ ସମର୍ଥନ ଜଣାଇ ଅଲ ଓଡିଶା ଭେଟେରାନ ସୈନିକ ସଂଘର ବାଲେଶ୍ୱର ଶାଖା ପକ୍ଷରୁ ପ୍ରତୀକ ଧାରଣା ଅନୁଷ୍ଠିତ ହୋଇଯାଇଛି । ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ଧାରଣାରେ ଜିଲା ସଭାପତି ଚନ୍ଦ୍ରମଣି ମହାପାତ୍ର ଯୋଗଦେଇ ପ୍ରତିବାଦ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । କେନ୍ଦ୍ର ସରକାରଙ୍କ ପକ୍ଷରୁ ଲାଗୁ 'ୱାନ ର୍ୟାଙ୍କ ୱାନ ପେନସନ' ସୈନିକଙ୍କ ସ୍ୱାର୍ଥରକ୍ଷାରେ ଅନ୍ତରାୟ ହୋଇଛି ବୋଲି ସେ କହିଥିଲେ। ସୈନିକଙ୍କୁ ଅଣଦେଖା କରି ଏମଏସପି ଅଫିସରଙ୍କୁ ଅଧିକ ଲାଭ, ଅଫିସରଙ୍କୁ ଅଧିକ ଡିସେବିଲିଟି ପେନସନ, ସିଏସଡି କ୍ୟାଣ୍ଟିନରେ ଅଫିସର ଓ ସୈନିକଙ୍କ ମଧ୍ୟରେ ପାତରଅନ୍ତର, ଇସିଏଚଏସ ଚିକିତ୍ସାରେ ପାତର ଅନ୍ତର କାହିଁକି ବୋଲି ଶ୍ରୀ ମହାପାତ୍ର ପ୍ରଶ୍ନ କରିଥିଲେ । ଯୁଦ୍ଧ କ୍ଷେତ୍ରରେ ପ୍ରାଣବଳି ଦେଇଥିବା ସୈନିକଙ୍କ ବିଧବା ବୀରନାରୀଙ୍କୁ ଉଚିତ ପେନସନ ପ୍ରଦାନ କରାଯାଉନଥିବା ବେଳେ ଏକ୍ସ ସୈନିକଙ୍କ ପେନସନ ହ୍ରାସ ହୋଇଥିବା ସେ ଆରୋପ ଉଠାଇଥିଲେ। ଓଆରଓପି - ୨ରେ ରହିଥିବା ବିସଙ୍ଗତି ଦୂରପାଇଁ ପୂର୍ବରୁ ଫେଡେରେସନ ଅଫ ଭେଟେରାନସ ଆସୋସିଏସନ ପରମର୍ଶ କ୍ରମେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା । ଏହା ସହିତ ସୁପ୍ରିମକୋର୍ଟରୁ ଅବସର ନେଇଥିବା ତିନି ଜଣ ବିଚାରପତିଙ୍କ ମିଳିତ କମିଟି ଗଠନ ମାଧ୍ୟମରେ ଓଆରଓପି - ୨ର ବିସଙ୍ଗତି ଅନୁଧ୍ୟାନ ପାଇଁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଛି । ମାତ୍ର ପୂର୍ବତନ ସୈନିକ ଓ ବୀରନାରୀଙ୍କ ନ୍ୟାୟ ସଙ୍ଗତ ଦାବି ପ୍ରତି ସରକାରଙ୍କ ଉଦାସୀନତା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ ବୋଲି ଶ୍ରୀ ମହାପାତ୍ର କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଧରରେନ୍ଦ୍ର କୁମାର ପଣ୍ଡା, କୈଳାସ ଚନ୍ଦ୍ର ବେହେରା, ଦିଗମ୍ବର ପାଲ, ନେପାଳୀ ବେହେରା, ଶ୍ୟାମସୁନ୍ଦର ବେହେରା, ଗୌରାଙ୍ଗ ଚନ୍ଦ୍ର ଜେନା, ଅମୂଲ୍ୟ କୁମାର ଦାସ, ବ୍ରହ୍ମାନନ୍ଦ ପ୍ରଧାନ, ବିଜୟ କୁମାର ଗିରି, କମଳ ଲୋଚନ ବେହେରା, ବିଷ୍ଣୁମୋହନ ଦାସ, ଦେବେନ୍ଦ୍ର ପତି, ନାରାୟଣ ଚନ୍ଦ୍ର ମହାପାତ୍ର, ପରମେଶ୍ୱର ବାରିକ ପ୍ରମୁଖଙ୍କ ସମେତ ଅଲ ଓଡିଶା ଭେଟେରାନ ସୈନିକ ସଂଘ, ବାଲେଶ୍ୱର ଶାଖାର ବହୁ ସଦସ୍ୟ ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

# ପଞ୍ଚାୟତସ୍ତରୀୟ କୃଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ନୀଳଗିରି , ୦୨/୦୭ (ନି.ପ୍ର): ବାଉଁଶ ବଣିଆ ପଞ୍ଚାୟତ ରେ ପଞ୍ଚାୟତ ସ୍ତରୀୟ ଚାଷୀ ମାନଙ୍କୁ ନେଇ ଦିବା ୩ଘଟିକା ସମୟରେ ଏସ ଏସ ଏଗ୍ରୋ ଟ୍ଟେ ର କୃଷକ ପ୍ରଶିକ୍ଷକ ଜୟନ୍ତ ଦାସ କୃଷକ ମାନଙ୍କୁ ପ୍ରଶିକ୍ଷଣ ଦେଇ ମା ବିହନ କୁ ପ୍ରୟୋଗ କରି ଉନ୍ନତ ପ୍ରଣାଳୀ ର ଚାଷ କରାଗଲେ ଅଧିକ ଅମଳ କ୍ଷମ ହୋଇ ପାରିବକ୍ଷ ସହିତ ଚାଷୀ ମାନେ ଅଧିକ ଲାଭବାନ ହୋଇ ପାରିବେ,ବୋଲି ମତବ୍ୟକ୍ତ କରିଥିଲେ। ଏହି ପ୍ରଶିକ୍ଷଣ ସଭା ରେ ଏସ ଏସ ଏଗ୍ର ଟେକ ର ଡିଲର ସଞ୍ଜୟ ଭୋଳ ଉପସ୍ଥିତ ରହି ପ୍ରାକୃତିକ ବିପର୍ଯ୍ୟୟ ସମୟରେ କେଉଁ ବିହନ କେତେ ଦିନ ମଧ୍ୟରେ ଅମଳକ୍ଷମ ହୋଇ ପାରିବ ସେ ବିଷୟରେ ପ୍ରାଞ୍ଜଳ ଭାବରେ ବୁଝାଇ ଥିଲେ।ଏହି ପ୍ରଶିକ୍ଷଣ ଶିବିର ରେ ସଭାପତି ସ୍ଥାନୀୟ ସରପଞ୍ଚ ପ୍ରକାଶ କଲେ କି ଚଳିତ ଖରିଫ ଋତୁ ରେ ଆମ ଅଞ୍ଚଳ ରେ ମୌସୁମୀ ବର୍ଷା ବିଳମ୍ବ ହେଉ ଥିବାରୁ ଆମ୍ଭେ ମାନେ ୧୫୦ ଦିନ ଧାନ ବଦଳ ରେ ୧୨୦ ଦିନିଆ କିମ୍ବା ମୌସୁମୀ ବର୍ଷା ଅଧିକ ବିଳମ୍ବ ହେଲେ ୧୦୦ ଦିନିଆ ଧାନ ଚାଷ ନକଲେ ନିଶ୍ଚିତ ଭାବରେ ଚାଷୀ ମାନେ କ୍ଷତି ଗ୍ରସ୍ତ ହେବେ।, ତତ୍ ସହିତ ଜୈବିକ ସାର ଧାନ କ୍ଷେତ ରେ ଅଧିକ ପ୍ରୟୋଗ କରିବା ପାଇଁ ଚାଷୀ ମାନଙ୍କୁ ପରାମର୍ଶ ଦେଇଥିଲେ । ଜୈବିକ ପ୍ରଣାଳୀ ରେ ଚାଷ ନ କଲେ ଭବିଷ୍ୟତରେ ଚାଷୀ ମାନେ ଅସୁବିଧାରେ ସମ୍ମୁଖୀନ ହେବାକୁ ବାଧ ହେବେ, । ଏହି ପ୍ରଶିକ୍ଷଣ ଶିବିର ରେ ବାଉଁଶ ବଣିଆ ପଞ୍ଚାୟତ ର ସମସ୍ତ ୱାର୍ଡ ସଭ୍ୟ ସଭ୍ୟା, ନ୍ୟାୟବ ସରପଞ୍ଚ ଓ ନିଜଗଡ ସେବା ସମବାୟ ସମିତି ର ବୋର୍ଡ ଡାଇରେକ୍ଟର ହରେକୃଷ୍ଣ ପଣ୍ଡିତ, ନିରଞ୍ଜନ ଜେନା, ଦୀପକ ନାୟକ, ଲକ୍ଷ୍ମୀଧର ମହାପାତ୍ର, ଓ ସମାଜ ସେବୀ ସନାତନ ପ୍ରଧାନ, ବିଜୟ ଗିରି, ବିକ୍ରମ ମିଶ୍ର, ନଟବର ନାୟକ, ବାସନ୍ତୀ ନାୟକ, ଯୋଗଦାନ କରିଥିଲେ।

# ନିର୍ମାଣାଧିନ କେଶପୁରା-ସରସିଦା ରାସ୍ତାର ଡାଇଭର୍ସନ ମରାମତି ଲାଗି ବିଜେପିର ଦାବି



ଜଳେଶ୍ୱର , ୦୨/୦୭ (ନି.ପ୍ର): ଜଳେଶ୍ୱର ବ୍ଲକର ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କେଶପୁରଠାରୁ ସରସିଦା ରାସ୍ତାର ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି । ଏବେ ବର୍ଷାଋତୁ ଆସିଥିବାରୁ ବିଭିନ୍ନ ସ୍ଥାନରେ କାଦ ପଚପଚ ଓ ଖାଲୁଆସ୍ଥାନ ହୋଇଥିବାରୁ ପାଣିରେ ବୁଡି ରହିଛି । ନିକଟରେ ଏକ ସ୍ଥାୟୀ ପୋଲ ନିର୍ମାଣ ହେଉଥିବାରୁ ଅସ୍ଥାୟୀ ରାସ୍ତା ନ ଥିବାରୁ ଗ୍ରାମବାସୀଙ୍କ ଜାତାୟାତରେ ବ୍ୟାଘାତ ସୃଷ୍ଟି ହେଉଛି । ଅଭିଯୋଗ ପାଇ ବାଲେଶ୍ୱର ସାଂସଦ ପ୍ରତାପଚନ୍ଦ୍ର ଷଡଙ୍ଗୀଙ୍କ ନିର୍ଦ୍ଦେଶରେ ଜଳେଶ୍ୱରର ଏକ ପ୍ରଅତିନିଧି ମଣ୍ଡଳୀ ଉକ୍ତ ରାସ୍ତା ତଦାରଖ ଓ ଅସ୍ଥାୟୀ ରାସ୍ତା ପରିଦର୍ଶନ କରିଥିଲେ । ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ଉପସ୍ଥିତିରେ ପାଇକସିଦା, ସରସୀଦା ଗ୍ରାମବାସୀଙ୍କ ଯାତାୟାତ ଲାଗି ଏକ ଅସ୍ଥାୟୀ ରାସ୍ତା ନିର୍ମାଣ ସ୍ଥିର ହୋଇଛି । ଏଥିରେ ନଗର ସଭାପତି ଫାଲଗୁନୀ ପାଣିଗ୍ରାହୀ, ସାଂସଦ ପ୍ରତିନିଧି ସାନ୍ତନୁ ପଟ୍ଟନାୟକ, ଜିଲା ଉପସଭାପତି ପ୍ରବୀର ପ୍ରଧାନ, ଯୁବନେତା ସିଦ୍ଧାର୍ଥ ଶଂକର ପାଳ, ବିଜୟ ସାମଲ, ପୂର୍ବତନ ସରପଂଚ ରମାନାଥ ଗିରିଙ୍କ ସହିତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ଡ୍ରାଇଭର ସଂଘର ବନ୍ଧୁମିଳନ

ନୀଳଗିରି , ୦୨/୦୭ (ନି.ପ୍ର): ନୀଳଗିରି ଡ୍ରାଇଭର ସଂଘ ଶାଖା ଆନୁକୁଲ୍ୟରେ ରାଜବରହମପୁର ମିନି ଷ୍ଟାଡିୟମ ଠାରେ ରାଜ୍ୟ ଓ ନୀଳଗିରି ଡ୍ରାଇଭର ସଂଘର ସଦସ୍ୟ ମାନଙ୍କୁ ନେଇ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବହୁ ଦିନର ସଂଘର୍ଷ ପରେ ସରକାର ଡ୍ରାଇଭର ମାନଙ୍କୁ ମୃତ୍ୟୁ କାଳୀନ ଭତ୍ତା ସହ ସ୍ୱାସ୍ଥ୍ୟବୀମା ଯୋଗାଇଦେବାକୁ ସହମତି ପ୍ରକାଶ କରିଛନ୍ତି। ଏନେଇ ରାଜ୍ୟ ଡ୍ରାଇଭର ସଙ୍ଘସଭାପତି ଦୀପକ କୁମାର ନାୟକ ଉପସ୍ଥିତ ସଭ୍ୟମାନଙ୍କୁ ସମସ୍ତ ବିଷୟ ଆଲୋଚନା କରିବା ସହିତ ସମସ୍ତ ଡ୍ରାଇଭର ବନ୍ଧୁମାନେ ବୀମା କରିବା ପାଇଁ ଅନୁରୋଧ କରିଥିଲେ।ଏହି ବୈଠକରେ ଓଡ଼ିଶାର ୬ଗୋଟି ଜିଲ୍ଲାର କର୍ମକର୍ତା ମାନେ ଉପସ୍ଥିତ ଥିଲେ।ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କୋଷାଧ୍ୟକ୍ଷ ସୁଧାକର ସାହୁ, ବ୍ରହ୍ମପୁର ସଭାପତି ରମେଶ ମଲ୍ଲିକ, ସଂପାଦକ ଚକରା ମୁର୍ମୁ, କୋଷାଧ୍ୟକ୍ଷ ରବୀନ୍ଦ୍ର ସିଂ, ଗଜେନ୍ଦ୍ର ସାହୁ, ରବୀନ୍ଦ୍ର ମଲ୍ଲିକ, ସୁଧାକର ସାହୁ, ଉମାକାନ୍ତ ଦାସ,ବିଚିତ୍ର ପାତ୍ର, ରବୀନ୍ଦ୍ର ପଢ଼ିଆର, ଶିବଶିଷ ସେଠୀ, ରବିନାରାୟଣ ମଣ୍ଡଳ, ହରଭଜନ ସିଂ ସୁଶାନ୍ତ ପଲେଇ ପ୍ରମୁଖ ଉପସ୍ଥିତ ଥିଲେ।


## ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ ବିହାରୀ ଚରଣ ଭୂୟାଁ
ରାଜାବଗିଚା, ବାଲେଶ୍ୱର
ଆର୍ବିଭାବ:୦୧.୦୧.୧୯୪୨
ତିରୋଧାନ:୨୪.୦୬.୨୦୨୩
ଆପଣଙ୍କ ଅମର ଆତ୍ମାର ଶାନ୍ତି ଏବଂ ସଦଗତି ନିମନ୍ତେ
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ଆତ୍ମୀୟସ୍ୱଜନ ଓ ପରିବାରବର୍ଗ


# ଜୁଲାଇ ୬ରେ ମୟୁରଭଞ୍ଜ ବନ୍ଦ କରିବ ଭଞ୍ଜସେନା

## ଶିମିଳିପାଳ ସୁରକ୍ଷା ଦାବିରେ ହେଉଥିବା ବନ୍ଦ ପାଇଁ ପ୍ରସ୍ତୁତି ବୈଠକ



ବାରିପଦା , ୦୨/୦୭ (ନି.ପ୍ର): ଆସନ୍ତା ୬ ତାରିଖ ଶିମିଳିପାଳର ଉପଯୁକ୍ତ ସୁରକ୍ଷା ଓ ବିକାଶ ଦାବିରେ ଭଞ୍ଜସେନା ପକ୍ଷରୁ ୧୨ ଘଣ୍ଟିଆ ସମ୍ପୂର୍ଣ୍ଣ ମୟୁରଭଞ୍ଜ ବନ୍ଦ ଡାକରା ଦିଆ ଯାଇଥିବା ପରିପ୍ରେକ୍ଷୀରେ ମୟୂରଭଞ୍ଜ ବନ୍ଦକୁ ସଫଳ କରିବା ନେଇ ଆଜି ବାରିପଦା ଠାରେ ଭଞ୍ଜସେନାର ନେତୃମଣ୍ଡଳୀ ମାନଙ୍କ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଉପାୟରେ ସଂଗଠନର ନେତୃମଣ୍ଡଳୀ ଏବଂ କର୍ମକର୍ତ୍ତା ମାନେ ଅତ୍ୟାବଶ୍ୟକୀୟ ତଥା ଜରୁରୀକାଳୀନ ସେବାକୁ ଛାଡ଼ି ସମସ୍ତ ଶିକ୍ଷାନୁଷ୍ଠାନ, ସରକାରୀ ତଥା ବେସରକାରୀ କାର୍ଯ୍ୟାଳୟ, ବାଣିଜ୍ୟିକ ଅନୁଷ୍ଠାନ , ବସ୍ ଟ୍ରକ ସେବା ମାନଙ୍କରେ ପିକେଟିଂ କରିବାର ନିଷ୍ପତ୍ତି ନେଇଛନ୍ତି. ସମସ୍ତ ମୟୂରଭଞ୍ଜ ପ୍ରେମୀ ଓ ଶିମିଳିପାଳ ପ୍ରେମୀ ମାନଙ୍କୁ ଏହି ବନ୍ଦକୁ ସମର୍ଥନ କରିବା ପାଇଁ ସେନା ତରଫରୁ ଅନୁରୋଧ କରା ଯାଇଛି । ଏହି ବୈଠକ ଭଞ୍ଜସେନାର ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ ଉପାଧକ୍ଷ ନିମାଇଁ ତ୍ରିପାଠୀ, ଓବିସି ସେଲ ସଭାପତି ରାକେଶ ବେହେରା, ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦା, କାର୍ଯ୍ୟକାରୀ ସଭାପତି ସାମନ୍ତ ଶେଖର ପାଲ୍, ଯୁବ ସଭାପତି ସୌମ୍ୟରଞ୍ଜନ ମିଶ୍ର, ଉପସଭାପତି ରାକେଶ ମହାନ୍ତି, ସାଫଲ୍ୟ ମିଶ୍ର, ପ୍ରଶାନ୍ତ ମହାକୁଡ, ଯୁବ ଛାତ୍ର ସଂଯୋଜକ ଏସକେ ରାଜା ଖାନ, ଛାତ୍ର ସଭାପତି ପ୍ରିତମ୍ ପଣ୍ଡା, ବାରିପଦା ଉପଖଣ୍ଡ ସଭାପତି ଜ୍ୟୋତିରଂଜନ ପୃଷ୍ଟି, ବାରିପଦା ଉପଖଣ୍ଡ ଆଦିବାସୀ ଶାଖା ସଭାପତି ସିଂରାୟ ହେମ୍ବ୍ରମ୍, ସାଧାରଣ ସମ୍ପାଦକ ଧନଞ୍ଜୟ ସାହୁ, ଛାତ୍ର ନେତା ଅମିତ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Managing & Executive Editor : Srustidhar Parida
❒ Editor: Sairindhree Sahoo